CMYK

- Vol.- 46, Issue No. 226
- Monday, 17 November 2025
- ସୋମବାର, ୧୭ ନଭେମ୍ବର ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ନୂଆ ରୂପ ନେବ ତୁଳସୀକ୍ଷେତ୍ରର ପ୍ରାଣକେନ୍ଦ୍ର



## ବଳଦେବଜୀଉ ପରିକ୍ରମା ପ୍ରକଳ୍ପ ପାଇଁ ପ୍ରାୟ ୧୦୦ କୋଟି
## ଶୀଘ୍ର ଚୂଡ଼ାନ୍ତ ଡିପିଆର୍ ହେବ ପ୍ରସ୍ତୁତ

ଭୁବନେଶ୍ୱର, ୧୬।୧୧(ନିପ୍ର): ଚଳିତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେବ ବଳଦେବଜୀଉ ପରିକ୍ରମା ପ୍ରକଳ୍ପ। ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ଭିତ୍ତିଭୂମି ବାବଦକୁ ପ୍ରାୟ ୧୦୦ କୋଟି ଟଙ୍କାର ବଳଦେବଜୀଉ ପରିକ୍ରମା ପ୍ରକଳ୍ପ ପାଇଁ ସରକାରଙ୍କ ପରିଯୋଜନା । ବଳଦେବଜୀଉ ପରିକ୍ରମା ପ୍ରକଳ୍ପ ନେଇ ସମୀକ୍ଷା ପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ରବିବାର କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ବୈଠକ କରିଥିଲେ ଆଇନ ମନ୍ତ୍ରୀ । ଆଇନ ମନ୍ତ୍ରୀଙ୍କ ବାସଭବନରେ ଆୟୋଜିତ ବୈଠକରେ ଉପସ୍ଥିତ ଥିଲେ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏଣ୍ଡାଉମେଣ୍ଟ କମିଶନର ସହ ଅନ୍ୟ ଅଧିକାରୀ । ବଳଦେବଜୀଉ ପ୍ରକଳ୍ପ ନେଇ ପୂର୍ବରୁ ୩ ରୁ ୪ ଥର ବୈଠକ ହୋଇଛି । ମନ୍ଦିରର ସେବକ, ଟ୍ରଷ୍ଟ ବୋର୍ଡ, ସ୍ଥାନୀୟ ଲୋକ ଏବଂ ଜନ ପ୍ରତିନିଧିଙ୍କ ସହ ବି ଆଲୋଚନା ହୋଇଛି । ଖୁବଶୀଘ୍ର ପ୍ରକଳ୍ପ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ବୈଠକରେ ସାଂସଦ ତାଙ୍କର ମତାମତ ରଖିଛନ୍ତି । ବହୁତ ଶୀଘ୍ର ସୌନ୍ଦର୍ଯ୍ୟକରଣ ଏବଂ ଆନୁସଙ୍ଗିକ ଭିତ୍ତିଭୂମି ବାବଦକୁପ୍ରାୟ ୧୦୦ କୋଟିର ପ୍ରକଳ୍ପହୋଇପାରେ । ବହୁତ ଶୀଘ୍ର ଏହାର ଚୂଡ଼ାନ୍ତ ଡିପିଆର ପ୍ରସ୍ତୁତ ହେବ । ଚଳିତ ଆର୍ଥିକ ବର୍ଷ ଭିତରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ।

## ୧୨ ଡିଗ୍ରୀ ତଳେ ୧୩ ସହର
## ଜି.ଉଦୟଗିରିରେ ପାରଦ ୫.୮ ଡିଗ୍ରୀ
## ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର

ଭୁବନେଶ୍ୱର, ୧୬।୧୧: ଖସୁଛି ପାରଦ, ବଢୁଛି ଶୀତ। ରାତି ବଢିଲେ ଶୀତ ବଢ଼ିବାରେ ଲାଗୁଛି। ଦିନରେ ଥଣ୍ଡାର ପ୍ରକୋପ ଅନୁଭବ ହେଉଥିବାବେଳେ ରାତିରେ ଏହା ଆହୁରି ବୃଦ୍ଧି ପାଇ ବିନା ଗରମ ପୋଷାକ କିମ୍ବା ବିନା ନିଆଁରେ ରହିବା କଷ୍ଟକର ହୋଇପଡୁଛି। ରବିବାର ୧୨ ଡିଗ୍ରୀ ତଳେ ରହିଛି ୧୩ ସହରର ତାପମାତ୍ରା। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୫.୮ ଡିଗ୍ରୀ ରେକର୍ଡ ହୋଇଛି। ସେମିଲିଗୁଡାରେ ୭.୪, ଦାରିଙ୍ଗବାଡିରେ ୮, ଫୁଲବାଣୀରେ ୯ ଡିଗ୍ରୀ ତାପମାତ୍ରା ରହିଛି। ଏବଂ ଦ୍ୱୈତ ମହାନଗରୀରେ ତାପମାତ୍ରା ୧୩ ଡିଗ୍ରୀ ରେକର୍ଡ ହୋଇଥିବା ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ଆଭ୍ୟନ୍ତରୀଣରୁ ନେଇ ଉପକୂଳ, ପଶ୍ଚିମରୁ ନେଇ ଦକ୍ଷିଣ ଓଡ଼ିଶା ସବୁଠି ଶୀତର ଲହରୀ ଦେଖିବାକୁ ମିଳୁଛି । ଆଗାମୀ ୨ ଦିନ ଯାଏଁ ଏଭଳି ସ୍ଥିତି ଜାରି ରହିବ । ସେପଟେ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି ।

## ଶ୍ୱେତପର୍ଣ୍ଣାଙ୍କୁ ୩୩ତମ ଏକଲବ୍ୟ ପୁରସ୍କାର



ଭୁବନେଶ୍ୱର, ୧୬।୧୧: ବ୍ୟାଡମିଣ୍ଟନ ଜଗତର ଅନନ୍ୟ ପ୍ରତିଭା ଓଡ଼ିଶାର ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଆଜି ଚଳିତ ବର୍ଷର ୩୩ତମ ଏକଲବ୍ୟ ପୁରସ୍କାର ଭୁବନେଶ୍ୱରର ମେଫେୟାର କନଭେନସନ ଠାରେପ୍ରଦାନ କରାଯାଇଛି । ତାଙ୍କୁ ଟ୍ରଫି ସହିତ ୭ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ଉପବିଜେତା ଭାରୋତ୍ତୋଳକ ପ୍ରୀତିସ୍ମିତା ଭୋଇ ଏବଂ ଟେନିସ୍ ଖେଳାଳି ଆହାନଙ୍କୁ ମଧ୍ୟ ଜାତୀୟ ଏବଂଅନ୍ତର୍ଜାତୀୟ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା । ମାନପତ୍ର ବ୍ୟତୀତ, ପୁରସ୍କାରପ୍ରଦାନ ଉତ୍ସବରେ ସେମାନଙ୍କୁ ୧.୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶାର ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବରେ ଏବଂ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଆଇପିଏସ୍ (ଅବସରପ୍ରାପ୍ତ) ସମ୍ମାନିତଅତିଥି ଭାବରେ ଯୋଗ ଦେଇଥିଲେ। ଏକଲବ୍ୟ ପୁରସ୍କାର କମିଟି-୨୦୨୫ର ଅଧ୍ୟକ୍ଷ ଏବଂ ଇମ୍ପାକ୍ଟର ଟ୍ରଷ୍ଟିବୈଜୟନ୍ତ ପଣ୍ଡା ସମ୍ମାନିତ ଜୁରି ସଦସ୍ୟଙ୍କ ସହିତ ଉପସ୍ଥିତ ଥିଲେ। ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡାଙ୍କ ଧନ୍ୟବାଦ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ଏବଂ ପୁରସ୍କାର ବିତରଣ ଉତ୍ସବକୁ ଏକଲବ୍ୟ ପୁରସ୍କାର କମିଟି-୨୦୨୫ର ସଂଯୋଜକ ଏବଂ ଇମ୍ପା କର୍ପୋରେଟ୍ ବ୍ୟାପାର ମୁଖ୍ୟ ଅଶ୍ୱିନୀ ପ୍ରସାଦ ମହାନ୍ତି ପରିଚାଳନା କରିଥିଲେ।

## ଆତ୍ମସମର୍ପଣ କଲେ ମାଓବାଦୀ ଦମ୍ପତି

ଫୁଲବାଣୀ, ୧୬।୧୧ : ୨୦୨୬ ସୁଦ୍ଧା ଜିଲାକୁ ମାଓମୁକ୍ତ କରିବା ଲକ୍ଷ୍ୟ ନେଇ ଅଭିଯାନ ଚାଲୁ ରଖିଛି କନ୍ଧମାଳ ପୁଲିସ। ନିକଟ ଅତୀତରେ ଅନେକ କ୍ୟାଡର ମାଓବାଦୀ ସୁରକ୍ଷା ବାହିନୀ ସହିତ ଏନକାଉଣ୍ଟରରେ ମୃତ୍ୟୁବରଣ କରିଥିବା ବେଳେ ଅନେକ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି କ୍ରମରେ ରବିବାର ପୁଣି ମାଓବାଦୀ ସଙ୍ଗଠନର ଏକ ଦମ୍ପତି ପୁଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଛତିଶଗଡ଼ ସୁକମା ଜିଲ୍ଲା ପାରଲାଗାଟା ଗ୍ରାମର ଉଙ୍ଗା କଲମା ଓରଫ କିଶୋର(୨୫) ଓ ସୁକମା ଜିଲ୍ଲା ବାଜେ ଥାନା ଗୁମୁ ପଞ୍ଚାୟତର କିଣ୍ଡରାମ ଗ୍ରାମର ମାସେ ମାଣ୍ଡଭୀ(୨୨)।ଏମାନେ ୨୦୧୮ ମସିହାରେ ଲାଲ ବାହିନୀରେ ଯୋଗ ଦେଇ ବାଶଧାରା-ଘୁମୁସର-ନୟାଗଡ଼(ବିଜିଏନ୍) ସଙ୍ଗଠନରେ ପାର୍ଟି ସଦସ୍ୟ ହିସାବରେ କାମ କରୁଥିଲେ।

## ପୁଲିସ ସହ ଧସ୍ତାଧସ୍ତି: ୨ ବାଂଲାଦେଶୀ ଅଟକ

ଜଗତସିଂହପୁର, ୧୬।୧୧ : ସଦର ଥାନା ବେହେରାମପୁର ବସ୍ତିରେ ପୁଲିସ ରବିବାର ଚଢ଼ାଉ କରି ଦୁଇ ସନ୍ଦିଗ୍ଧ ବାଂଲା ଦେଶୀଙ୍କୁ ଅଟକ ରଖିଛି। ଚଢାଉ ବେଳେ ପୁଲିସ ବନ୍ଧୁକ ଜବତ କରିଛି। ବେହେରାମପୁର ବସ୍ତିରେ ୩୦ ରୁ ଅଧିକ ସନ୍ଦିଗ୍ଧ ବାଂଲାଦେଶୀ ଭଡା ଘରେ ରହୁଥିଲେ। ଚଢ଼ାଉ ବେଳେ ୧୦ ରୁ ଅଧିକ ଫେରାର ହୋଇଯାଇଛନ୍ତି। ଘଟଣା ସ୍ଥଳରେ ଦୁଇ ପ୍ଲାଟୁନ ପୁଲିସ ମୁତୟନ ହୋଇଥିବା ଏକ ସୂତ୍ରରୁ ପ୍ରକାଶ।

## ଏନକାଉଣ୍ଟରରେ: ପୁରସ୍କାର ଘୋଷିତ ୩ ମାଓବାଦୀ ନିହତ

ସୁକମା, ୧୬।୧୧: ଛତିଶଗଡ଼ର ସୁକମା ଜିଲ୍ଲାର ଭେଜି ଏବଂ ଚିନ୍ତାଗୁଫା ପୋଲିସ ଷ୍ଟେସନ ସୀମାନ୍ତ ଟୁମାଲପାଡ ଜଙ୍ଗଲରେ ସୁରକ୍ଷା ବାହିନୀର ଏନକାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଛନ୍ତି । ଡିଆରଜି ଟିମ୍ ଦ୍ୱାରା ଦୁଇ ମହିଳା ମାଓବାଦୀଙ୍କ ସମେତ ୩ ମାଓ କ୍ୟାଡରଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଅଞ୍ଚଳରେ ସର୍ଚ୍ଚ ଅପରେସନ ଚାଲିଛି । ସୁକମା ଏସ୍‌ପି କିରଣ ଚହ୍ୱାନ ରବିବାର ସକାଳେ ଏହି ଏନକାଉଣ୍ଟରକୁ ନିଶ୍ଚିତ କରି କହିଛନ୍ତି ଯେ, ନଭେମ୍ବର ୧୬ ତାରିଖରେ ସୁକମା ଜିଲ୍ଲାର ଭେଜି ଏବଂ ଚିନ୍ତାଗୁଫା ଥାନା ସୀମାନ୍ତ ଟୁମାଲପାଡ ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇ ଜିଲ୍ଲା ରିଜର୍ଭ ଗାର୍ଡ (ଡିଆରଜି) ର ଏକ ଟିମ୍ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା । ଆଜି ସକାଳେ ସର୍ଚ୍ଚ ଅପରେସନ ସମୟରେ ଡିଆରଜି ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ମଝିରେ ମଝିରେ ଗୁଳି ବିନିମୟ ହୋଇଥିଲା । ଟୁମାଲପାଡ ଏନକାଉଣ୍ଟର ସ୍ଥଳରେ ଏପର୍ଯ୍ୟନ୍ତ ଦୁଇ ମହିଳା ମାଓବାଦୀଙ୍କ ସମେତ ମୋଟ୍ ୩ ମାଓ କ୍ୟାଡର ନିହତ ହୋଇଛନ୍ତି।

## ବିପୁଳ ପରିମାଣର ବିସ୍ଫୋରକ ଜବତ



ମାଲକାନଗିରି, ୧୬।୧୧: ମାଲକାନଗିରି ପୋଲିସ ଓ ବିଏସଏଫ ଟିମ୍‌କୁ ମିଳିଛି ଆଉ ଏକ ସଫଳତା । ପାହାଡରେ ଥିବା ଏକ ଗୁମ୍ଫାରୁ ମିଳିଛି ବିପୁଳ ପରିମାଣର ମାଓବାଦୀଙ୍କ ବିସ୍ଫୋରକ ସାମଗ୍ରୀ। ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଦୁଲାଗୁଣ୍ଡି ଜଙ୍ଗଲରେ ବିଏସଏଫ ଯବାନଙ୍କ ଅପରେସନ ସମୟରେ ପାହାଡର ଏକ ଗୁମ୍ଫା ଭିତରେ ମାଓ ସାମଗ୍ରୀ ଥିବାର ସୂଚନା ପାଇଥିଲେ। ସତର୍କତା ସହ ମାଓ ସାମଗ୍ରୀ ଗୁଡିକ ଉଦ୍ଧାର କରିଥିଲେ । ସେଥି ମଧ୍ୟରେ ଥିଲା ଗୋଟିଏ ବନ୍ଧୁକ ,ବିପୁଳ ପରିମାଣର ଜୀବନ୍ତ ଗୁଳି,ଜିଲେଟିନ ଷ୍ଟିକ୍,ଲ୍ୟାଣ୍ଡ ମାଇନ ପରି ଅନେକ ମାଓ ସାମଗ୍ରୀ। ମାଓବାଦୀମାନେ ପୋଲିସକୁ ଟାର୍ଗେଟ କରିବା ପାଇଁ ଏହି ବିସ୍ଫୋରକ ସାମଗ୍ରୀ ବହୁଦିନ ତଳେ ରଖି ଥିବାର ପୋଲିସ ଅନୁମାନ କରୁଛି।

## ଦିଲ୍ଲୀ ବିସ୍ଫୋରଣ ୧୦/୧୧: ୯ ଏମ୍‌ଏମର ୩ କ୍ୟାଟ୍ରିଜ୍ ଠାବ

ନୂଆଦିଲ୍ଲୀ, ୧୬।୧୧; ୧୩ ଜୀବନ ନେଇଥିବା ଦିଲ୍ଲୀ ଆତଙ୍କୀ ବିସ୍ଫୋରଣ ଘଟଣାରେ ୨ଟି ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି । ଦିଲ୍ଲୀ ବ୍ଲାଷ୍ଟ ଅଞ୍ଚଳରେ ଛାନଭିନ୍ ବେଳେ ମଳିଛି ୯ ଏମ୍‌ଏମର ୩ଟି କ୍ୟାଟ୍ରିଜ୍ ଠାବ ହୋଇଛି। କେଉଁଠୁ ଆସିଲା କ୍ୟାଟ୍ରିଜ୍ ତାକୁ ନେଇ ପ୍ରଶ୍ନ ଉଠିଛି । ଘଟଣାସ୍ଥଳରୁ ବନ୍ଧୁକ କି ତାର କିଛି ପାର୍ଟ ମିଳିନଥିବା ବେଳେ ଖୋକା ଆସିଲା କେଉଁଠି ତାହା ବି ପ୍ରଶ୍ନ ଘେରରେ । ଆତଙ୍କୀ ଡାକ୍ତର ଉମର ଏଭଳି ବନ୍ଧୁକ ବ୍ୟବହାର କରୁଥିଲା ବୋଲି ସନ୍ଦେହ କରାଯାଇଛି । ସେପଟେ ଘରେ ବୋମା ତିଆରି କରୁଥିଲା ଆତଙ୍କୀ ଡାକ୍ତର ଉମର ନବି । ଘରେ ଲ୍ୟାବ କରି ବିସ୍ଫୋରକ ପରୀକ୍ଷଣ କରୁଥିଲା ଦିଲ୍ଲୀ ମାଷ୍ଟରମାଇଣ୍ଡ ଡାକ୍ତର ଉମନ ଉନ ନବୀ । ଅଲ୍ ଫଲହା ନିକଟସ୍ଥ ଘରେ କରିଥିଲା ସ୍ପେଶାଲ୍ ଲ୍ୟାବ୍ । ଦିଲ୍ଲୀ ପୁଲିସ ସୂତ୍ର ଅନୁଯାୟୀ, ବିସ୍ଫୋରଣ ସ୍ଥାନରୁ ୩ଟି ୯ଏମଏମ-କାଲିବର କ୍ୟାଟ୍ରିଜ୍ ମିଳିଛି ।ଏଥିମଧ୍ୟରୁ ଦୁଇଟି ଅଫୁଟା କ୍ୟାଟ୍ରିଜ୍ ଏବଂ ଗୋଟିଏ ଖାଲି ସେଲ୍ । ସାଧାରଣତଃ ସାଧାରଣ ନାଗରିକଙ୍କ ପାଇଁ ୯ଏମଏମ ପିସ୍ତଲ ଅନୁମତିପ୍ରାପ୍ତ ନୁହେଁ । ଏହି କ୍ୟାଟ୍ରିଜ୍ ସାଧାରଣତଃ କେବଳ ସଶସ୍ତ୍ର ବାହିନୀ କିମ୍ବା ପୁଲିସ ଅଧିକାରୀମାନେ ବ୍ୟବହାର କରନ୍ତି । ଘଟଣାସ୍ଥଳରୁ କୌଣସି ପିସ୍ତଲ କିମ୍ବା କୌଣସି ଅଂଶ ମିଳିନାହିଁ । କ୍ୟାଟ୍ରିଜ୍ ମିଳିଥିଲେ ମଧ୍ୟ ଗୁଳି ଚଳାଇବା ପାଇଁ ବ୍ୟବହୃତ ଅସ୍ତ୍ର ଏପର୍ଯ୍ୟନ୍ତ ମିଳିନାହିଁ । କ୍ୟାଟ୍ରିଜ୍ ସେଠାକୁ କିପରି ଆସିଲା ତାର ତଦନ୍ତ ଚାଲିଛି । ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲାରେ ହୋଇଥିବା ବ୍ଲାଷ୍ଟର ମାଷ୍ଟରମାଇଣ୍ଡ ଆତଙ୍କୀ ଡାକ୍ତର ଉମର ନବୀ ନିଜ ଘରେ ବିସ୍ଫୋରକ ପରୀକ୍ଷଣ କରୁଥିଲା । ଫରିଦାବାଦ ସ୍ଥିତ ଅଲ ଫଲହା ନିକଟସ୍ଥ ଭଡ଼ା ଘରେ କରିଥିଲା ସ୍ପେଶାଲ୍ ଲ୍ୟାବ୍। ଘରେ ହିଁ ବୋମା ଫ୍ୟାକ୍ଟ୍ରି କରିଥିଲା ।

### ମୁଖ୍ୟ ଅଭିଯୁକ୍ତ ସହଯୋଗୀ ଆମିର ଗିରଫ

ନୂଆଦିଲ୍ଲୀ, ୧୬।୧୧: ରାଜଧାନୀ ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ଘଟଣାରେ ଏନଆଇଏ ଏକ ବଡ଼ ପର୍ଦ୍ଦାଫାସ କରିଛି। ଏଥିରେ କୁହାଯାଇଛି, ଆତ୍ମଘାତୀ ବିସ୍ଫୋରଣକାରୀ ଆଇଇଡି ବ୍ୟବହାର କରି ଏକ କାର୍ ବୋମା ବିସ୍ଫୋରଣ କରିଥିଲା ଯେଉଁଥିରେ ୧୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଏହା ବ୍ୟତୀତ, ଏନ୍‌ଆଇଏ ଜମ୍ମୁ-କାଶ୍ମୀରର ପାମ୍ପୋରର ସାମ୍ବୁରାର ବାସିନ୍ଦା ଆମିର ରସିଦ ଅଲିଙ୍କୁ ଗିରଫ କରିଛି। ନଭେମ୍ବର ୧୦ରେ ହୋଇଥିବା ଆକ୍ରମଣ ପାଇଁ ବିସ୍ଫୋରଣକାରୀଙ୍କ ସହିତ ଷଡ଼ଯନ୍ତ୍ର କରିଥିଲା ବୋଲି ଅଭିଯୋଗ ହୋଇଛି, ଯେଉଁଥିରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୩୨ ଜଣ ଆହତ ହୋଇଥିଲେ। ବିସ୍ଫୋରଣରେ ବ୍ୟବହୃତ ଆଇ-୨୦ କାରଟି ଆମିର ନାମରେ ପଞ୍ଜୀକୃତ ହୋଇଥିଲା। ତଦନ୍ତକାରୀଙ୍କ କହିବା ଅନୁସାରେ, ସେ ବାହନ କିଣିବାରେ ସାହାଯ୍ୟ ପାଇଁ ଦିଲ୍ଲୀ ଯାଇଥିଲା। ଏହା ପୂର୍ବରୁ ତାକୁ ବାହନ-ଜନିତ ଆଇଇଡିରେ ସେ ପରିଣତ କରିଥିଲା। ଗିରଫ ଅଲି ମୁଖ୍ୟ ଅଭିଯୁକ୍ତ ନବୀର ସହଯୋଗୀ ଥିଲା ବୋଲି କୁହାଯାଇଛି।



## ୨୪ ଘଣ୍ଟାରେ ଗଲା ୬ ଜୀବନ

■ ବାଇକ-ସ୍କୁଟି ଧକ୍କାରେ ୨, ବାଇକ ଗଛରେ ପିଟି ଜଣେ ■ ଟ୍ରକ ଧକ୍କାରେ ୩ ବାଇକ ଆରୋହୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୬/୧୧: ଢେଙ୍କାନାଳ ସଦର ଥାନା ଢେଙ୍କାନାଳ କାମାକ୍ଷାନଗର ରାସ୍ତାର କମଗରା ବ୍ରିଜ୍ ଉପରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ସ୍କୁଟି ବାଇକ୍ ମଧ୍ୟରେ ଧକ୍କା ହୋଇ ଘଟଣା ସ୍ଥଳରେ ୨ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ମୃତ ଯୁବକ ଦ୍ୱୟ କେଉଟବେରେଣୀ ଗାଁର ବିଶ୍ୱ ପ୍ରସାଦ ବରାଳ(୨୧) ଓ ଗାଙ୍ଗୁଲି ବରାଳ । ଆହତଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ରବିବାର ଅପରାହ୍ନରେ ଆଛନ୍ଦ ଗାଁର ମନୁଆ ମଲ୍ଲିକ ଏକ ସ୍କୁଟିରେ ତାଙ୍କ ମା', ନାନୀ ଓ ଭଣଜାଙ୍କୁ ନେଇ ଗାଁକୁ ଫେରୁଥିଲେ । କାମାକ୍ଷନଗର ପାର୍ଶ୍ୱରୁ ଏକ ବାଇକରେ ଯାଉଥିବା କେଉଟବେରେଣୀ ଗାଁର ୨ ଯୁବକଙ୍କ ସହ ଧକ୍କା ହୋଇଥିଲା। ସମସ୍ତେ ବ୍ରିଜ ଉପରେ ଛିଟିକି ପଡିଥିଲେ। ସ୍କୁଟିରେ ଫେରୁଥିବା ପରିବାରର ସମସ୍ତ ସଦସ୍ୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ କଟକ ପଠାଯାଇଥିବା ଜଣାଯାଇଛି । ସେହିପରି ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଚିନ୍ତାମଣିପୁର ନିକଟରେ ରବିବାର ସନ୍ଧ୍ୟାରେ ଏକ ବାଇକ୍ ଗଛରେ ପିଟି ହୋଇଯିବାରୁ ଜଣଙ୍କର ଜୀବନ ଯାଇଛି। ମୃତକ ଜଣକ ହେଲେ ଆଠମଲ୍ଲିକ ଥାନା ନୂଆଗଡ଼ ଗ୍ରାମର ପ୍ରଦୀପ ନାୟକ (୪୫)। ସେହିପରି ଶନିବାର ରାତିରେ ପରଜଙ୍ଗ ଦେଇ ଯାଇଥିବା ଜାତୀୟ ରାଜପଥରେ ଏକ ଅଜଣା ଟ୍ରକ ଧକ୍କାରେ ୩ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା।

## ଆରମ୍ଭ ହେବ କ୍ୟାମ୍ପସ କଲିଂ

ଭୁବନେଶ୍ୱର, ୧୬।୧୧(ନିପ୍ର): ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡିକରେ ଆରମ୍ଭ ହେବ କ୍ୟାମ୍ପସ କଲିଂ। ଏଥି ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ଚିଠି ଲେଖିଛନ୍ତି। କ୍ୟାମ୍ପସରେ ମହିଳା ଓ ଛାତ୍ରୀଙ୍କ ସୁରକ୍ଷା ପାଇଁ ସେମାନେ ନିର୍ଭୟରେ କିଭଳି କ୍ୟାମ୍ପସ୍‌ରେ ପାଠ ପଢିବା ସହ ରହିପାରିବେ ସେଥିପ୍ରତି ପ୍ରାଥମିକତା ଦିଆଯିବ । ନିର୍ଦ୍ଦିଷ୍ଟ ନିୟମାବଳୀ ଜାରି କରାଯିବ । ମହିଳା ସଶକ୍ତିକରଣ, ପୋସ୍-୨୦୧୩ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ । ପ୍ରତି ଉଚ୍ଚଶିକ୍ଷାନୁଷ୍ଠାନରେ ୪ ଜଣ କ୍ୟାମ୍ପସ୍ ରାଷ୍ଟ୍ରଦୂତ ମନୋନୀତ ହେବେ।

### ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ ଆରମ୍ଭ
## ସଡ଼କ ଦୁର୍ଘଟଣାରେ ଓଡ଼ିଶା ୧୩ନମ୍ବର ସ୍ଥାନରେ
## ୪ ଦିଗରେ ରୋଡ ସୁରକ୍ଷା ପାଇଁ ସରକାରଙ୍କ ପ୍ରଚେଷ୍ଟା

ଭୁବନେଶ୍ୱର, ୧୬।୧୧(ନିପ୍ର) : ରବିବାରଠାରୁ ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ ରାଜ୍ୟରେ ଆରମ୍ଭ ହୋଇଛି । ଏହା ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଓଡ଼ିଶାରେ ସଡ଼କ ଦୁର୍ଘଟଣା ପାଇଁ ବଢୁଛି ଚିନ୍ତା ।ସଡ଼କ ଦୁର୍ଘଟଣାରେ ଓଡ଼ିଶାରେ ପ୍ରତ୍ୟେକ ଦିନ ୧୫ ଲୋକଙ୍କର ମୃତ୍ୟୁ ହେଉଛି ,ଯାହା ଏକ ଚିନ୍ତାଜନକ ସ୍ଥିତି ବୋଲି ସ୍ୱୀକାର କରିଛନ୍ତି ଖୋଦ ସଚିବ ଉଷା ପାଢ଼ୀ। ଖାଲି ଓଡ଼ିଶାରେ ନୁହେଁ ବରଂ ସାରା ଭାରତରେ ସଡ଼କସୁରକ୍ଷା ଏକ ବଡ ସମସ୍ୟା ରୂପ ଏବେ ଉଭା ହେଲାଣି। ଭାରତରେ ସଡ଼କ ଦୁର୍ଘଟଣାରେ ଓଡ଼ିଶା ୧୩ନମ୍ବର ସ୍ଥାନରେ ରହିଛି। ଲୋକଙ୍କ ସହଯୋଗ, ସରକାର, ପୋଲିସ, ରୋଡ ଓନିଙ୍ଗ ଏଜେନ୍ସି, ଏଜୁକେସନ ଇନ୍‌ଷ୍ଟିଟ୍ୟୁଟ ସମସ୍ତଙ୍କ ମିଳିତ ଉଦ୍ୟମରେ ସଡ଼କ ଦୁର୍ଘଟଣାକୁ ରୋକିବା ଚେଷ୍ଟା ଜାରି ରହିଛି।

## ନୂଆପଡ଼ାରେ କାରସାଦି ହୋଇଛି: ସ୍ନେହାଙ୍ଗିନୀ

### ୪୧ ବୁଥରେ ୯୦ପ୍ରତିଶତରୁ ଅଧିକ ଭୋଟ୍ ପଡ଼ିଛି



ଭୁବନେଶ୍ୱର/ନୂଆପଡ଼ା, ୧୬।୧୧: ନୂଆପଡ଼ା ଉପନିର୍ବାଚନ ଫଳାଫଳକୁ ନେଇ ବିଜେଡି ସଙ୍ଗୀନ ଅଭିଯୋଗ ଆଣିଛି। ବିଜେଡି ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କାରସାଦି ହୋଇଥିବା ଅଭିଯୋଗ କରି ଫଳାଫଳକୁ ଖଣ୍ଡନ କରିବା ସହ ନିର୍ବାଚନ କମିଶନଙ୍କୁ କଡ଼ା ନିନ୍ଦା କରିଛନ୍ତି। ଛୁରିଆ କହିଛନ୍ତି, 'ଯେଉଁ ଭୋଟ୍ ମେସିନ୍‌ରେ ଆସିଛି, ମୁଁ ତାକୁ ଅଗ୍ରାହ୍ୟ କରୁଛି ଏବଂ ଫଳାଫଳକୁ ମୁଁ ଖଣ୍ଡନ କରୁଛି।'ସେ ମତଦାନ ପ୍ରତିଶତକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ନିର୍ବାଚନ ଦିନ ସନ୍ଧ୍ୟା ୫ଟାରେ ୭୫% ଓ ସନ୍ଧ୍ୟା ୭ଟାରେ ୭୭% ମତଦାନ ହୋଇଥିଲା। କିନ୍ତୁ ପରଦିନ ଦିନ ୧୦ଟାରେ ୮୧% ଓ ୧୨ଟାରେ ୮୩.୪୫% ମତଦାନ ହୋଇଥିବା କୁହାଗଲା।ସ୍ନେହାଙ୍ଗିନୀ କହିଛନ୍ତି ଯେ ସ୍ୱାଧୀନତା ପରଠୁ ନୂଆପଡ଼ାରେ ଭୋଟିଂ ପ୍ରତିଶତ ସର୍ବଦା ୭୦% ଭିତରେ ରହିଛି। ମାତ୍ର ଏଥର ଉପନିର୍ବାଚନରେ ଅନେକ ବିରଳ ରେକର୍ଡ ସୃଷ୍ଟି ହୋଇଛି, ଯେଉଁଥିରେ ୪୧ଟି ବୁଥରେ ୯୦%ରୁ ଅଧିକ ଭୋଟ୍ ପଡ଼ିଛି। ସେ ସିଧାସଳଖ ଏହି ସମସ୍ତ ଘଟଣାକୁ କାରସାଦି ବୋଲି ଅଭିଯୋଗ କରି ନିର୍ବାଚନ କମିଶନଙ୍କ କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

### ନିଜ ପରାଜୟକୁ ସ୍ୱୀକାର କଲେ ଭଲ: ପୃଥ୍ୱୀରାଜ

ଭୁବନେଶ୍ୱର, ୧୬।୧୧: ପିସିସି ସଭାପତି ଭକ୍ତ ଦାସଙ୍କୁ ରବିବାର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଟାକ୍ଷ କରିଛନ୍ତି । ସେ କହିଛନ୍ତି ଯେ ହାରିବାର ଅନେକ କାରଣ ବାହାରେ, ଜିତିବାର କାରଣ କେବଳ ଜୟ । ରାଜନୈତିକ ଦଳ ନିଜ ଦୁର୍ବଳତାକୁ ଲୁଚାଇବା ପାଇଁ ଅନେକ କଥା କୁହନ୍ତି । ନିଜ ପରାଜୟକୁ ସ୍ୱୀକାର କଲେ ଭଲ ହୁଅନ୍ତା ।

## କୁଚକ୍ରୀ ବିଭୀଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ: ଭକ୍ତ

ଭୁବନେଶ୍ୱର, ୧୬।୧୧: ନୂଆପଡ଼ା ଉପନିର୍ବାଚନ ଶେଷ ହେବା ପରେ ରବିବାର ଭୁବନେଶ୍ୱର ଫେରି ବିମାନବନ୍ଦରରେ ପିସିସି ସଭାପତି ଭକ୍ତ ଚରଣ ଦାସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ଶ୍ରୀ ଦାସ କହିଛନ୍ତି, ବିଭୀଷଣ ସମସ୍ତ ଦଳରେ ଅଛନ୍ତି। କଂଗ୍ରେସରେ ମଧ୍ୟ କିଛି ବିଭୀଷଣ ଭଳି ଆତ୍ମଘାତୀ କାର୍ଯ୍ୟ କରି ଦଳର କ୍ଷତି କରିଛନ୍ତି। ସେମାନଙ୍କୁ ଛଡାଯିବ ନାହିଁ। କଂଗ୍ରେସ ନୂଆପଡ଼ାରେ ଉତ୍ତମ ଭାବରେ ନିର୍ବାଚନ ପରିଚାଳନା କରିଥିଲା। ପ୍ରାୟ ମାସକ ପୂର୍ବରୁ ଆମେ ପ୍ରାର୍ଥୀ ଘୋଷଣା କରିଥିଲୁ। ପ୍ରତ୍ୟେକ ପଞ୍ଚାୟତରେ ଛୋଟ ଛୋଟ ନିର୍ବାଚନୀ ସଭା ହେବା ସହିତ ଜୋନ ସ୍ତରରେ ମଧ୍ୟ ଆମେ ସଭା କରିଥିଲୁ। ଯେଉଁ ସଭାମାନଙ୍କୁ ପାଞ୍ଚଶହରୁ ତିନି ହଜାର ପର୍ଯ୍ୟନ୍ତ ଲୋକ ଯୋଗ ଦେଇଥିଲେ। କଂଗ୍ରେସ ସଭା ମାନଙ୍କର ବିଶେଷତ୍ୱ ଥିଲା ଯେ ଲୋକେ ସ୍ୱତଃ ପ୍ରବୃତ୍ତ ଯୋଗ ଦେଉଥିଲେ । ଟଙ୍କା ପଇସାର ଲୋଭ କିଛି ନ ଥିଲା। କଂଗ୍ରେସର ପ୍ରଚାରରେ ଜନସମର୍ଥନ ଦେଖି ବିଜେପି ଭୟଭୀତ ହୋଇଯାଇଥିଲା। ପୁଣି ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହୋଇ ବଳକା ଖାଦ୍ୟ ଖାଇ ୧୭ଟି ଗାଈ ମରିଯିବା ଯୋଗୁଁ ବିଜେପି ନିରୁତ୍ସାହିତ ହୋଇ ଯାଇଥିଲା।

CMYK

# କେହି ମୋର ଏକାକୀପଣକୁ ଦେଖୁନାହାନ୍ତି



କୃଷ୍ଣ କହିଲେ,ସମସ୍ତେ ମୋର ଚମତ୍କାରିତା ଦେଖିଛନ୍ତି କିନ୍ତୁ କେହି ମୋର ଅସହାୟତାକୁ ଦେଖି ନାହାନ୍ତି। ଦ୍ୱାରକାରେ ରାତି ଗଭୀର ଥିଲା । କିନ୍ତୁ କୃଷ୍ଣ ଆଜି ଆହୁରି ଗମ୍ଭୀର ଥିଲେ । ଇଏ ସେହି କୃଷ୍ଣ ଥିଲେ ଯାହାର ଗୋଟିଏ ହସରେ ପୂରା ବ୍ରହ୍ମାଣ୍ଡ ନଇଁ ଯାଉଥିଲା। କିନ୍ତୁ ଆଜି ତାଙ୍କର ଆଖିରେ ଗୋଟିଏ ନୂଆ ଅନ୍ଧାର ଜନ୍ମ ନେଇଥିଲା । ଅର୍ଜୁନ ଆସିଲେ..ମାଧବ କ'ଣ ହେଲା ? କୃଷ୍ଣ ପ୍ରଥମ ଥର ଥକି ପଡିଥିବା ମଣିଷ ଭଳି ଦେଖା ଯାଉଥିଲେ..ଭଗବାନଙ୍କ ପରି ନୁହେଁ । ସେ କହିଲେ,ସମସ୍ତେ ମୋର ଚମତ୍କାରିତା ଦେଖିଛନ୍ତି କିନ୍ତୁ କେହି ମୋର ଏକାକୀପଣକୁ ଦେଖି ନାହାନ୍ତି। ଯେତେବେଳେ ମୁଁ ଗୋବର୍ଦ୍ଧନ ପର୍ବତକୁ ଉଠେଇଲି,ସମସ୍ତେ ଖୁସି ଥିଲେ ଯେ ବର୍ଷା ଅଟକି ଗଲା..କିନ୍ତୁ କେହି ପଚାରିଲେନି , ମୋର ହାତ ସେତେବେଳେ କେତେ ଜୋର୍‌ରେ କମ୍ପନ ହେଉଥିଲା। ଯେତେବେଳେ ମୁଁ ଗୀତା ଶୁଣଉଥିଲି ସମସ୍ତଙ୍କୁ,ସମସ୍ତେ କହୁଥିଲେ..ଦେଖ ! ସାକ୍ଷାତ୍ ଭଗବାନ କହୁଛନ୍ତି,କିନ୍ତୁ ମୁଁ ଭିତରେ ଡରୁଥିଲି ଯେ ,ମୋର ସଖା ଯେମିତି ଭାଙ୍ଗି ନ ଯାଉ। ପ୍ରତ୍ୟେକ ଯୁଗରେ ମୁଁ ସମସ୍ତଙ୍କୁ ବଞ୍ଚେଇଲି,କିନ୍ତୁ ଯେତେବେଳେ ମୁଁ କାନ୍ଦିଲି,କେହି ମୋର ପାଖକୁ ଆସିଲେ ନାହିଁ । ସମସ୍ତେ ମୋର ଆରତି କରିଥାନ୍ତି କିନ୍ତୁ କେହି ମୋର ଥକ୍କାପଣକୁ ଦେଖିଲେ ନାହିଁ । ଆରତିରେ ତ ବହୁତ ଘିଅ ଅଛି,କିନ୍ତୁ ମୋର କାନ୍ଧ ଉପରେ ହାତ ରଖିବାବାଲା କେହିନାହାନ୍ତି। ତୁମକୁ ଜଣାଅଛି ଅର୍ଜୁନ ? କୃଷ୍ଣ ଧୀର ସ୍ୱରରେ କହିଲେ,'ଦୁନିଆ ଭଗବାନଙ୍କୁ ନୁହେଁ,ତାଙ୍କର ଚମତ୍କାରିତାକୁ ପ୍ରେମ କରିଥାନ୍ତି' । ଅର୍ଜୁନ ଏହା ଶୁଣିଲେ କିନ୍ତୁ କିଛି କହି ପାରିଲେ ନାହିଁ। କୃଷ୍ଣ ଆହୁରି ତଳକୁ ଅନେଇ କରି କହିଲେ,'ମୁଁ ସମସ୍ତଙ୍କୁ ଦେଲି,କିନ୍ତୁ କେହି ମୋତେ ଅନୁଭବ କଲେ ନାହିଁ । ସମସ୍ତେ ମୋର ଶକ୍ତିକୁ ମାଗିଥାନ୍ତି,କିନ୍ତୁ କିଏ ମୋର ମୌନତାକୁ ଶୁଣେ ନାହିଁ'। ତା'ପରେ କୃଷ୍ଣ ହଠାତ୍ ଚୁପ୍ ହେଇଗଲେ ଆଉ ନିଜର ବଇଁଶୀକୁ ଉଠେଇଲେ ଆଉ ତାଙ୍କ ଓଠ ପାଖକୁ ଆଣିଲେ.. ପୁଣି ଥରେ ନେଇ ତଳେ ରଖିଦେଲେ । କାହିଁକି..ଆଜି ବଇଁଶୀ ମଧ୍ୟ ତାଙ୍କର କଷ୍ଟରେ ଡରି ଯାଇଥିଲା । କୃଷ୍ଣଙ୍କ ଆଖି ଲୁହରେ ଭରି ଯାଇଥିଲା ଆଉ ସିଏ କହିଲେ,'ହେ ଅର୍ଜୁନ ! ..ମୁଁ ଭଗବାନ ହେବାକୁ ଚାହୁଁ ନଥିଲି ! ମୁଁ ବାସ୍ କାହାର କାହ୍ନା ହୋଇକରି ଜୀଇଁବା ଚାହୁଁଥିଲି' । ଏହା କହିବା ପରେ ତାଙ୍କର ଶବ୍ଦ ସ୍ରୋତ ଭାଙ୍ଗିଗଲା.. । 'ଭଗବାନ ସବୁଠୁ ବଡ଼ ଦୟାଳୁ ଅଟନ୍ତି,କିନ୍ତୁ ସବୁଠୁ ବେଶି ଏକାକୀପଣ ମଧ୍ୟ ତାଙ୍କଠାରେ ଅଛି' ।

*- ମନୋଜ କୁମାର ବେହେରା*
*ଭୁବନେଶ୍ୱର-୨୨ ମୋ:୯୭୮୮୩୦୬୧୧*

# ଜୀବାତ୍ମା ଓ ପରମାତ୍ମା ଉଭୟ ନିତ୍ୟ



ସନାତନ ଧର୍ମର ଆଧାତ୍ମିକ ଶାସ୍ତ୍ରାଦି ସର୍ବଦା ମାନବ ସମାଜକୁ ଦିଗ୍‌ଦର୍ଶନ ଦେଇ ଆସିଛି। ଯାହା ଫଳରେ ମନୁଷ୍ୟ ନିଜର ଆତ୍ୟାନ୍ତିକ ଦୁଃଖ ଦୂର କରିବା ସହ ପରମାର୍ଥିକ ଆନନ୍ଦ ଲାଭ କରିପାରିଛି। ଏହି ଆନନ୍ଦ ହିଁ ଜୀବର ଚରମ ଲକ୍ଷ୍ୟ ଅଟେ। ପରନ୍ତୁ ଏଥିରେ ବାଧକ ହେଉଛି ଜୀବର ଅଜ୍ଞାନତା। ଏହି ଅଜ୍ଞାନକୁ ଦୂର କରିବା ପାଇଁ ଜୀବ ଓ ବ୍ରହ୍ମ ମଧ୍ୟରେ ଅଭେଦ ଏବଂ ଜୀବକୁ ଈଶ୍ୱରଙ୍କର ଅଂଶ ବିଶେଷ ବୋଲି ବୋଧ କରିବା ପାଇଁ ଅନେକ ହିନ୍ଦୁ ଧାର୍ମିକ ଗ୍ରନ୍ଥ ରଚନା ହୋଇଅଛି। ସେଥିମଧ୍ୟରୁ ଶ୍ରୀମଦ୍ ଭଗବଦ୍ ଗୀତା ,ଶ୍ରୀମଦ୍ ଭାଗବତ ମହାପୁରାଣ,ଦର୍ଶନ ଶାସ୍ତ୍ର ଓ ଶ୍ରୀରାମ ଚରିତ ମାନସାଦି ଅନ୍ୟତମ । ଯହିଁରେ ଜୀବାତ୍ମା ଓ ପରମାତ୍ମା ତତ୍ତ୍ୱକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି। ଆତ୍ମତତ୍ତ୍ୱ ହେଉଛି ଏପରି ଏକ ତତ୍ତ୍ୱ ଯାହାକୁ ଥରେ ପ୍ରାପ୍ତି କରିବା ପରେ ଅନ୍ୟ କୌଣସି ତତ୍ତ୍ୱର ଆବଶ୍ୟକତା ରହେ ନାହିଁ।

ଶାସ୍ତ୍ରଜ୍ଞାନର ଜ୍ଞାତାମାନେ ଭଗବତ୍ ଗୀତାକୁ ସମସ୍ତ ଉପନିଷଦର ସାର ବୋଲି ଅଭିହିତ କରିଛନ୍ତି। ଯେପରି ଶୁଦ୍ଧାଦ୍ୱୈତବାଦରେ ଜୀବ ଓ ବ୍ରହ୍ମକୁ ଏକ ବା ଅଂଶ ବୋଲି ଦର୍ଶାଯାଇଛି ଯାଇଛି, ସେ'ପରି ଗୀତାର ପଞ୍ଚଦଶ ଅଧ୍ୟାୟ ସପ୍ତମ ଶ୍ଳୋକରେ ମଧ ପୂର୍ବରୁ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି - ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ମନଃ ଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ।। ଏହାର ଅର୍ଥ ଏ ସଂସାରରେ ପ୍ରତ୍ୟେକ ଜୀବ ହେଉଛନ୍ତି ଶ୍ରୀକୃଷ୍ଣଙ୍କର ସନାତନ ବା ନିତ୍ୟ ଅଂଶ ଓ ଅବିନାଶୀ ତତ୍ତ୍ୱ ଅଟେ କିନ୍ତୁ ଷଷ୍ଠ ଅତିନ୍ଦ୍ରିୟ ମନ ଜୀବକୁ ଭୌତିକ ଜଗତରେ ପ୍ରକୃତିସ୍ଥ କରି ଆକର୍ଷଣ କରି ଚାଲିଛି। ଯା'ଫଳରେ ଏ ମନୁଷ୍ୟ ( ଜୀବ ) ସେହି ନିତ୍ୟତାକୁ ଭୁଲିଯାଇଛି। ପ୍ରକୃତ ପକ୍ଷରେ ଅନନ୍ତ ବସ୍ତୁ ଅବୟବରହିତ ଓ ଅଖଣ୍ଡ ଏବଂ ଅବିଭକ୍ତ ଅଟେ । ପରନ୍ତୁ ଉପାଧି ସମ୍ବନ୍ଧରେ ସେହି ଅଖଣ୍ଡ ବସ୍ତୁର ବିଭାଗ ହେବାର ଦୃଶ୍ୟମାନ ହୁଏ। ଯେପରି ବ୍ୟାବହାରିକ ଅବସ୍ଥାରେ ଅନନ୍ତ ଆକାଶର କୌଣସି ଆକାର ନ ଥିଲେ ବି ଘଟ ମଧ୍ୟରେ ଥିବା ଆକାଶକୁ ଘଟାକାଶର ଆଖ୍ୟା ଦିଆଯାଇଛି। ପରନ୍ତୁ ସେହି ଘଟାକାଶ ମହାକାଶ ଠାରୁ ଭିନ୍ନ ନୁହେଁ। ସେପରି ଦେହ ଓ ଇନ୍ଦ୍ରିୟ ଅବିଚ୍ଛିନ୍ନ ( ସୀମିତ) ହୋଇ ଆତ୍ମା ଜୀବ ରୂପରେ ଆତ୍ମା ଠାରୁ ଭିନ୍ନ ପ୍ରତୀତ ହୋଇଥାଏ। ତତ୍ତ୍ୱତଃ ଜୀବାତ୍ମା ଓ ପରମାତ୍ମା ଉଭୟ ନିତ୍ୟ ଏବଂ ଅବିନାଶୀ ଅଟନ୍ତି। ଆମ ଭାରତୀୟ ଦର୍ଶନ ହେଉଛି ସର୍ବଶ୍ରେଷ୍ଠ ଦର୍ଶନ । ଏଣୁ ଏହାକୁ ଜ୍ଞାନ ଶାସ୍ତ୍ର ବୋଲି କୁହାଯାଏ। ଜ୍ଞାନ ହିଁ ମନୁଷ୍ୟକୁ ମୁକ୍ତି ଦେଇଥାଏ। ଅତଃ ନୀତିବାଣୀରେ କୁହାଯାଇଛି ' ଜ୍ଞାନେନ ମୁକ୍ତିଃ ନତୁ ମଣ୍ଡନେନ ' । ଏହି ଜ୍ଞାନର ପରାକାଷ୍ଠା ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ଆଦିଗୁରୁ ଶ୍ରୀଶଙ୍କରାଚାର୍ଯ୍ୟ। ସେ ନିଜର ବେଦାନ୍ତ ଭାଷାରେ କହିଛନ୍ତି ଯେ ' ଜୀବବ୍ରହ୍ମୈବ ନାପରଃ '। ଅର୍ଥାତ୍ ଜୀବ ଓ ବ୍ରହ୍ମଙ୍କ ମଧ୍ୟରେ କିଞ୍ଚିତ୍ ବି ପାର୍ଥକ୍ୟ ନାହିଁ। ଅଜ୍ଞାନ ବଶତଃ ଜୀବ ନିଜକୁ ବ୍ରହ୍ମଙ୍କ ଠାରୁ ଭିନ୍ନ ବୋଧ କରେ। ଯେତେବେଳେ ବ୍ରହ୍ମନିଷ୍ଠ ଗୁରୁଙ୍କ ବାଣୀ ବା ବେଦାନ୍ତ ବାକ୍ୟ ଶ୍ରବଣ କରେ ସେତେବେଳେ ତା'ର ଐକ୍ୟବୋଧ ହୋଇଥାଏ। ସେହିପରି ଶୁଦ୍ଧାଦ୍ୱୈତବାଦର ପ୍ରବର୍ତ୍ତକ ପ୍ରାତଃ ସ୍ମରଣୀୟ ଶ୍ରୀବଲ୍ଲଭାଚାର୍ଯ୍ୟ ଭଗବାନ୍ କୃଷ୍ଣଦ୍ୱୈପାୟନବ୍ୟାସଙ୍କ ମତାନୁଯାୟୀ 'ଶୁଦ୍ଧାଦ୍ୱୈତ ସାକାର ବ୍ରହ୍ମବାଦ' ପ୍ରତିପାଦିତ କରିଛନ୍ତି। ସେ କହିଛନ୍ତି ଯେ, ' ବ୍ରହ୍ମସତ୍ୟଂ ଜଗତ୍‌ସତ୍ୟଂ ଅଂଶୋ ଜୀବୋହି ନାପରଃ' । ଏହାର ତାତ୍ପର୍ଯ୍ୟ ହେଲା ବ୍ରହ୍ମ ସତ୍ୟ ଅଟନ୍ତି, ଜଗତ ମଧ ସତ୍ୟ ଅଟେ ଏବଂ ସେହି ଅବିନାଶୀ ବ୍ରହ୍ମଙ୍କ ଅଂଶ ବିଶେଷ ହେଉଛି ଜୀବ। ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ଯେତେଜଡ ଓ ଚେତନ ପଦାର୍ଥ ରହଛନ୍ତି ସେ ସମସ୍ତ ପରମାତ୍ମାଙ୍କ ସ୍ୱରୂପ । ଅଜ୍ଞାନବଶତଃ ମନୁଷ୍ୟ ଏହାକୁ ଭିନ୍ନ ଭିନ୍ନ ବୋଲି ମତବ୍ୟକ୍ତ କରିଥାଏ। ପରନ୍ତୁ ତାହା ଭିନ୍ନ ନୁହେଁ ତାହା ଏକ ଓ ଅଭିନ୍ନ । ଏହାକୁ ଦୃଢ଼ କରିବାକୁ ଯାଇ ପରମ ବୈଷ୍ଣବ ଅତିବଡ଼ି ଜଗନ୍ନାଥ ଦାସ ସ୍ୱବିରଚିତ ଭାଗବତ ପୁରାଣରେ ଲେଖିଲେ -' ମାଟିର ବିକାର ଘଟ ପ୍ରାୟେ ତୋ ତହୁଁ କେହି ଆନ ନୁହେଁ '। ଅର୍ଥାତ୍ ମାଟି ହିଁ ଏକ ଦ୍ରବ୍ୟ କିନ୍ତୁ ତା' ଦେହରୁ ନିର୍ମିତ ଘଟ, ସରା ଓ ପାତ୍ରାଦି ଆକାରରେ ପରିବର୍ତ୍ତନ ହେତୁ ଭିନ୍ନ ଭିନ୍ନ ନାମକରଣ କରାଯାଇଛି। ସେ'ପରି ଜୀବାତ୍ମା ଓ ପରମାତ୍ମା ଦୃଷ୍ଟି ଭେଦରେ ପୃଥକ୍ ପୃଥକ୍ ହେଲେବି ଉଭୟ ନିତ୍ୟ ଏବଂ ଅବିନାଶୀ ଅଟନ୍ତି। ଉପରୋକ୍ତ ଜୀବାତ୍ମାକୁ ଈଶ୍ୱରଙ୍କ ( ପରମାତ୍ମା ) ଅଂଶୀ ବୋଲି ଅଭିହିତ କରିବାକୁ ଯାଇ ଗୋସ୍ୱାମୀ ତୁଳସୀ ଦାସ ସ୍ୱରଚିତ ରାମଚରିତମାନସରେ କହିଛନ୍ତି ଯେ - ' ଈଶ୍ୱର ଅଂଶ ଜୀବ ଅବିନାଶୀ । ଚେତନ ଅମଲ ସହଜ ସୁଖ ରାଶି'॥ ଅର୍ଥାତ୍ ପରମାତ୍ମା ବା ଈଶ୍ୱରଙ୍କର ଏକ ଅଂଶ ହେଉଛି ଏ ଜୀବାତ୍ମା। ଏହି ଜୀବାତ୍ମା ଅବିନାଶୀ, ଚେତନ,ନିର୍ମଳ ଓ ସ୍ୱଭାବରେ ସୁଖରାଶି ଅଟେ । ଯେହେତୁ ପରମାତ୍ମା ଅଜର, ଅମର ଓ ଅବିନାଶୀ ଅଟନ୍ତି। ତେଣୁ ଜୀବର ମଧ ନାଶ ହୋଇନଥାଏ। ଦୃଷ୍ଟାନ୍ତ - ଯେପରି ସୂର୍ଯ୍ୟଙ୍କ କିରଣ ସୂର୍ଯ୍ୟଙ୍କର ହିଁ ପ୍ରକାଶ। ସେ'ପରି ପ୍ରତ୍ୟେକ ଆତ୍ମା ପରମାତ୍ମାଙ୍କ ଅଂଶ ବିଶେଷ। ପରନ୍ତୁ ଶରୀର ନଶ୍ୱର କିନ୍ତୁ ଆତ୍ମା ନୁହେଁ। ବ୍ରହ୍ମ (ଆତ୍ମା) ହେଉଛନ୍ତି ଚେତନ , ଅମଳ ( ବିକାର ରହିତ ବା ଅବିକାରୀ) ଓ ସହଜ ସୁଖ (ଆନନ୍ଦ) ର ସ୍ୱରୂପ ଅଟନ୍ତି। ହେଲେବି ମାୟାର ପ୍ରଭାବରୁ ଜୀବ ନିଜ ମୂଳ ସ୍ୱରୂପକୁ ଭୁଲି ଶରୀର ଓ ଜାଗତିକ ବସ୍ତୁକୁ ସତ୍ୟ ଭାବିଥାଏ। ସମସ୍ତ ଶ୍ରୀମଦ୍ ଭଗବଦ୍ ଗୀତା ,ଶ୍ରୀମଦ୍ ଭାଗବତ ମହାପୁରାଣ ,ଦର୍ଶନ ଶାସ୍ତ୍ର ଓ ଶ୍ରୀରାମ ଚରିତ ମାନସାଦିରେ କେଉଁଠି ଜୀବ ଓ ବ୍ରହ୍ମ(ପରମାତ୍ମା) ଅଭିନ୍ନ ତ କେଉଁଠି ପରମାତ୍ମାଙ୍କ ଅଂଶ ଜୀବାତ୍ମା ନିତ୍ୟ କୁହାଯାଇଛି । ତତ୍ତ୍ୱଦର୍ଶୀ ପୁରୁଷମାନେ ସେହି ପରମପୁରୁଷଙ୍କୁ ଯେପରି ଭାବରେ ଅନୁଭବ କରିଛନ୍ତି; ସେମାନେ ସେପରି ଭାବରେ ତାହାଙ୍କୁ ବ୍ୟକ୍ତ କରିଛନ୍ତି। ସମସ୍ତ ବିଷୟକୁ ବୋଧଗମ୍ୟ କଲେ ଜଣାଯାଏ ଯେ ଉଭୟ ତତ୍ତ୍ୱ ଅଜର, ଅମର ଓ ଅବିନାଶୀ ଅଟନ୍ତି । ସେହି ଆତ୍ମତତ୍ତ୍ୱକୁ ବୋଧ କରିବା ପରେ ଜୀବ କେବଳ ହିଁ କେବଳ ଅଖଣ୍ଡ ଅନନ୍ଦକୁ ପ୍ରାପ୍ତି କରିଥାଏ। ତତ୍ ସହିତ ଏ ଜୀବ ଜୀବନମୁକ୍ତି ବା ଦେହମୁକ୍ତି ମଧ୍ୟରୁ କୌଣସି ଏକ ମୁକ୍ତି ଲାଭକରି ସଂସାର ବନ୍ଧନରୁ ମୁକ୍ତ ହୋଇଯାଇଥାଏ।



*-ହେମନ୍ତ କୁମାର ଗନ୍ତାୟତ*
*ଅସିକା ମୋ:୯୮୬୧୩୩୪୮୬୮*

# ଘଟୋତ୍କଚକୁ ମୃତ୍ୟୁ ଅଭିଶାପ



ମହାଭାରତ ଏପରି ଏକ ଗାଥା ଯାହା ବର୍ଣ୍ଣନା କଲେ ସରିବ ନାହିଁ । ମହାଭାରତର ପ୍ରତିଟି ଚରିତ୍ରଙ୍କର ରହିଛି କିଛି କାହାଣୀ । ତେବେ ଆଜିର ଆଲୋଚନା ମହାଭାରତର ସେହି ମାଆ ପୁଅଙ୍କ କାହାଣୀ, ପରସ୍ପରକୁ ଭଲ ପାଉଥିବା ସତ୍ତ୍ୱେ ମଧ କାହିଁକି ବଢିଥିଲା ଉଭୟଙ୍କ ଭିତରେ ମାନଅଭିମାନ । ଏହା ହେଉଛି ଘଟୋତ୍କଚ ଓ ଦ୍ରୌପଦୀଙ୍କ କାହାଣୀ । ଭଲପାଉଥିବା ନିଜ ପୁଅକୁ ରାଗିଯାଇ କାହିଁକି ମାତା ଦ୍ରୌପଦୀ ଦେଇଥିଲେ ଅଭିଶାପ । ଘଟୋତ୍କଚ ଦ୍ରୌପଦୀଙ୍କ ପୁଅ ଭଳି ଥିଲେ। ସେଥିଲେ ଦ୍ରୌପଦୀଙ୍କର ସାବତ ପୁଅ । ଭୀମଙ୍କ ପ୍ରକୃତ ପୁଅ ହେଉଛନ୍ତି ଘଟୋତ୍କଚ । ଘଟୋତ୍କଚ ଦ୍ରୌପଦୀଙ୍କୁ ଅଧିକ ଭଲ ପାଇବା ସହିତ ତାଙ୍କର ଅତ୍ୟନ୍ତ ଯତ୍ନ ମଧ ନେଉଥିଲେ ଏବଂ ତାଙ୍କ ପାଇଁ ଆକାଶରୁ ତାରା ତୋଳିଆଣିବା ଭଳି କାମ କରିବାକୁ ମଧ ପ୍ରସ୍ତୁତ ହୋଇଯାଉଥିଲେ। ତେବେ ଏତେ ଭଲ ପାଉଥିବା ନିଜ ପୁଅ ଉପରେ ଏତେ ରାଗିଗଲେ କାହିଁକି ଯେ କିଛି ନ ଭାବି ତାଙ୍କୁ ମୃତ୍ୟୁର ଅଭିଶାପ ଦେଲେ।ଘଟୋତ୍କଚ ହେଉଛନ୍ତି ହିଡ଼ିମ୍ବା ଏବଂ ଭୀମଙ୍କ ପୁତ୍ର । ଯେତେବେଳେ ଦ୍ରୌପଦୀ ଅଭିଶାପ ଦେଇଥିଲେ ସେହି ସମୟରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଯେ ନିଜ ପୁଅକୁ କେଉଁ ମାତା ଏଭଳି ଅଭିଶାପ ଦେଇପାରେ ? ଦ୍ରୌପଦୀ ଭୀମ ଏବଂ ହିଡିମ୍ବାଙ୍କ ଏକମାତ୍ର ପୁତ୍ର ଘଟୋତ୍କଚଙ୍କୁ ଶୀଘ୍ର ମୃତ୍ୟୁ ପାଇଁ ଅଭିଶାପ ଦେଇଥିଲେ। ଅଭିଶାପରେ ସେ କହିଥିଲେ ଯେ ଘଟୋତ୍କଚଙ୍କ ମୃତ୍ୟୁ କେବଳ ଯୁଦ୍ଧରେ ହେବ ନାହିଁ ବରଂ ଯୁଦ୍ଧ ବିନା ମଧ ହେବ। ଜଣେ ସାହସୀ ପୁରୁଷ ପାଇଁ ଏହାଠାରୁ ବଡ଼ ଅଭିଶାପ ଆଉ କଣ ହୋଇପାରେ ଯେ ତାଙ୍କୁ କୁହାଯିବ ଯେ ସେ ଯୁଦ୍ଧ ନକରି ଯୁଦ୍ଧରେ ମରିଯିବେ। କିନ୍ତୁ, ଯେତେବେଳେ ଘଟୋତ୍କଚ ପରେ ମୃତ୍ୟୁବରଣ କଲେ, ଦ୍ରୌପଦୀ ବହୁତ ଦୁଃଖିତ ହୋଇଥିଲେ। ମୁଁ ନିଜକୁ ଅଭିଶାପ ଦେଇଥିଲି।

# ପୂଜାଘରେ ତେଲ ଦୀପକୁ ସର୍ବଦା ଡାହାଣ ପାର୍ଶ୍ୱରେ ରଖିବେ



ବିଶେଷ ଭାବରେ ପୂଜା କରିବା ସମୟରେ ସବୁବେଳେ ଧ୍ୟାନରେ ରଖିବା ଉଚିତ ଯେ ତେଲ ଦୀପକୁ ସର୍ବଦା ଡାହାଣ ପାର୍ଶ୍ୱରେ ରଖିବେ ଏବଂ ଘିଅ ଦୀପକୁ ସବୁବେଳେ ବାମ ପାର୍ଶ୍ୱରେ ରଖିବା ଉଚିତ। ଏହା ଦ୍ୱାରା ଶୁଭ ହୋଇଥାଏ । ପ୍ରତ୍ୟେକ ଘରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଭଗବାନଙ୍କ ସମ୍ମୁଖରେ ଦୀପ ଜାଳିଥାଉ। କୁହାଯାଏ ଦୀପ ଜାଳିବା ଦ୍ୱାରା ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ ହେବା ସହିତ ଘରେ ସକରାତ୍ମକ ଶକ୍ତିର ପ୍ରବେଶ ହୋଇଥାଏ। ଏଥିପାଇଁ ଯେକୌଣସି ପୂଜାବ୍ରତରେ ଆରମ୍ଭରୁ ଦୀପ ଲଗାଯାଇଥାଏ। ତା'ପରେ ପୂଜାପାଠର ଅନ୍ୟ ବିଧି କରାଯାଇଥାଏ। ବେଳେବେଳେ ଆମେ ଅଜାଣତରେ ଭୁଲ୍ ଦିଗରେ ଦୀପ ଲଗାଇ ପୂଜାପାଠ କରିଥାନ୍ତି। ଯାହା ଆମକୁ ଜଣାଯାଇନଥାଏ। ଏହା ଦ୍ୱାରା ପରିବାର ଉପରେ ସଙ୍କଟ ମାଡ଼ି ଆସିଥାଏ। ଘରେ ଅଭାବ ଅନଟନ ଦେଖାଦେଇଥାଏ। ଯେତେ ରୋଜଗାର କଲେ ମଧ ଅଣ୍ଟି ନଥାଏ। ପରିବାର ମଧ୍ୟରେ କଳିଝଗଡ଼ା ଲାଗିରହିଥାଏ। ତେବେ ଏଥର ଜାଣିବା ଘର ହେଉବା ମନ୍ଦିର କେଉଁ ଦିଗରେ ଦୀପ ଲଗାଇଲେ ଶୁଭ ହୋଇଥାଏ ।ବାସ୍ତୁଶାସ୍ତ୍ର ଅନୁସାରେ ଭୁଲରେ ଦକ୍ଷିଣ ଦିଗକୁ ମୁହଁ କରି କେବେ ଦୀପ ଲଗାନ୍ତୁ ନାହିଁ। ଏହା ଅଶୁଭ ହୋଇଥାଏ। ଦକ୍ଷିଣ ଦିଗରେ ମୁହଁ କରି ଦୀପ ଲଗାଇଲେ ଘରେ ଆର୍ଥିକ ସଂକଟ ଦେଖାଯିବା ସହ କଳି ଝଗଡ଼ା ଲାଗି ରହିଥାଏ। ଏହାସହ ଘରର ନକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ। କାହିଁକିନା ଦକ୍ଷିଣ ଦିଗ ହେଉଛି ଯମରାଜଙ୍କ ଦିଗ। ଏହି ଦିଗରେ ଦୀପ ଜାଳିବା ଦ୍ୱାରା ଅଶୁଭ ହୋଇଥାଏ। ବାସ୍ତୁ ଶାସ୍ତ୍ର ଅନୁଯାୟୀ ଉତ୍ତର ଦିଗକୁ ମୁହଁ କରି ଦୀପ ଜାଳିଲେ ଶୁଭ ହୋଇଥାଏ। । ଶାସ୍ତ୍ରରେ ଉତ୍ତର ଦିଗଟିକୁ କୁବେରଙ୍କର ଦିଗ ଭାବରେ ବିବେଚନା କରାଯାଇଛି। ଉତ୍ତର ଦିଗରେ ଦୀପ ଲଗାଇବା ଦ୍ୱାରା ଘରେ ଅଭାବଅନଟନ ଦେଖାଯାଇ ନଥାଏ। ଘରେ ସୁଖଶାନ୍ତି ବନି ରହିଥାଏ ।ବିଶେଷ ଭାବରେ ପୂଜା କରିବା ସମୟରେ ସବୁବେଳେ ଧ୍ୟାନରେ ରଖିବା ଉଚିତ୍ ଯେ ତେଲ ଦୀପକୁ ସର୍ବଦା ଡାହାଣ ପାର୍ଶ୍ୱରେ ରଖିବେ ଏବଂ ଘିଅ ଦୀପକୁ ସବୁବେଳେ ବାମ ପାର୍ଶ୍ୱରେ ରଖିବା ଉଚିତ।

**ବାସ୍ତୁ ଶାସ୍ତ୍ର ଅନୁଯାୟୀ ଉତ୍ତର ଦିଗକୁ ମୁହଁ କରି ଦୀପ ଜାଳିଲେ ଶୁଭ ହୋଇଥାଏ। ଶାସ୍ତ୍ରରେ ଉତ୍ତର ଦିଗଟିକୁ କୁବେରଙ୍କର ଦିଗ ଭାବରେ ବିବେଚନା କରାଯାଇଛି।**

# ଉଚ୍ଚ ରକ୍ତଚାପର ସବୁଠାରୁ ବଡ଼ କାରଣ

**ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଉଚ୍ଚ ରକ୍ତଚାପର ସବୁଠାରୁ ବଡ କାରଣ ହେଉଛି ଖରାପ ଜୀବନଶୈଳୀ ଏବଂ ଖାଦ୍ୟ ଅଭ୍ୟାସ। ବାସ୍ତବରେ, ଆଜିକାଲି ଧାଁଦୌଡ ଜୀବନରେ ସାରା ଦିନର ରୁଟିନ୍ ବିଗିଡି ଯାଉଛି, ଯେଉଁଥିପାଇଁ ଅନେକ ରୋଗ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ସାଧାରଣତଃ ଅତ୍ୟଧିକ ଧୂମପାନ, ମଦ୍ୟପାନ, ଶାରୀରିକ କାର୍ଯ୍ୟକଳାପର ଅଭାବ, ଖରାପ ଖାଦ୍ୟ, ଦିନସାରା ମୋବାଇଲ୍-ଲାପଟପ୍ ବ୍ୟବହାର ଉଚ୍ଚ ରକ୍ତଚାପର ଆଶଙ୍କାକୁ ବଢାଇଥାଏ।**

## //////// ଉଚ୍ଚ ରକ୍ତଚାପ ଦୂର କରିବ ଯୋଗ: ///////

**ବଜ୍ରାସନ:** ଉଚ୍ଚ ରକ୍ତଚାପ ସମସ୍ୟାରୁ ମୁକ୍ତି ପାଇବା ପାଇଁ, ବଜ୍ରାସନ ନିୟମିତ ଭାବରେ ଅଭ୍ୟାସ କରିବା ଉଚିତ। ଏହି ଆସନ ଖାଦ୍ୟ ଖାଇବା ପରେ କରାଯାଇପାରିବ। ଏହା ପାଚନକ୍ରିୟାକୁ ଉନ୍ନତ କରିଥାଏ ଏବଂ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ।

**ସୁଖାସନ:** ଧ୍ୟାନ ଏବଂ ଗଭୀର ଶ୍ୱାସ ସହିତ ସୁଖାସନ ଅଭ୍ୟାସ କରାଯାଏ। ଏହା ମାନସିକ ଶାନ୍ତି ଦିଏ ଏବଂ ଚାପ ହ୍ରାସ କରେ। ଉଚ୍ଚ ରକ୍ତଚାପର ସମସ୍ୟା ମଧ କମିଯାଏ। ଏକ ଶାନ୍ତ ଏବଂ ବାୟୁ ଚଳାଚଳ ସ୍ଥାନରେ ଚକା ପକାଇ ବସନ୍ତୁ ଏବଂ ମେରୁଦଣ୍ଡ ସିଧା ରଖନ୍ତୁ। ହସ୍ତମୁଦ୍ରାରେ ଆଣ୍ଠୁ ଉପରେ ହାତ ରଖନ୍ତୁ ଏବଂ ଗଭୀର ଶ୍ୱାସକ୍ରିୟା କରନ୍ତୁ। ୫-୧୦ ମିନିଟ୍ ପାଇଁ ଧ୍ୟାନ କରନ୍ତୁ ଏବଂ ଶ୍ୱାସକ୍ରିୟା ଉପରେ ଧ୍ୟାନ ଦିଅନ୍ତୁ।

**ବାଳାସନ:** ଶରୀରକୁ ଆରାମ ଦେବା ପାଇଁ ବାଳାସନ ଅଭ୍ୟାସ ଲାଭଦାୟକ। ବାଳାସନ ଅଭ୍ୟାସ କରିବା ଦ୍ୱାରା ସ୍ନାୟୁରେ ଚାପ କମିଯାଏ। ଏହାର ନିୟମିତ ଅଭ୍ୟାସ ପିଠି, କାନ୍ଧ ଏବଂ ବେକର ଚାପରୁ ମୁକ୍ତି ଦିଏ। ଏହା କରିବା ପାଇଁ ବଜ୍ରାସନରେ ବସି ଆଗକୁ ନଇଁ ପଡ଼ନ୍ତୁ, ଆପଣଙ୍କ କପାଳକୁ ଭୂମିରେ ଆଡକୁ ନିଅନ୍ତୁ ଏବଂ ହାତକୁ ଆଗକୁ ସିଧା ଲମ୍ବାଇ ରଖନ୍ତୁ।



**ପଶ୍ଚିମୋତ୍ତାନାସନ:** ବସିକି ଆଗକୁ ଭାଙ୍ଗି ଏହି ଆସନ କରିବା ଦ୍ୱାରା ଏହା ପେଟର ଅଙ୍ଗକୁ ଧୀରେ ଧୀରେ ମାଲିସ୍ କରେ, ଯାହା ଦ୍ୱାରା କିଡ୍‌ନୀ ଏବଂ ଯକୃତକୁ ପ୍ରଭାବିତ କରେ। ଏହା ମନକୁ ଶାନ୍ତ କରେ, ଥକ୍କାପଣକୁ ହ୍ରାସ କରେ ଏବଂ ସମୟ ସହିତ ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରେ।

**ତାଡାସନ:** ତାଡାସନ ଠିଆ ହୋଇ କରାଯାଏ। ଏହି ଆସନ ସନ୍ତୁଳନ ଏବଂ ଏକାଗ୍ରତାରେ ଉନ୍ନତି ଆଣେ। ଏହି ଆସନ କରିବାକୁ ହେଲେ ପାଦକୁ ଭୂମିରେ ରଖି ଆକାଶ ଆଡକୁ ଶରୀରକୁ ଭିଡିବାକୁ ହୁଏ, ପାଦ ଆଙ୍ଗୁଠିରେ ଠିଆ ହେବାକୁ ପଡେ। ଏହି ଆସନ ଦ୍ୱାରା ଭଲ ରକ୍ତ ସଞ୍ଚାଳନ ହେବା ସହିତ ଏହା ହୃଦୟରେ ଚାପକୁ ହ୍ରାସ କରେ ଏବଂ ରକ୍ତଚାପକୁ କମାଏ।

**ପାଦଅଙ୍ଗୁଷ୍ଠାସନ:** ପାଦଅଙ୍ଗୁଷ୍ଠାସନ ପରି ଆଗକୁ ନଇଁ ଆସନ କରିବା ଦ୍ୱାରା ଏହା ସ୍ନାୟୁ ପ୍ରଣାଳୀକୁ ଶାନ୍ତ କରିଥାଏ ଏବଂ ଚାପକୁ ହ୍ରାସ କରିଥାଏ, ଯାହା ଉଚ୍ଚ ରକ୍ତଚାପରେ ସହାୟକ ହୋଇପାରେ। ଏହି ଆସନ ମେରୁଦଣ୍ଡ ଏବଂ ହାମଷ୍ଟ୍ରିଙ୍ଗ୍‌କୁ ବିସ୍ତାର କରିଥାଏ, ଯାହା ମସ୍ତିଷ୍କକୁ ରକ୍ତ ପ୍ରବାହରେ ଉନ୍ନତି ଆଣି ମନକୁ ଆରାମ ଦେଇଥାଏ।

**ଅନୁଲୋମ ବିଲୋମ:** ଯଦିଓ ଏହା ଏକ ଶାରୀରିକ ଆସନ ନୁହେଁ, ତଥପି ଏହା ସ୍ନାୟୁ ପ୍ରଣାଳୀକୁ ଶାନ୍ତ କରିବା ଏବଂ ମସ୍ତିଷ୍କର ଉଭୟ ଗୋଲାର୍ଦ୍ଧକୁ ସନ୍ତୁଳିତ କରିବାରେ ଏହି ପ୍ରାଣାୟାମ ଅବିଶ୍ୱସନୀୟ ଭାବରେ ପ୍ରଭାବଶାଳୀ। ଅନୁଲୋମ-ବିଲୋମର ନିୟମିତ ଅଭ୍ୟାସ ଚାପ, ଚିନ୍ତା ଏବଂ ଉଚ୍ଚ ରକ୍ତଚାପକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ।

**ଭ୍ରାମରୀ:** ଏହି ପ୍ରାଣାୟାମ ମନକୁ ସାଙ୍ଗେ ସାଙ୍ଗେ ଶାନ୍ତ କରିଦିଏ। ଏହା ମଧ ଚିନ୍ତା ଓ ଚାପରୁ ମୁକ୍ତି ଦେଇଥାଏ । ଏହାର ନିୟମିତ ଅଭ୍ୟାସ ଉଚ୍ଚ ରକ୍ତଚାପରୁ ମୁକ୍ତି ଦିଏ।

# ଶ୍ରୀରାମଙ୍କ ପଥ
# ଅଙ୍ଗଦ ଦେଲେ ମହାଶିକ୍ଷା

ରାମାୟଣ'ର ଏକ ବଳିଷ୍ଠ ଚରିତ୍ର ହେଉଛନ୍ତି ଅଙ୍ଗଦ। ସେ କିଷ୍କିନ୍ଧ୍ୟା ନରେଶ ବାଳୀ ଓ ଅପ୍ସରା ତାରାଙ୍କର ଏକମାତ୍ର ପୁତ୍ର। ସେ ଯେପରି ଜ୍ଞାନୀ ସେହିପରି ବିଚାରବନ୍ତ ତଥା ବୀରବିକ୍ରମ ସଂପନ୍ନ। ଶ୍ରୀରାମ ବାଳୀକୁ ବଧ କରିଥିଲେ ସୁଦ୍ଧା ନିଜର ଜ୍ଞାନ ଓ ବୁଦ୍ଧି ଦ୍ୱାରା ଅଙ୍ଗଦ ଜାଣି ପାରିଥିଲେ ଯେ ରାମଚନ୍ଦ୍ର ସ୍ୱୟଂ ନାରାୟଣଙ୍କର ଅବତାର। ଫଳରେ ରାମଙ୍କ ପ୍ରତି ତାଙ୍କର ଥିଲା ଅଚଳାଚଳ ଭକ୍ତି। ବାଳୀ ବଧ ପରେ ଶ୍ରୀରାମ ଅଙ୍ଗଦଙ୍କୁ କିଷ୍କିନ୍ଧ୍ୟାର ଯୁବରାଜ ଭାବରେ ଅଭିଷିକ୍ତ କରିଥିଲେ। ସୀତାଙ୍କ ଅନ୍ୱେଷଣରେ ଯେଉଁ ବାନରମାନେ ଦକ୍ଷିଣ ଦିଗକୁ ଯାତ୍ରା କରିଥିଲେ, ଅଙ୍ଗଦ ସେମାନଙ୍କର ନେତୃତ୍ୱ ନେଇଥିଲେ। ସଂପାତ୍ତିଠାରୁ ସୀତା ଲଙ୍କାରେ ରହୁଥିବା ଜାଣି ସେ ପ୍ରଥମେ ସମୁଦ୍ର ଲଙ୍ଘନ କରି ଲଙ୍କାରେ ପହଞ୍ଚିବାକୁ ଆଗଭର ହୋଇଥିଲେ। କିନ୍ତୁ ଯେହେତୁ ସେ କିଷ୍କିନ୍ଧ୍ୟାର ଯୁବରାଜ, ତାଙ୍କର ସୁରକ୍ଷା ଦୃଷ୍ଟିରୁ ଜାମ୍ବବାନ ତାଙ୍କୁ ସେଥିରୁ ବିରତ କରିଥିଲେ। ଅଙ୍ଗଦ ଥିଲେ ହନୁମାନଙ୍କର ପଟ୍ଟଶିଷ୍ୟ। ତେଣୁ ହନୁମାନଙ୍କର ଅଧିକାଂଶ ଗୁଣ ତାଙ୍କ ପାଖରେ ଦେଖାଯାଏ। ଏହାର ଏକ ସୁସଂପନ୍ନ ନମୁନା ହେଉଛି, ଯେତେବେଳେ ସମସ୍ତ ବାନରସେନା ଲଙ୍କାର ସୁବେଳ ପର୍ବତରେ ପହଞ୍ଚିଲେ, ରାମଚନ୍ଦ୍ର ସଂପୂର୍ଣ୍ଣ ରାକ୍ଷସ ସଭ୍ୟତା ଯୁଦ୍ଧରେ ବିନଷ୍ଟ ହୋଇଯିବ ଚିନ୍ତାକରି, ଯୁଦ୍ଧ ଏଡ଼ାଇବାପାଇଁ ଶାନ୍ତିଦୂତ ପଠାଇବାକୁ ମନସ୍ଥ କଲେ। ଏଥିପାଇଁ ଅଙ୍ଗଦ ହିଁ ଉପଯୁକ୍ତ ଭାବି ସେ ତାଙ୍କୁ ପଠାଇଲେ। ଶାନ୍ତିଦୂତ ଭାବରେ ଅଙ୍ଗଦ ଲଙ୍କାରେ ଯେଉଁ ଭୂମିକା ନିର୍ବାହ କରିଥିଲେ ସେଥିରୁ ତାଙ୍କ ବ୍ୟକ୍ତିତ୍ୱର ଯଥାର୍ଥ ପରିଚୟ ମିଳେ। ପ୍ରଥମେ ଅଙ୍ଗଦ ରାବଣର ରାଜସଭାରେ ଉପନୀତ ହୋଇ ଯଥାମାନ୍ୟ ପ୍ରଦର୍ଶନ କରି ରାବଣ ସମ୍ମୁଖରେ ଶ୍ରୀରାମ ଦେଇଥିବା ଶାନ୍ତିପ୍ରସ୍ତାବ ଆଗତ କଲେ।



ଏଥି ସହିତ ରାଜା ଭାବରେ ରାବଣ ପରସ୍ତ୍ରୀ ହରଣ କରି ରାଜକୀୟ ମର୍ଯ୍ୟାଦାର ଯେପରି ଉଲ୍ଲଙ୍ଘନ କରିଛି, ତାହା ଦର୍ଶାଇଥିଲେ। ଜଣେ ପ୍ରଜାପାଳକ ରାଜା ପାଖରେ ଥିବା ସମସ୍ତ ସୁଗୁଣ ସଂପର୍କରେ ସୂଚନା ଦେଇ ଶ୍ରୀରାମଙ୍କ ସହିତ ସନ୍ଧି କରିବାର ପ୍ରସ୍ତାବ ସେ ରାବଣକୁ ପ୍ରଦାନ କରିଥିଲେ। କିନ୍ତୁ ତାହା ରାବଣ କିମ୍ବା ତାର ସଭାସଦଗଣଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥିଲା। ବରଂ ସେମାନେ ରାମ ଓ ଅଙ୍ଗଦ ଉଭୟଙ୍କୁ ଉପହାସ କରିବାକୁ ପଶ୍ଚାତପଦ ହୋଇ ନ ଥିଲେ। କ୍ରୋଧିତ ହୋଇ ପ୍ରାଣବିଦ୍ୟା ବିଶାରଦ ଅଙ୍ଗଦ ରାଜସଭା ମଧ୍ୟରେ ଠିଆହୋଇ ଘୋଷଣା କରିଥିଲେ, କେହି ଯଦି ମୋର ପାଦକୁ ଘୁଞ୍ଚାଇ ଦେଇପାରିବ ତେବେ ମୁଁ କଥା ଦେଉଛି, ସୀତାଙ୍କୁ ନ ନେଇ ରାମଚନ୍ଦ୍ର ଅଯୋଧ୍ୟା ଫେରିଯିବେ। କୌଣସି ସଭାସଦ୍ ଏ କାର୍ଯ୍ୟ କରିବାକୁ ସମର୍ଥ ନ ହେବାରୁ ସ୍ୱୟଂ ରାବଣ ଆସିଥିଲା। ଅଙ୍ଗଦ ତାକୁ ନିଜ ପାଦ ନ ଧରାଇ, ମନୁଷ୍ୟର ଚଉଦଦୁର୍ଗୁଣ- ଯଥା ବାମମାର୍ଗୀ, କାମୁକ, କୃପଣ, ମୂଢ଼, ଦରିଦ୍ର, ନିନ୍ଦିତ, ବୃଦ୍ଧ, ରୋଗୀ, ନିରନ୍ତର କ୍ରୋଧୀ, ବିଷ୍ଣୁଭକ୍ତି ବିମୁଖ, ବେଦ ବିରୋଧୀ, ସାଧୁ ସନ୍ଥ ବିରୋଧୀ, କେବଳ ନିଜର ଶରୀର ପୋଷଣକାରୀ, ପରନିନ୍ଦୁକ, ପାପର ଖଣି ବିଷୟରେ କହିଥିଲେ।



# ମରିଚମାଳରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

ଦାମନଯୋଡି,(ନିପ୍ର): କୋରାପୁଟ ବ୍ଲକ ଅନ୍ତର୍ଗତ ମରିଚମାଳ ଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଅତିଥି ରୂପେ ଯୋଗଦେଇ ଏହି କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ । ୨୦୧୭ରୁ ଗଠିତ ମରିଚମାଳ ପଞ୍ଚାୟତର କୌଣସି ସ୍ଥାୟୀ କାର୍ଯ୍ୟଳୟ ନ ଥିଲାବେଳେ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ । ତେବେ ପଞ୍ଚାୟତ ଗଠନର ଦୀର୍ଘ ୮ ବର୍ଷ ପରେ କାର୍ଯ୍ୟାଳୟ ଗୃହ ଉଦଘାଟନ ହୋଇଥିବାରୁ ପଞ୍ଚାୟତବାସୀଙ୍କ ମନରେ ଉତ୍ସାହ ପ୍ରକାଶ ପାଇଛି । ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ ମଣ୍ଡିପୁଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ, ସହକାରୀ ନିର୍ବାହୀ



ଯନ୍ତ୍ରୀ ଫକୀର ମୋହନ ପ୍ରଧାନ, ସହକାରୀ ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ମିଶ୍ର, ସମସ୍ତ କନିଷ୍ଠ ଯନ୍ତ୍ରୀ,ବ୍ଲକ ଷ୍ଟାଫ୍, ସମିତି ସଭ୍ୟା ପାନେଶ୍ୱରୀ ହାଁସଦା,ନାଏବ ସରପଞ୍ଚ ମହେଶ କୁମାର ଖିଲଙ୍କ ସହ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ମାଥାଲପୁଟ, ଲିଟିଗୁଡା ଓ ଡୁମୁରିପଦର ପଞ୍ଚାୟତର ସରପଞ୍ଚମାନେ ଏବଂ ପଞ୍ଚାୟତବାସୀ ଉପସ୍ଥିତ ଥିଲେ ।

# ମହାବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସମ୍ମିଳନୀ

ଚାରିଛକ,(ନିପ୍ର): ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ସଂସ୍କୃତ ସମ୍ମାନ ବିଭାଗ ଆନୁକୂଲ୍ୟରେ ଅଭିଭାବକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ସଂସ୍କୃତ ସମ୍ମାନ ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କର ଅଭିଭାବକମାନେ ଯୋଗଦେଇଥିଲେ । ବିଭାଗୀୟ ମୁଖ୍ୟା ଡ଼ଃ ପୂର୍ଣ୍ଣିମା ମହାନ୍ତି ଅଧ୍ୟୟନ ଓ ପରୀକ୍ଷା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ସଂସ୍କୃତ ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ସଂସ୍କୃତ ଅଧ୍ୟାପିକା ଅନିତା ବିଶ୍ୱାଳ, ଅର୍ଥନୀତି ବିଭାଗ ଅଧ୍ୟାପକ ଯୋଗେଶ୍ୱର ମୁଣ୍ଡା ଯୋଗଦେଇଥିଲେ । ଶେଷରେ ସଂସ୍କୃତ ଅଧ୍ୟାପିକା ପୂଜା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପୁନଶ୍ଚ ମହାବିଦ୍ୟାଳୟ ପରିସରରେ 'ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ ଅବସରରେ ଛାତ୍ରୀମାନଙ୍କୁ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ପାଇଁ ଉତ୍ସାହିତ କରିବା ଲକ୍ଷ୍ୟରେ 'ସ୍ୱଦେଶୀ ବନାମ ବିଦେଶୀ ଦ୍ରବ୍ୟ' ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପିକା ଇତିଶ୍ରୀ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ମହାବିଦ୍ୟାଳୟ ପରିସରରେ ସମସ୍ତଙ୍କୁ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ପାଇଁ ସଚେତନତା କରାଯାଇଛି ।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପ୍ରହସନରେ ପରିଣତ ହେଲା !

ଆଠଗଡ,(ନିପ୍ର): ଆଠଗଡ଼ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆଠଗଡ଼ ବ୍ଲକ ପ୍ରାଣୀ ଚିକିତ୍ସକ ଡାକ୍ତର ଅନ୍ତର୍ଯ୍ୟାମୀ ବାରିକଙ୍କ ଅଧକ୍ଷତାରେ ଆଠଗଡ଼ ମିନି ଷ୍ଟାଡିୟମର ଠାରେ ଅନୁଷ୍ଠିତ ହୋଇଯାଇଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଆୟୋଜିତ ଏହି ମେଳାକୁ ନିମନ୍ତ୍ରିତ ଅତିଥି ନଆସିବାରୁ ପ୍ରହସନରେ ପରିଣତ ହୋଇଥିଲା ବହୁ ଆଡମ୍ବରରେ ଲଘୁକ୍ରିୟା ପରି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସମାପନ ହୋଇଥିଲା । କାମଚଳା ଢଙ୍ଗରେ ହୋଇଥିବା ମେଳାକୁ ସ୍ୱଳ୍ପ ସଂଖ୍ୟକ ଚାଷୀ ଦେଖିବାକୁ ମିଳିଥିଲା । ଅତିଥି ଆସି ନ ଥିବାବେଳେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁଶାନ୍ତ କୁମାର ନୟକ ମୁଖ୍ୟ ଅତିଥି ହୋଇଥିବା ବେଳେ ଜିଲ୍ଲା ଉପ ମତ୍ସ୍ୟ ନିର୍ଦ୍ଦେଶିକା କଟକ ବବିତା ମହନ୍ତ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଆଠଗଡ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା,ଏନ ଏ ସି ଅଧକ୍ଷା ସସ୍ମିତା ରାଉତ, ଆଠଗଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଶିଶିର କୁମାର ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିଷ୍ଣୁ ପ୍ରସାଦ ଚୌଧୁରୀ କାର୍ଯ୍ୟକ୍ରମରେ କାମଚଳା ଅତିଥି ହୋଇ ବକ୍ତବ୍ୟ ରଖିଥିଲେ । ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ମାଛ ଆଦି ବିଭିନ୍ନ ପ୍ରକାର ଚାଷ କରି ସ୍ୱାବଲମ୍ବୀ ହେବା ନିମନ୍ତେ ସରକାରୀ ସୁବିଧା ବିଷୟରେ ଚାଷୀମାନଙ୍କୁ ଅବଗତ କରାଯିବା ସହିତ ଯେଉଁମାନେ ଏହି ସୁବିଧା ନେଇ ଚାଷ କରିବାକୁ ଇଚ୍ଛୁକ ଅଛନ୍ତି । ସେମାନେ ଅନଲାଇନରେ ଆବେଦନ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସୁବିଧା ନେବା ନିମନ୍ତେ ବକ୍ତବ୍ୟ ପ୍ରକାଶ ପାଇଥିଲା । ଏହି ଅବସରରେ ମାତ୍ର ୧୨ଟି ଷ୍ଟଲ ମାଧମରେ ବିଭିନ୍ନ ଯୋଜନା ଉପରେ ସଚେତନତା କରାଯାଇଥିଲା ।ସରକାରୀ ଯୋଜନାରେ ସ୍ୱାବଲମ୍ବୀ ହୋଇଥିବା ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଓ ୩୪ ଟି ପଂଚାୟତର କୁକୁଡ଼ା, ମାଛ, ଛେଳି, ମାଛ ଜାହାର, ଗାଈ ଚାଷ କରି ସଫଳତା ପାଇଥିବା ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା ଥିଲା ବେଳେ ଅଧିକାରୀ ତାର ସୂଚନା ଦେଇ ନ ଥିଲେ । ସଠିକ ପ୍ରଚାର ପ୍ରସାରର ଅଭାବ ପାଇଁ ଚାଷୀମାନେ ଜାଣିନପାରି ପ୍ରଶାସନକୁ ଦାୟୀ କରୁଥିବାର ଆଲୋଚନା ଦେଖିବାକୁ ମିଳିଥିଲା । ଏହି ସମସ୍ତ ବିଶୃଙ୍ଖଳା ପାଇଁ ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ସରକାରୀ ଯୋଜନାର ସଚେତନତା କାର୍ଯ୍ୟକ୍ରମରେ ଅବହେଳା କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ପ୍ରାଣୀ ଚାଷୀ ସଂଗଠନ ଓ ସାଧାରଣ ଜନତା ପକ୍ଷରୁ ଦାବି କରାଯାଇଛି ।

# ମାଣ୍ଡିଆ ଫସଲ ପାଇଁ ହୋଇପାରୁନି ଆଖିଦୃଶିଆ ଚାଷୀ ପଞ୍ଜୀକରଣ

ନିରାକାରପୁର,(ନିପ୍ର): ଗତ ବର୍ଷଗୁଡ଼ିକ ହାତଗଣତି କେତୋଟି ସମିତିରେ ମାଣ୍ଡିଆ ମଣ୍ଡି ହୋଇପାରିଥିଲା । ଅନେକ ସମିତି ଏବଂ ଚାଷୀ ବାଦ୍ ପଡ଼ି ଥିବାର ସୂଚନା ଥିଲା । ସଚେତନତା ଅଭାବରୁ ଅନେକ ଲୋକେ ଶ୍ରୀଅନ୍ନ ଯୋଜନା ବିଷୟରେ ଜାଣିପାରୁନଥିଲେ । ଚଳିତ ବର୍ଷ ଯଦିଓ ବିଭିନ୍ନ ଗଣମାଧ୍ୟମ ବାରମ୍ବାର ଖବର ପ୍ରସାରଣ ଓ ବିଭାଗୀୟ ଅଧିକାରୀଙ୍କ ସଚେତନତା ସଭା ଯୋଗୁ ଚଳିତ ବର୍ଷ ଅଧିକ ଚାଷୀ ପଞ୍ଜିକରଣ କରିବାର ଆଶା ରଖାଯାଇଥିଲା । କିନ୍ତୁ ବ୍ଲକରେ ଦାୟିତ୍ୱ ଦିଆଯାଇଥିବା ସମିତିଗୁଡିକରେ ମାଣ୍ଡିଆ ଦିବସ ଠାରୁ ପଞ୍ଜୀକରଣ ଆରମ୍ଭ ହୋଇଥିଲେ ବି ଆଶାତୀତ ପଞ୍ଜୀକରଣ ହୋଇନାହିଁ । ନଭେମ୍ବର ୧୦ ତାରିଖ ୨୦୨୫ ରିଖ ସାରା ରାଜ୍ୟ ପାଳନ କଲା ମାଣ୍ଡିଆ ଦିବସ, କିନ୍ତୁ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର କିଛି ସମିତି ନିକଟରେ ହାତ ଗଣତି କେତୋଟି ଚାଷୀ ପଞ୍ଜୀକରଣ କରିଥିବା ବେଳେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଟ୍ରାଇବାଲ ଡେଭଲପମେଣ୍ଟ କୋପରେଟିଭ କର୍ପୋରେସନ ଅଫ ଓଡ଼ିଶା ଲିମିଟେଡ ଚିଠି ନମ୍ବର -୨୭୨୬ ତା ୧୩.୧୦.୨୦୨୫ ରିଖ ପୋମା ଟୁଡୁ ଆଇ. ଏ. ଏସ ପ୍ରବନ୍ଧକ ନିର୍ଦ୍ଦେଶକ ସମସ୍ତ ଜିଲ୍ଲାପାଳଙ୍କୁ ତା ୧୯.୧୦.୨୦୨୫ ରିଖ ଠାରୁ ତା ୧୯.୧୧.୨୦୨୫ ରିଖ ମଧ୍ୟରେ ମାଣ୍ଡିଆ ଚାଷୀ ପଞ୍ଜୀକରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହି ଆଦେଶ କେବଳ କାଗଜକଲମରେ ସିମିତ ହୋଇ




ଗଲା ପରି ମନେ ହେଉଛି । ପୂର୍ବ ବର୍ଷ ୨୦୨୪-୨୫ ଆର୍ଥିକ ବର୍ଷରେ ମାଣ୍ଡିଆ ଚାଷ ପାଇଁ ସଚେତନ ଏବଂ ପଞ୍ଜିକରଣ ବୃଦ୍ଧି ପାଇଁ ଏଫ୍. ପି. ଓ ସଂସ୍ଥା ତରଫରୁ ଟାଙ୍ଗୀ ବ୍ଲକ୍ ପାଇଁ ଏକ ଫାର୍ମରସ ପ୍ରଡୁସର କମ୍ପାନୀ ଲିମିଟେଡ ଏବଂ ବାଣପୁର ବ୍ଲକ୍ ପାଇଁ ଏକ ଫାର୍ମରସ ପ୍ରଡୁସର କମ୍ପାନୀ ଲିମିଟେଡକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଟାଙ୍ଗୀ ବ୍ଲକରେ ସୁଭଦ୍ରା ବେହେରା ସି.ଇ.ଓ, ସତ୍ୟରଞ୍ଜନ ରାଓ ଆକାଉଣ୍ଟାଣ୍ଟ, ଅନୁପ କୁମାର ବେହେରା ଏବଂ ମଧୁସ୍ମିତା ପଲେଇ, କବିତା ସେଠି , ମନୋଜ ସାହୁ, ଜ୍ୟୋତିର୍ମୟୀ ଅଧିକାରୀ (ସି. ଆର. ପି) ରୂପେ କାର୍ଯ୍ୟ କରୁଛନ୍ତି । ଟାଙ୍ଗୀ ବ୍ଲକର କେବେଳ ୪ ଟି ସମିତି ରେ ମାଣ୍ଡିଆ ମଣ୍ଡି ହୋଇପାରିଥିଲା ଯଥା ଟାଙ୍କୋଳ, ନୂଆଗଡ, ସୁନ୍ଦରପୁର , କୁହୁଡି ସମିତି ଏବଂ ବାଣପୁର ବ୍ଲକର ୩ ଟି ଡୋମଣି , ନୀଳାଦ୍ରି ପ୍ରସାଦ ଏବଂ ଦେଓଗାଁ ସମିତି ମାଣ୍ଡିଆ ମଣ୍ଡି ହୋଇପାରିଥିଲା । ୨୦୨୪-୨୫ ଆର୍ଥିକ ବର୍ଷରେ ଟାଙ୍ଗୀ ବ୍ଲକ ଟାଙ୍କୋଳ ସମିତିରେ ୬୦.୬୧ କ୍ୱିଣ୍ଟାଲ, ନୂଆଗଡ ସମିତି ରେ ୦.୮୮ କ୍ୱିଣ୍ଟାଲ, ସୁନ୍ଦରପୁର ସମିତି ରେ ୫୪.୮୨ କ୍ୱିଣ୍ଟାଲ , କୁହୁଡି ସମିତି ରେ ୮୭.୮ କ୍ୱିଣ୍ଟାଲ ମାଣ୍ଡିଆ ଚାଷୀଙ୍କ ଠୁ କିଣାଯାଇଥିଲା । ପୂର୍ବ ବର୍ଷ ଯେତୋଟି ସମିତିରେ ପଞ୍ଜିକରଣ ହୋଇଥିଲା ସେଇ ସମିତି ଗୁଡିକରେ ପୁଣି ଥରେ ମାଣ୍ଡିଆ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଅଲଗା କୌଣସି ସମିତି ଏଥିରେ ଭାଗ ନେଇ ପାରିନାହାନ୍ତି ।ଆଜି ପର୍ଯ୍ୟନ୍ତ କିଛି ମଣ୍ଡିରେ ସ୍ୱଳ୍ପ ସଂଖ୍ୟକ ମାଣ୍ଡିଆ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିବା ଜଣାପଡିଛି ଓ ଆଗକୁ ଅଧିକ ପଞ୍ଜିକରଣର ଆଶା ରଖାଯାଇଛି ।

# ବିର୍ସା ମୁଣ୍ଡା ସର୍ବଦା ଅମର ରହିବେ

ବଡ଼ସାହି,(ନିପ୍ର): ବଡ଼ସାହି ଥାନା ଅନ୍ତର୍ଗତ କେନ୍ଦୁଆସାହି ବିର୍ସାମୁଣ୍ଡା ଛକ ଠାରେ ବୁରୁବଙ୍ଗା ସାସାଙ୍କର କମିଟି, ବୁରୁବଙ୍ଗା ଯୁବକ ସଂଘ ଓ ବୁରୁବଙ୍ଗ ମୁଣ୍ଡାରୀ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଭଗବାନ ବିର୍ସାମୁଣ୍ଡା ତଥା ସ୍ୱାଧୀନତା ସଂଗ୍ରାମୀ ବୀର ସହିଦ ବିର୍ସାମୁଣ୍ଡାଙ୍କର ୧୫୧ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି । ବ୍ରିଟିଶ ଶାସନ ଓ ସ୍ଥାନୀୟ ଜମିଦାରଙ୍କ ଶୋଷଣ ଓ ଅତ୍ୟାଚାର ବିରୋଧରେ ଲଢେଇ କରିଥିବା ବିର୍ସା ମୁଣ୍ଡା ସର୍ବଦା ଅମର ରହିବେ । ସଭାରେ ପାହାନ ଗୁରୁ ବସନ୍ତ କୁମାର ସିଂ ବିଧିବଦ୍ଧ ଭାବେ ପୂଜା ଅର୍ଚ୍ଚନା କରିଥିଲେ । ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ରାମର ଜଣେ ଦକ୍ଷ ଚାଷୀ ଶୋଭାକର ସିଂ ଯୋଗଦାନ



କରିଥିଲେ । ବୁରୁବଙ୍ଗା ମୁଣ୍ଡାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକୁରାମ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୁରୁବଙ୍ଗା ଯୁବକ ସଂଘର ସଭାପତି ବିରେନ୍ଦ୍ର ସିଂ, ଉପସଭାପତି ସୁରେନ୍ଦ୍ର ସିଂ, ରବିନ୍ଦ୍ର ସିଂ, ଗୌତମ ସିଂ, ବିର୍ସାମୁଣ୍ଡାଙ୍କର ଜୀବନୀ ଓ ତାଙ୍କର ସଂକଟମୟ ତଥା ସଂଘର୍ଷମୟ ଜୀବନ ଉପରେ ବକ୍ତବ୍ୟ ରଖି ଥିଲେ । ଅନ୍ୟ ବକ୍ତା ମାନେ ବିର୍ସାମୁଣ୍ଡାଙ୍କର ମାତୃଭାଷା ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବା ତଥା ତାଙ୍କ ଜନ୍ମ ତିଥିକୁ ସରକାରୀ ଛୁଟି ଘୋଷଣା ପାଇଁ ଦାବି କରିଥିଲେ । ମନୋଜ ସିଂ, ସୁରୋଜ କୁମାର ସିଂ, ବିନୋଦ ସିଂ, ବାପି ସିଂ, ରାଜୁ ସିଂ, ଲିଜା ସିଂ ଆଦି ଅନେକ ସ୍ୱଚ୍ଛାସେବୀ ସହଯୋଗ କରିଥିଲେ । ଶେଷରେ ପାହାନ ଗୁରୁ ସମସ୍ତଙ୍କର ମଙ୍ଗଳ ଓ ବିଶ୍ୱ ଶାନ୍ତି ପାଇଁ ପାର୍ଥନା କରିଥିଲେ । ମନୋରଞ୍ଜନ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୫୦ ବର୍ଷ ଜମିକୁ ଚାଷ କରୁଥିବା ପରିବାରକୁ ବେଦଖଲ ଅଭିଯୋଗ

ରାଉରେକଲା,(ନିପ୍ର): ବଲଣ୍ଡା ପଞ୍ଚାୟତର ଜିତ ବସ୍ତି ଗାଁରେ, ଗୁମାନ ମୁଣ୍ଡାରୀଙ୍କ ଚାରି ପୁଅ ୫୦ ବର୍ଷରୁ ଅଧିକ ସମୟ ଧରି ଏକର ଏକର ଜମିରେ ଚାଷ କରିଆସୁଥିଲେ ମଧ୍ୟ କୁଲୁଙ୍ଗା ରାଜସ୍ୱ ନିରୀକ୍ଷକ (ଆରଆଇ) ସେମାନଙ୍କ ପରିବାରର ସଦସ୍ୟମାନଙ୍କୁ ଘଉଡ଼ାଇକୁ ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ।

ସୂଚନା ଅନୁସାରେ ସୁନ୍ଦରଗଡ଼ ଜିଲ୍ଲାର କୁଲୁଙ୍ଗା ପୋଲିସ୍ ଫାଣ୍ଡି ଅନ୍ତର୍ଗତ ବଲଣ୍ଡା ପଞ୍ଚାୟତର ଜିତ ବସ୍ତି ଗାଁରେ ରାସ୍ତା କଡ଼ରେ ଥିବା ଜମିକୁ ୫୦ ବର୍ଷରୁ ଅଧିକ ସମୟ ଧରି ଜେଜେବାପା ଏବଂ ବାପା ଗୁମାନ



ମୁଣ୍ଡାରୀଙ୍କ ଚାରି ପୁଅ ରାସ୍ତା କଡରେ ଥିବା ଜମିରେ ଚାଷ କରିଆସୁଛନ୍ତି । ଆଦିବାସୀ ପରିବାରର ଜେଜେବାପା ଏବଂ ବାପା ଗୁମାନ ମୁଣ୍ଡାରୀଙ୍କ ପେର, ସେମାନଙ୍କର ଚାରି ପୁଅ ବୁଦାନ ମୁଣ୍ଡାରୀ, ମଣିରାମ ମୁଣ୍ଡାରୀ, ମଦନ ମୁଣ୍ଡାରୀ, ବୁଦାନ ମୁଣ୍ଡାରୀ ଅଭିଯୋଗ କରି କହିଛନ୍ତି ଯେ, ନେଭମ୍ବର ୧୩ ତାରିଖେର କୁଲୁଙ୍ଗା ଆରଆଇ ଆସି ସେମାନଙ୍କୁ ସେହି ଜମିରୁ ବିତାଡ଼ିତ କରାଯିବା ପାଇଁ କହିଥିଲେ । ସେମାନେ ପଟ୍ଟା ଦେଖାଇବେ ନଚେତ୍ ସରକାର ଜମି ଛଡ଼ାଇ ନେବେ ବୋଲି ଧମକ ଦେଇଥିଲେ । ସେହି ଚାରି ପୁଅ ବୁଦାନ ମୁଣ୍ଡାରୀ, ମଣିରାମ ମୁଣ୍ଡାରୀ, ମଦନ ମୁଣ୍ଡାରୀ, ବୁଦାନ ମୁଣ୍ଡାରୀ କହିଛନ୍ତି ଯେ ସେମାନଙ୍କ ପାଖରେ ଦାଖଲ କାଗଜ ଏବଂ ମାଲ ଗୁଜାରି ଅଛି ଏବଂ ତାଙ୍କ ପାଖରେ ମଧ ରସିଦ ଅଛି । ତାଙ୍କର ପରିବାର ଚାରି ପିଢ଼ି ଧରି ଚାଷ କରିଆସୁଛନ୍ତି ଏବଂ ସେମାନେ ୫୦ବର୍ଷରୁ ଅଧିକ ସମୟ ଧରି ଏଠାରେ ରହି ଚାଷ କରୁଛନ୍ତି ବୋଲି କୁହାଯିବା ସତ୍ତ୍ୱେ, କୁଲୁଙ୍ଗା ଆରଆଇ କହିଥିଲେ ଯେ ଜମି ସରକାରଙ୍କର ଏବଂ ସେଠାରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି । ଆଦିବାସୀ ପରିବାରର ୪ ପୁଅମାନେ ଅଭିଯୋଗ କରି କହିଛନ୍ତି ଯେ, ସେମାନେ ଜମି ପାଇଁ ଖଜଣା ଦେଉଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ କଲୁଙ୍ଗା ଆରଆଇ କାର୍ଯ୍ୟାଳୟରୁ କୌଣସି ନୋଟିସ ପାଇନାହୁଁ ଏବଂ ହଠାତ୍ ନଭେମ୍ବର ୧୩ ତାରିଖେର କୁଲୁଙ୍ଗା ଆରଆଇ କାର୍ଯ୍ୟାଳୟର ଜଣେ ଅଧିକାରୀ ଆସି ସେମାନଙ୍କୁ ଜମି ଖାଲି କରିବାକୁ କହିଥିଲେ ଏବଂ ସେଠାରେ ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ । ଯାହାକୁ ଚାରି ପୁଅ ଏବଂ ଗ୍ରାମବାସୀମାନ ବିରୋଧ କରିଛନ୍ତି । ତଥାପି ସେଠାରେ ସଫେଇ କାର୍ଯ୍ୟ ଜାରି ରହିଛି । ତେଣୁ ବଲଣ୍ଡା ପଞ୍ଚାୟତର ଜିତ ବସ୍ତି ଗାଁରେ, ଦାଦା ଏବଂ ବାପାଙ୍କ ପରେ, ତାଙ୍କ ଚାରି ପୁଅ ଏ ନେଇ କାନ୍ଦୁଛନ୍ତି । ବୁଦାନ ମୁଣ୍ଡାରୀଙ୍କ ସ୍ତ୍ରୀ କାନ୍ଦୁଛନ୍ତି । ଏଠାରେ ପ୍ରଶ୍ନ ଉଠେ ଯେଉଁଠାରେ ଆଦିବାସୀ ପରିବାର ରହୁଛନ୍ତି ୫୦ ବର୍ଷ ଧରି, ସେଠାରୁ ସରକାର ବିନା ନୋଟିସରେ କିପରି ସେମାନଙ୍କୁ ବେଦଖଲ କରିପାରୁଛନ୍ତି । ସେମାନେ ଜିଲ୍ଲାପାଳ ଏବଂ ସରକାରଙ୍କୁ ନିବେଦନ କରିଛନ୍ତି ଯେ ସରକାର କିଛି ଦେଖିପାରୁନାହାଁନ୍ତି କି ? ଏହା କି ପ୍ରକାରର ନ୍ୟାୟ ? ସେମାନେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ସରକାରଙ୍କୁ ନିବେଦନ କରିଛନ୍ତି ଯେ, ସେମାନଙ୍କୁ ନ୍ୟାୟ ମିଳିବା ଉଚିତ ।

# ଶିଶୁ ଭାରତୀ ପଦାଧିକାରୀ ଓ ଘୋଷ କାର୍ଯ୍ୟଶାଳା

ଗୁଣୁପୁର,(ନିପ୍ର): ଗତ ଦୁଇ ଦିନ ଧରି ଚାଲିଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଗୁଣପୁରରେ ଗୁଣପୁର ସଂକୁଳ ସ୍ତରୀୟ କଥିତ ଇଂରାଜୀ,ଶିଶୁ ଭାରତୀ ପଦାଧିକାରୀ ଓ ଘୋଷ୍ କାର୍ଯ୍ୟଶାଳା ଯଥାରୀତି ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ପ୍ରଫୁଲ୍ଲ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ । ଅନୁଷ୍ଠାନର ଉପସଭାପତି ମୋହନ ଚନ୍ଦ୍ର



ସାହୁ ସଂପାଦକ ସୋମନାଥ ଗୌଡ ଓ ସଦସ୍ୟା ପ୍ରତିଭା ରଥ ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଗୁଣପୁର ସଂକୁଳର ଗୁଣପୁର, ପଦ୍ମପୁର,ଗୁଡାରୀ, ରାମନାଗୁଡା ଗୁମୁଡା,ଡମ୍ବସରା ଓ କେନ୍ଦୁଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଶିଶୁମାନଙ୍କୁ ମିଶାଇ ମୋଟ ୧୧୨ଜଣ ଯୋଗଦାନ କରିଥିଲେ ।କଥିତ ଇଂରାଜୀରେ ରାୟଗଡା ସଂକୁଳ ପ୍ରମୁଖ ରମେଶ ଚନ୍ଦ୍ର ସାହୁ,ସ୍ଥାନୀୟ ଅଧ୍ୟାପକ ଦୁର୍ଗା ପ୍ରସାଦ କର ଶିକ୍ଷଣ କାର୍ଯ୍ୟ କରିଥିଲେ । ସେହିପରି ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଜଣେ ବରିଷ୍ଠ ଆଚାର୍ଯ୍ୟ ମୂରଲୀ ମୋହନ ପ୍ରଧାନ ଶିଶୁମାନଙ୍କୁ ଘୋଷ୍ ପ୍ରଶିକ୍ଷଣ ଦେଇଥିଲେ । ଗୁଣପୁର ସଂକୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ ଓ ରାୟଗଡା ସହଜିଲ୍ଲାପ୍ରମୁଖ କୃଷ୍ଣପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ରହି କାର୍ଯକ୍ରମ ନିରୀକ୍ଷଣ କରିବା ସହିତ ସହଯୋଗ କରିଥିଲେ ।

# 'ପ୍ରମାଣ ଯାଞ୍ଚ ପୂର୍ବକ ଖବର ପହଞ୍ଚାଇବାର ଗୁରୁଦାୟିତ୍ୱ ସାମ୍ବାଦିକଙ୍କ ରହିଛି'

ଟାଙ୍ଗି /ଚୌଦ୍ୱାର,(ନିପ୍ର): ଉତ୍କଳ ସାମ୍ବାଦିକ ପରିବାର ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ । ଚୌଦ୍ୱାର ସ୍ଥିତ ଉତ୍କଳ ନ୍ୟୁଜ କାର୍ଯ୍ୟାଳୟ ପରିସରରେ ଉତ୍କଳ ସାମ୍ବାଦିକ ପରିବାର ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଗଣମାଧମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ, ଏହି ସ୍ତମ୍ଭକୁ ମଜଭୁତ ରଖିବାକୁ ହେଲେ ଏହାର ମୂଳଦୁଆ ହେଉଛି ବିଶ୍ୱସନୀୟତା । ଗଣମାଧମ ଏପରି ଏକ ଶକ୍ତିଶାଳୀ ମାଧମ ଯାହା ଗଣତନ୍ତ୍ରର ଅନ୍ୟ ତିନୋଟି ସ୍ତମ୍ଭ ଉପରେ ନଜର ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଉତ୍କଳ ନ୍ୟୁଜ କାର୍ଯ୍ୟାଳୟରେ ଆୟୋଜିତ ଜାତୀୟ




ପ୍ରେସ ଦିବସ ୨୦୨୫ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟାଙ୍ଗି ସାଲେପୁର ବିଜେପି ସଂଗଠକ ହିମାଂଶୁ କୁମାର ମହାନ୍ତି କହିଛନ୍ତି ଯେ 'କଲମ କୁ ନାହିଁ ମଲମ' ଓ ନିରପେକ୍ଷତା ଓ ନିର୍ଭୀକ ହୋଇ ସାମ୍ବାଦିକତା କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ବିଷ୍ଣୁ ଚରଣ ପରିଡା ତଥ୍ୟ ଭିତ୍ତିକ ସାମ୍ବାଦିକତା କରିବାକୁ ଆହ୍ୱାନ ଦେଇଥିଲେ । ସାମ୍ବାଦିକମାନଙ୍କ ଲେଖନୀ ସମାଜର ବିଭିନ୍ନ ଦିଗକୁ ପ୍ରତିଫଳିତ କରୁ ଏବଂ ସମାଜର ଉନ୍ନତି ସାଧନ ଦିଗରେ ସହାୟକ ହେଉ ବୋଲି ଉତ୍କଳ ନ୍ୟୁଜ ମୁଖ୍ୟ ସମ୍ପାଦିକା ସୁଶ୍ରୀ ସୁନିତା ମହାପତ୍ର ମତବ୍ୟକ୍ତ କରିଥିଲେ । ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ ପରିବେଷଣକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଲେ ଉତ୍କଳ ନ୍ୟୁଜ କାର୍ଯ୍ୟକାରୀ ସମ୍ପାଦକ ଶଙ୍କର୍ଷଣ ମହାପାତ୍ର । ଏବେ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧମର ସଂଖ୍ୟା ବୃଦ୍ଧି ପାଇଥିବାବେଳେ ଖବରକୁ ବିଶ୍ୱସନୀୟ ଓ ମହତ୍ୱପୂର୍ଣ୍ଣ କରିବାର ଦାୟିତ୍ୱ ମଧ୍ୟ ସମାନ ଭାବରେ ବୃଦ୍ଧି ପାଇଛି । ସଠିକ ତଥ୍ୟ ପ୍ରମାଣ ଯାଂଚ ପୂର୍ବକ ଲୋକଙ୍କ ନିକଟରେ ଖବର ପହଂଚାଇବାର ଗୁରୁଦାୟିତ୍ୱ ସାମ୍ବାଦିକମାନଙ୍କର ରହିଛି । ସଭାରେ ଉତ୍କଳ ସାମ୍ବାଦିକ ପରିବାର ର ସଭାପତି ହରିହର ବେଉରା ସଭାପତିତ୍ୱ କରିଥିବା ବେଳେ ସିଦ୍ଧେଶ୍ୱର ନାୟକ ସଭା ପରିଚାଳନା କରିଥିଲେ ।

# ବ୍ଲକସ୍ତରୀୟ 'ଶିଶୁମାନଙ୍କ ପାଇଁ ଦିନଟିଏ'

ଧାମନଗର,(ନିପ୍ର): ଧାମନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଆନୁକୂଲ୍ୟରେ 'ଶିଶୁମାନଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସ୍ତରୀୟ ଶିଶୁ ସୁରକ୍ଷା କମିଟି ତଥା ବ୍ଲକ ସ୍ତରୀୟ ଟାସ୍କ ଫୋର୍ସ କମିଟିର ସଦସ୍ୟମାନଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ବ୍ଲକ ଶିଶୁ ମଙ୍ଗଳ ଅଧିକାରୀ ଦମୟନ୍ତୀ ଦେଈଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଯୋଗ ଦେଇ ସମାଜରେ ହେଉଥିବା ଅପ୍ରାପ୍ତ ବୟସ୍କ ନାବାଳିକାମାନଙ୍କର ବିବାହ ରୋକିବା,ସୁରକ୍ଷା ଓ ସଚେତନତାକୁ ନେଇ ଆଲୋଚନା କରିଥିଲେ । ଏହାସହ ଗ୍ରାମାଞ୍ଚଳମାନଙ୍କରେ ଏହି କାର୍ଯ୍ୟକ୍ରମ ର ପ୍ରଚାର ଓ ପ୍ରସାର ନେଇ ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀମାନେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଶିକ୍ଷା ବିଭାଗର ଅନୁମତି ମିଳିବା ପରେ ବିଦ୍ୟାଳୟ / କଲେଜ ସ୍ତରରେ ରେ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନେଇ ପ୍ରତି ଶନିବାର ଏକ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଯିବ ବୋଲି



କହିଥିଲେ । ମୁଖ୍ୟତଃ ନାବାଳିକା ବିଶେଷ କରି ୧୪ ରୁ ୧୭ ବର୍ଷ ପର୍ଯ୍ୟନ୍ତ ବୟସର ଝିଅଙ୍କ ବିବାହ ହେଲେ ସମାଜ ତଥା ଶାରୀରିକ କୁପ୍ରଭାବ ଏବଂ ଏଥିରୁ କିପରି ନିବୃତ ହେବେ ସେନେଇ ଆଲୋଚନା ହୋଇଥିଲା ।ସମାଜରେ ଥିବା ପିତୃହରା ପିଲାମାନଙ୍କୁ କିପରି ଭାବେ କୁସଂସ୍କାରରୁ ଦୂରେଇ ରଖିବା, ନିର୍ଯାତିତ ବା ଅବହେଳିତ ନହେବା ଏବଂ ସେମାନଙ୍କୁ ସରକାରଙ୍କ ଯୋଜନା ଯଥା ପୃଷ୍ଟପୋଷକତା ,ଯଶୋଦା ,ସୁଦକ୍ଷା ଯୋଜନା ଆଦି ବିଭିନ୍ନ ଯୋଜନାରେ ସାମିଲ କରାଯାଇ ଶିକ୍ଷା ,ଆର୍ଥିକ ସ୍ୱଚ୍ଛଳ ଆଦି କ୍ଷେତ୍ରରେ ଉନ୍ନତି ଦିଗରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା । ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବୈଠକ ହୋଇଥିଲେ ମଧ ବହୁ ସରକାରୀ ଅଧିକାରୀଙ୍କ ଅନୁପସ୍ଥିତ ଥିବା ନେଇ ଦେଖିବାକୁ ମିଳିଥିଲା ।

# ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ ୨୦୨୫

ଆଠଗଡ଼,(ନିପ୍ର): ଆଠଗଡ଼ ବ୍ଲକ ଅନ୍ତର୍ଗତ ରାହାଁଗୋଳ ଆଶ୍ରମ ବିଦ୍ୟାଳୟରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମଜୟନ୍ତୀ ଉପଲକ୍ଷେ ଜିଲ୍ଲାସ୍ତରୀୟ ଜନଜାତି ଗୌ ।ରବ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଏ ପରିପ୍ରେକ୍ଷୀରେ ଜନଜାତି ବର୍ଗର ଅଧିବାସୀମାନଙ୍କୁ ଜିଲ୍ଲାପାଳ ଶିନ୍ଦେ ଜଙ୍ଗଲ ଜମି ଶିରୋନାମ(ଟାଇଟଲ୍) ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଆଠଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ୨ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ମିନତୀ ଗଗରାଇ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଉକ୍ତ ଦିବସ ବିଷୟରେ ଆଲୋକପାତ କରିଥିଲେ ଏବଂ ଜନଜାତି ଅଧ୍ୟୁସିତ ଗ୍ରାମମାନଙ୍କର ସାମୂହିକ ଉନ୍ନତି କରଣ ନିମନ୍ତେ ନିଆଯାଇଥିବା ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ସ୍ୱାସ୍ଥ୍ୟ ବିଭାଗର ମହିଳା ଓ ଶିଶୁ କଲ୍ୟାଣ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# 'ପ୍ରେସ ସ୍ୱାଧୀନତା ଉପରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ'

ଦାମନଯୋଡି,(ନିପ୍ର): ଆଜିର ଅତ୍ୟାଧୁନିକ ଡିଜିଟାଲ ଯୁଗରେ କୃତ୍ରିମ ବୁଦ୍ଧି ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରତି ସମୟରେ ଓ ପ୍ରତି କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରି ଚାଲିଛି । ଏହାର ପ୍ରଭାବରେ ଭଲ ଓ ମନ୍ଦ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି ସମାନ୍ତରାଳ ଭାବେ ଗତିଶୀଳ । ଏହାକୁ ନେଇ ଜାତୀୟ ପ୍ରେସ ଦିବସ -୨୦୨୫ ପାଳନ ଆବାସରରେ 'ପ୍ରେସ ସ୍ୱାଧୀନତା ଉପରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ନାଲକୋ କମ୍ୟୁନିଟି ସେଣ୍ଟର




ପରିସରରେ ଉତ୍କଳ ସାମ୍ବାଦିକ ସଂଘ, କୋରାପୁଟ ଜିଲ୍ଲା ଶାଖା ଓ ମିଡିଆ ହାଉସ୍, ଦାମନଯୋଡିର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲକୋର ଅର୍ଥ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ଗୁପ୍ତା ଓ ସମ୍ମାନିତ ଅତିଥି ଭାବରେ ଖଣି ବିଭାଗ ମୁଖ୍ୟ ମହାପ୍ରବନ୍ଧକ ପୁରୁଷୋତ୍ତମ ମହାନ୍ତ, ଶିଳ୍ପ ସୁରକ୍ଷା ବାହିନୀର ବରିଷ୍ଠ କମାଣ୍ଡାଣ୍ଟ ସତ୍ୟଦେବ ଆର୍ଯ୍ୟ, ଦାମନଯୋଡି ଥାନା ଅଧିକାରୀଣୀ ପ୍ରମିଳା ବିଡ଼ିକା, ଉତ୍କଳ ସାମ୍ବାଦିକ ସଂଘ କୋରାପୁଟ ଜିଲ୍ଲାର ସଭାପତି କେ ଶ୍ରୀନିବାସ ରାଓ, ମିଡିଆ ହାଉସ୍ ଦାମନଯୋଡି ର ସଭାପତି ନରସିଂହ ବ୍ରହ୍ମା, ଉତ୍କଳ ସାମ୍ବାଦିକ ସଂଘ କୋରାପୁଟର ଉପସଭାପତି ଜୟସିଂହ ପଡ଼ାସେଟ୍ଟି, ଉପ ସଭାପତି ତ୍ରିନାଥ ଖରା ପ୍ରମୁଖ ମଞ୍ଚାସୀନ ଥିଲେ ।

# ରମ୍ଭା: ବଡ଼ ଶଙ୍ଖ ପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଆବର୍ଜନା

ରମ୍ଭା,(ନିପ୍ର): ଚଳିତ ବର୍ଷର ପୂଜା ପାର୍ବଣ ପ୍ରାୟ ସରିବା ଉପରେ । ହେଲେ ରମ୍ଭା ସହରାଞ୍ଚଳ ଐତିହାସିକ ପର୍ଯ୍ୟଟନ ମାନଚିତ୍ର ଓ ସ୍ମାରକୀ ପୀଠର ମର୍ଯ୍ୟାଦା ବହନ କରୁଥିବା ବେଳେ ସ୍ଥାନୀୟ ପ୍ରଶାସନର ଉଦାସୀନତା, ଅଦୂରଦର୍ଶିତା, ଅବହେଳା, ନିଷ୍କ୍ରିୟତା, ଫଳରେ ସାଧାରଣରେ କ୍ରମଶଃ ଅସନ୍ତୋଷର ପାହାଡ଼ ଲଦି ଦେଉଥିବାର ଲକ୍ଷ୍ୟ କରାଯାଇଛି । ଏହାକୁ ନେଇ କିଛି ଦିନ ତଳେ ଖବର ପ୍ରସାରଣ କରାଯାଇଥିବା ବେଳେ ପ୍ରଶାସନ ଆକ୍ସନ ମୁଡ଼ରେ ରହି ଅବ୍ୟବସ୍ଥାକୁ ବିଚାରକୁ ନେଇ ତତ୍ପରତା ଦେଖାଇଥିଲା । କିନ୍ତୁ ପୁନଃ ମୂଷିକଭବ ନୀତିରେ ରମ୍ଭା ସହରର ବଜାର, ସାହିବସ୍ତି ବିଭିନ୍ନ ସ୍ଥାନର କୁକୁଡ଼ା ପର, ସେଲୁନର ଚୁଟି କଟା ବାଳ କୁଢ଼ କୁଢ଼ ସ୍ଥାନୀୟ ମଶାଣି ନିକଟସ୍ଥ ବଡ଼ ଶଙ୍ଖରେ ଗଦା ହୋଇ



ରହିଥିବା ଦେଖିବାକୁ ମିଳିଛି । ଏହା ଫଳରେ ପାଣିର ଅବସ୍ଥା କହିଲେ ନ ସରେ । ପାଣି ପଚି ସଢ଼ି କଳା ପଡ଼ି ଦୁର୍ଗନ୍ଧ ହେଉ ମଶା ମାଛି ଘର କରିବସିଲେଣି । ଏହି ରାସ୍ତା ଦେଇ ବିଭିନ୍ନ ପ୍ରକାରର ବ୍ୟକ୍ତିମାନେ ଦିବାରାତ୍ର ଯାତାୟାତ କରୁଥିବା ବେଳେ ଏବଂ ଦକ୍ଷିଣେଶ୍ୱର ମନ୍ଦିରକୁ ଗଲାବେଳେ ଉପରୋକ୍ତ ସ୍ଥାନ ଦୁର୍ଗନ୍ଧରେ ନାକ ଫାଟିପଡୁଛି । ବିଭିନ୍ନ ସମୟରେ କେନାଲର କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବା କାରଣରୁ ଅସାମାଜିକ ତଥା ନିଶା ସେବନ ବ୍ୟକ୍ତି ନିର୍ବିଘ୍ନରେ ଆତଯାତ କରୁଥିବା ଲକ୍ଷ୍ୟ କରାଯାଇଛି । ପ୍ରଶାସନ ଉପରୋକ୍ତ ସମସ୍ୟା, ଅବସ୍ଥା, ବ୍ୟବସ୍ଥା ଉପରେ ତୀକ୍ଷ୍ଣ ଦୃଷ୍ଟି ରହିଥିଲେ ମଧ୍ୟ କାର୍ଯ୍ୟକାରିତାରେ ଶିଥିଳତା କାହିଁକି ନା କୌଣସି ସଲା ସୁତୁରାରେ ଅଟକି ରହିଥିବା ସାଧାରଣରେ କୁହାକୁହି ହେଉଛନ୍ତି । ତତ ସହିତ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଟାଳଟୁଳ ନୀତି କାହିଁକି ବୋଲି ବୁଦ୍ଧିଜୀବୀ ମହଲରେ ସରଗରମ ଆଲୋଚନା ଚାଲିଛି । ତତ୍‌ସହିତ ରମ୍ଭା ଏନ. ଏ. ସି ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସାବତ ପୁଅ ନୀତିରେ ଯିଏ ଯେଉଁଠାରୁ ଅଳିଆ ଆଣି ଦିବାରାତ୍ରକୁ ଭ୍ରୂକ୍ଷେପ ନ କରି ଅନାୟାସରେ ଏଯାବତ ପକାଇ ଚାଲିଛନ୍ତି ।

ତିଥି : (ତ୍ରୟୋଦଶୀ) : (ଚିତ୍ରା କନ୍ୟା)
ଅମୃତବେଳା: ଦିବା ଘ.୭ ।୩୬ ମଧ୍ୟେ ୯ ।୧୨ ଗତେ

## ଆଜିର ଅନୁଚିନ୍ତନ

ତମୋଗୁଣରୁ ପ୍ରମାଦ,ମୋହ ଓ ଅଜ୍ଞାନ ଉତ୍ପନ୍ନ ହୁଏ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ସଡ଼କ ସୁରକ୍ଷା ଚିନ୍ତା

ନଭେମ୍ବର ୧୬ ଠାରୁ ୩୦ ପର୍ଯ୍ୟନ୍ତ ରାଜ୍ୟରେ ଶୂନ୍ୟ ମୃତାହତ ପକ୍ଷ ପାଳନ ପରିପ୍ରେକ୍ଷୀରେ ୪ଟି 'ଇ' ଉପରେ ପ୍ରାଧାନ୍ୟ ଦିଆଯାଇଛି । ପ୍ରଥମଟି ଏନ୍‌ଫୋର୍ସମେଣ୍ଟ, ଦ୍ୱିତୀୟଟି ଇଂଜିନିୟରିଂ, ତୃତୀୟଟି ଏଜୁକେସନ ଓ ଚତୁର୍ଥରେ ଏମ୍‌ରଜେନ୍‌ସି କେୟାର । ଉଚ୍ଚାରଣ କରିବାକୁ ଏହି ୪ଟି ଶବ୍ଦ ସହଜ ମନେହେଉଥିଲେ ହେଁ ଏଗୁଡ଼ିକ ମଧ୍ୟରେ ଯେଉଁ ସମନ୍ୱୟ ରକ୍ଷା ତାହା ଯଦି ନ ରହେ ସବୁ ବୃଥା ହୋଇଯିବ । ଆଚରଣ ଓ ଉଚ୍ଚାରଣରେ ସାମ୍ୟତା ଆବଶ୍ୟକ । ତେଣୁ ଏସବୁର ଠିକେଠିକେ କାର୍ଯ୍ୟକାରିତାରେ ସଂପୃକ୍ତ ପକ୍ଷମାନେ ଦାୟିତ୍ୱସଂପନ୍ନ ହେବା ଉଚିତ । ସଡ଼କ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଓ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡି କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଉଛି । ଶୂନ୍ୟ ମୃତାହତ ପକ୍ଷ ଏକ ସଚେତନତାର ପକ୍ଷ । ଯେତିକି ସଚେତନ ହେବେ ସେତିକି ସୁରକ୍ଷା ମିଳିବ । କିନ୍ତୁ ସାଧାରଣ ଜନତା ନିକଟରେ ଏହା ଯଦି ଠିକଣା ଭାବରେ ପହଞ୍ଚିପାରୁଥାଆନ୍ତା ତେବେ ସଡ଼କ ଦୁର୍ଘଟଣା ଆମ ରାଜ୍ୟରେ ବୃଦ୍ଧି ପାଉନଥାନ୍ତା । ବିଭିନ୍ନ ବିଭାଗର ମଧ୍ୟରେ ସମନ୍ୱୟର ଅଭାବ ହେତୁ ସଚେତନତାର ଅସ୍ତ୍ର ଲୋକଙ୍କ ନିକଟରେ ଠିକଣା ଭାବରେ ପହଞ୍ଚିପାରୁନାହିଁ ବୋଲି ଗତ ୧୦ବର୍ଷରେ ଆମ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୪୮ହଜାର ଲୋକ ଅକାଳରେ ଆଖି ବୁଜିଛନ୍ତି । କେବଳ ସେତିକି ନୁହେଁ, ଲକ୍ଷାଧିକ ଲୋକ ଗୁରୁତର ଆହତ ହୋଇଛନ୍ତି । ସଡ଼କ ଦୁର୍ଘଟଣା କେତେ ବିପଦଜନକ ତଥା କ୍ଷତିକାରକ ତାହା ସେହି ଲୋକେ କହିପାରିବେ ଯେଉଁମାନେ ଏହାର ସମ୍ମୁଖୀନ ଉଣାଅଧିକେ ହୋଇଛନ୍ତି । ୨୦୨୩ରେ ସଡ଼କ ଦୁର୍ଘଟଣା ୫ହଜାରରୁ ଅଧିକ ଜୀବନ ନେଇଥିଲା । ଆମ ଆଶା ରଖିବା ଏହାର ପରବର୍ତ୍ତୀ ସମୟରେ ଦୁର୍ଘଟଣା ହ୍ରାସ ପାଇଥିବ ହୁଏତ, ମାତ୍ର ବସ୍ତୁତଃ ସେପରି ଘଟି ନଥିଲା । ୨୦୨୪ରେ ଏହି ସଂଖ୍ୟା ୬ହଜାରକୁ ଅତିକ୍ରମ କରିଥିଲା । ଦିନକୁ ହାରାହାରି ୧୬ ଜଣଙ୍କ ମୃତ୍ୟୁ ରାଜ୍ୟରେ ଘଟିବା ଅତ୍ୟନ୍ତ ବେଦନାଦାୟକ । ବିଶେଷକରି ଅକ୍ଟୋବରରୁ ଫେବୃଆରୀରେ ଦୁର୍ଘଟଣା ସଂଖ୍ୟା ଅଧିକ ବଢିଥାଏ । ଆଲୋଚ୍ୟ ଅବଧି ମଧ୍ୟରେ ବହୁ ସଂଖ୍ୟକ ପିକ୍‌ନିକ୍ ଗାଡ଼ି ବେପରୁଆ ଭାବରେ ଯାତାୟତ କରିଥାନ୍ତି । ଦ୍ରୁତ ଗତିକୁ ଅଧିକାଂଶ ପିକ୍‌ନିକ୍ ଗାଡ଼ି ଗୁରୁତ୍ୱ ଦେଇଥାନ୍ତି । ଦ୍ରୁତ ଗତି ମହାବିପତ୍ତି । ଇଂରାଜୀରେ କୁହାଯାଇଛି 'ଥ୍ରିଲ୍ କିଲ୍‌ସ' । ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଏହି ପକ୍ଷ ପାଳନ ପରିପ୍ରେକ୍ଷୀରେ ବାର୍ତ୍ତାଟି ହେଉଛି ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ । ଏହି ସୁରକ୍ଷା ଶବ୍ଦ ସହିତ ଯାନଚାଳନାକାରୀଙ୍କ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ପକ୍ଷମାନେ ଦାୟିତ୍ୱବୋଧତା ପ୍ରତି ସଚେତ ରହିବା ଜରୁରୀ,ତାନୋହିଲେ ସବୁ ଫସର ଫାଟିଯିବ ।

ଦ୍ରୁତ ଗତିରେ ଗାଡ଼ି ଚଳାଚଳ କରିବା, ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ଚଳାଇବା, ଟ୍ରିପଲ ରାଇଡିଂ, ଅସୁରକ୍ଷିତ ଯାନ ବା ଫିଟ୍‌ନେସ ଗାଡ଼ି, ରାସ୍ତାର ଦୁରବସ୍ଥା, ଜେବ୍ରା କ୍ରସିଂ ପାରିହେବା ବେଳେ ବେପରୁଆ ହେବା ଏସବୁ ସମସ୍ୟା ପ୍ରତି କର୍ତ୍ତୃପକ୍ଷ କେତେ ସକ୍ରିୟ ତାହା ଆମ ରାଜ୍ୟର ରାଜପଥ ଠାରୁ ଆରମ୍ଭ କରି ସାଧାରଣ ରାସ୍ତାରେ ଗାଡ଼ିଗୁଡ଼ିକର ଗତିବିଧି ଦେଖିଲେ ଜଣାପଡ଼େ । କେହି ବେପରୁଆ ଗାଡ଼ି ଚାଳକ କୌଣସି ସଚେତନ ନାଗରିକ ସମ୍ମୁଖରେ ଆଗକୁ ଗଲେ ମନେ ମନେ ସେ ଆଶା ରଖିଥାଆନ୍ତି ଯଦି ପୋଲିସ ବା ଟ୍ରାଫିକ ହାବୁଡ଼ରେ ପଡ଼ନ୍ତା ତେବେ ଠିକଣା ଜବାବ ପାଆନ୍ତା । କିନ୍ତୁ ଅଧିକାଂଶ ସ୍ଥଳେ ସେପରି ଘଟେନାହିଁ । ବେପରୁଆ ଗାଡ଼ି ଚାଳକ ରାସ୍ତାରେ ଥାଏ । କହିବାକୁ ପ୍ରାୟତଃ କେହି ନଥାନ୍ତି ।

ଏ ପରିପ୍ରେକ୍ଷୀରେ ଛକଗୁଡ଼ିକରେ ବଡ଼ ବଡ଼ ବ୍ୟାବସାୟିକ ବିଜ୍ଞାପନ ବୋର୍ଡ ଅପେକ୍ଷା ଅଧିକ ଭାବରେ ସଡ଼କ ସୁରକ୍ଷା ସଂକ୍ରାନ୍ତ ବୋର୍ଡ ବା ଡିଜିଟାଲ୍ ଡିସ୍‌ପ୍ଲେବୋର୍ଡ ସ୍ଥାନ ପାଇବା ସମୟ ଉପଯୋଗୀ । ଗୋଟିଏ ପକ୍ଷେ ଶୂନ୍ୟ ମୃତାହତ ପାଳନ ଅପେକ୍ଷା ବର୍ଷ ସାରା କିଭଳି ସଚେତନତା ଜାରି ରହିବ ସେ ଦିଗରେ ଛକଗୁଡ଼ିକରେ ବୋର୍ଡ ବା ଡିସ୍‌ପ୍ଲେ ବୋର୍ଡ, ମାର୍ଗଦର୍ଶକ ହୋଇପାରିବ । ଏହା ସହିତ ସଡ଼କ ବା ଟ୍ରାଫିକ ଉଲ୍ଲଂଘନକାରୀଙ୍କ ବିରୋଧରେ ପ୍ରଥମେ ସଚେତନ ଓ ପରବର୍ତ୍ତୀ ସମୟରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଉଲ୍ଲଂଘନକାରୀଙ୍କ ଖାତିର କରିବେ ନାହିଁ । ସବୁଠୁ ବଡ଼ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହି ସଡ଼କ ଦୁର୍ଘଟଣାରେ ସମ୍ମୁଖୀନ ହେଲେ ନାଗରିକଙ୍କ କର୍ତ୍ତବ୍ୟ ସଂପର୍କରେ ସଚେତନତା ବୃଦ୍ଧି କରାଯିବା ଆବଶ୍ୟକ । ଯେଉଁମାନେ ଦରଦୀ ତଥା ମାନବତାସଂପନ୍ନ ନାଗରିକ ସେମାନେ ଅଟକି ଦୁର୍ଘଟଣାଗ୍ରସ୍ତ ଲୋକଟିକୁ ଡାକ୍ତରଖାନାରେ ପହଞ୍ଚାଇବାରେ ବ୍ୟବସ୍ଥା କରାଇଥାଆନ୍ତି ଅବା ପୋଲିସର ସାହାଯ୍ୟ ନେଇଥାଆନ୍ତି । ଯେତେ ସଚେତନତା ବଢିବ ଏବଂ ମାନବବାଦୀ ଦୃଷ୍ଟିଭଙ୍ଗୀ ଏ ଦିଗରେ ପରିପ୍ରକାଶିତ ହେବ ତାହାଦ୍ୱାରା ସମସ୍ୟା ବହୁ ପରିଣାମରେ ନିୟନ୍ତ୍ରିତ ହୋଇପାରିବ ।

# ମହିଳା ଭୋଟର ନିର୍ଣ୍ଣାୟକ

## ସୌଭାଗ୍ୟ ରଂଜନ ମହାନ୍ତି

ବିହାର ବିଧାନସଭା ଏବଂ ଓଡିଶାର ନୂଆପଡା ବିଧାନସଭା ଆସନରେ ବିଜେପି ଐତିହାସିକ ସଫଳତା ହାସଲ କରିଛି । ବିହାରରେ ବିଜେପି ନେତୃତ୍ୱରେ ଏନଡିଏ ଦୁଇ-ତୃତୀୟାଂଶ ଆସନରେ ବିଜୟୀ ହୋଇଥିବାବେଳେ ନୂଆପଡାରେ ବିଜେପି ପ୍ରାର୍ଥୀ କେବଳ ବିଜୟୀ ହୋଇନାହାନ୍ତି, ବିଜୟ ବ୍ୟବଧାନରେ ସମସ୍ତ ରେକର୍ଡ ଭଙ୍ଗ କରିଛନ୍ତି । ତେବେ ଏହା କେବଳ ସମ୍ଭବ ହୋଇଛି ମହିଳାଙ୍କ ମତଦାନ ହାର ବୃଦ୍ଧି ଯୋଗୁଁ ।

ନିର୍ବାଚନର ଅବ୍ୟବହିତ ପୂର୍ବରୁ ଯୋଗ୍ୟ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ନଗଦ ୧୦ହଜାର ଟଙ୍କା ପ୍ରଦାନ ତଥା ଟଙ୍କା ବଂଟନ ଏବଂ କାମଧନ୍ଦା ଅନ୍ୱେଷଣରେ ପୁରୁଷଙ୍କ ରାଜ୍ୟାନ୍ତର ବା ସ୍ଥାନାନ୍ତର ହେଉଛି ମହିଳାଙ୍କ ମତଦାନ ହାର ବୃଦ୍ଧିର ମୁଖ୍ୟ କାରଣ । ବିହାରରେ ଏସ୍‌ଆଇଆର ପରେ ୪୭ଲକ୍ଷ ଭୋଟଦାତା ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ପଡିଥିବା ବେଳେ ସେମାନଙ୍କ ମଧ୍ୟରେ ମହିଳାଙ୍କ ଅନୁପାତ ସର୍ବାଧିକ । ନିର୍ବାଚନ କମିଶନଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଏସଆଇଆର ପରେ ବିହାରରେ ପ୍ରତି ୧୦୦୦ପୁରୁଷରେ ମହିଳା ଭୋଟଦାତା ସଂଖ୍ୟା ୮୯୨କୁ ହ୍ରାସ ପାଇଛି । କିନ୍ତୁ ଗୋଟିଏ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୪ ସାଧାରଣ ନିର୍ବାଚନବେଳେ ମହିଳା ଭୋଟଦାତାଙ୍କ ସଂଖ୍ୟା ୯୦୭ ଥିଲା । ଉଲ୍ଲେଖ କରାଯାଇପାରେ ଯେ, ସୁପ୍ରିମକୋର୍ଟଙ୍କ ରାୟ ପରେ ପ୍ରକାଶିତ ଏସଆଇଆର ଚିଠା ପ୍ରସ୍ତାବ ଏବଂ ବାଦ୍ ପଡିଥିବା ରିପୋର୍ଟ ଅନୁଯାୟୀ ୧୮ରୁ ୨୯ ବର୍ଷ ବୟସ ମଧ୍ୟରେ ସର୍ବାଧିକ ମହିଳା ଭୋଟ ତାଲିକାରୁ ବାଦ୍ ପଡିଥିବା ଜଣାଯାଏ । ବିଶେଷ କରି ବିବାଦ ପରେ ସ୍ଥାୟୀ ଭାବେ ସ୍ଥାନାନ୍ତର ହୋଇଥିବା ମହିଳାଙ୍କ ସଂଖ୍ୟା ଅଧିକ । କିନ୍ତୁ ନୂତନ ସ୍ଥାନରେ ସେମାନଙ୍କ ନାମ ଭୋଟର ତାଲିକାରେ ଯୋଡାଯାଇଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ସର୍ବାଧିକ ମହିଳା ଭୋଟର ତାଲିକାରୁ ବାଦ୍‌ପଡିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ସରକାରର ମହିଳାଙ୍କ ପାଇଁ ବହୁବିଧ କଲ୍ୟାଣକାରୀ ଯୋଜନା ଯୋଗୁଁ ମହିଳା ଭୋଟହାର ଆଶାତୀତ ଭାବେ ବୃଦ୍ଧି ପାଇଛି । ନୀତିଶଙ୍କ ଦୁଇ ଦଶନ୍ଧି ଅଛି ଶାସନକାଳ ମଧରେ ମହିଳା ସଶକ୍ତିକରଣ ପାଇଁ ବଛା ବଛା ଯୋଜନା କାର୍ଯ୍ୟକାରୀ କରିଥିଲେ ।

କିନ୍ତୁ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଗତ ସେପ୍ଟେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ଏବଂ ମହିଳାଙ୍କୁ ୧୦ହଜାର ଟଙ୍କା ନଗଦ ବଂଟନ ନିର୍ବାଚନରେ ବେଶ୍ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଯାହାକି ତାଙ୍କ ନେତୃତ୍ୱ ସପକ୍ଷରେ ବେଶ୍ ପ୍ରଭାବିତ ହୋଇଛି । ଓଡିଶାର ନୂଆପଡା ବିଧାନସଭା ଆସନ ଉପନିର୍ବାଚନରେ ମଧ ମହିଳାଙ୍କ ଭୋଟହାର ପୁରୁଷଙ୍କ ମତଦାନ ହାର ଠାରୁ ଟପିଯାଇଛି । ବିଶେଷ କରି ଆଦିବାସୀବହୁଳ ସୀମାନ୍ତ ଅଂଚଳରେ ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନାରେ ଗତ ଦେଢବର୍ଷର ଶାସନକାଳ ମଧରେ ଯୋଗ୍ୟ ମହିଳାଙ୍କୁ ୧୫ହଜାର ଟଙ୍କା ପ୍ରଦାନ ନିର୍ବାଚନରେ ବେଶ ଅନୁଭୂତ ହୋଇଛି । ଯାହାର ପ୍ରଭାବରେ କେବଳ ମତଦାନ ହାର ୮୩ପ୍ରତିଶତ ଅତିକ୍ରମ କରି ରେକର୍ଡ ଭଙ୍ଗ କରିନାହିଁ, ବିଜେପିର ବିଜୟ ବ୍ୟବଧାନ ମଧ ରେକର୍ଡ ଭଙ୍ଗ କରିଛି । ଏବେ ମହିଳା ଭୋଟର ହିଁ ନିର୍ଣ୍ଣାୟକ ଏଥିରେ ସନ୍ଦେହ ନାହିଁ ।

ମୋ-୭୯୭୮୬୬୬୪୦୩

# ଦେଶସାରା ଚାଲିଛି, ଭେଜାଲ ଅପମିଶ୍ରଣକାରୀଙ୍କ ସାମ୍ରାଜ୍ୟ !

## ସୁଧାଂଶୁ ପାତ୍ର

**ଦେଶରେ ଦୈନିକ୨୫ କୋଟି ଲିଟର ଦୁଗ୍ଧର ଆବଶ୍ୟକତା ଥିବାବେଳେ ଆମ ଦେଶରେ ମାତ୍ର ୧୫ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଛି । ଯାହାର ଭରପୂର ଫାଇଦା ଉଠାଉଛନ୍ତି, ମୁନାଫାଖୋର ଅପମିଶ୍ରଣକାରୀ ବ୍ୟବସାୟୀ ଗୋଷ୍ଠୀ । ଦୁଗ୍ଧଜାତ ଦ୍ରବ୍ୟରେ ବିଭିନ୍ନ ମାରାତ୍ମକ ସାମଗ୍ରୀ ମିଶ୍ରଣ କରି ଦେଶର ବଳକା ୫୦ ପ୍ରତିଶତ ଚାହିଦା ମେଣ୍ଟାଉଛନ୍ତି ଦଲାଲଗୋଷ୍ଠୀ । ସବୁଠାରୁ ଆଶ୍ଚର୍ଯ୍ୟ ଯେ, ଏହି ମିଶ୍ରଣ ପ୍ରକ୍ରିୟା ଟେକ୍‌ନୋଲୋଜି ବୈଜ୍ଞାନିକ ପ୍ରଣାଳୀରେ କରାଯିବା ଦ୍ୱାରା ଅସଲି ଓ ନକଲିର ପ୍ରଭେଦ ପରଖିବା କଷ୍ଟକର । ଅପମିଶ୍ରଣର ଏହି ଗୋଲକ ଧନ୍ଦା ଓ ଅର୍ଥ ରୋଜଗାରର ଲାଳସା ହିଁ କେବଳ ସମାଜରେ ସାମୂହିକ ଭାବେ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି, ଏହାସହ ସମାଜରେ ବିଭିନ୍ନ ପ୍ରକାର ଗମ୍ଭୀର ରୋଗର ଶିକାର ହେଉଛନ୍ତି ଲୋକେ ଯାହା ପ୍ରାୟ ଚର୍ଚ୍ଚା ପରିସରକୁ ଆସୁନାହିଁ । ଏପରି ଦ୍ରବ୍ୟ ଭକ୍ଷଣ ଫଳରେ ଏହାର ଖରାପ ପ୍ରଭାବରୁ ଲୋକେ ପାନ୍‌କ୍ରୀୟା, ଲିଭର ଓ କିଡନୀ ଫେଲ୍, ହୃଦ୍‌ଘାତ ପରି ସାଂଘାତିକ ରୋଗର ଶିକାର ହେଉଛନ୍ତି ।**

ପୁଷ୍ଟିକର ଖାଦ୍ୟ ଅମୃତ ସମାନ । ଯାହାକି ଶରୀରର ସମସ୍ତ ଆବଶ୍ୟକତା ପୂରଣ କରେ ଏବଂ ସୁସ୍ଥ ସ୍ୱାସ୍ଥ୍ୟ ଗଠନରେ ସହାୟକ ହୁଏ । ଯାହା ପରିଲକ୍ଷିତ ହୁଏ ଆଜି ଦେଶବାସୀଙ୍କ ସୁସ୍ଥ, ନିରାମୟ ଜୀବନ ଏବେ ମୁନାଫାଖୋର, ଭେଜାଲ, ଅପମିଶ୍ରଣକାରୀ ବେପାରୀଙ୍କ ହାତରେ ।

ଏହାର ଏକ ସଦ୍ୟତମ ଉଦାହରଣ ଗତ କିଛି ଦିନ ତଳେ କିଛି ଔଷଧ ଦୋକାନ ଚଢ଼ଉ ବେଳେ ମିଳିଥିବା ଭେଜାଲ କଫ୍ ସିରଫ୍ । ସେମାନଙ୍କ କବ୍‌ଜାରେ ଚାଲିଛି ଭେଜାଲ ମେଡ଼ିସିନ୍ କାରବାର । ଯାହାର ଶିକାର ହେବାକୁ ପଡ଼ିଲା ନିରୀହ କୋମଳମତି ଶିଶୁଙ୍କ ଉପରେ । ୨୩/୨୫ ଶିଶୁ ମୃତ୍ୟୁବରଣ କଲେ, ହେଲେ କେନ୍ଦ୍ର ସରକାର କଠୋର ପଦକ୍ଷେପ ନେବା ପରିବର୍ତ୍ତେ ବିଜ୍ଞପ୍ତି ଜାରିକଲେ, ୨ ବର୍ଷରୁ କମ୍ ଶିଶୁକୁ କଫ୍ ସିରପ୍ ମନା ବିଜ୍ଞପ୍ତି ଜାରି କରି ସରକାର କାର୍ଯ୍ୟ ସାରିଦେଲେ । ନିର୍ମଳ ଭାବମୂର୍ତ୍ତି ଛାପା ସମାଜକୁ ଦେଖାଇ ନୀରବ ରହିଲେ ।

ଅପରପକ୍ଷେ ସାରା ଦେଶକୁ ବ୍ୟାପି ଚାଲିଲା ଅପମିଶ୍ରଣକାରୀ ମୁନାଫାଖୋର ବେପାରୀଙ୍କ ସାମ୍ରାଜ୍ୟ ।

ବିଜ୍ଞାନ ଟେକ୍‌ନୋଲୋଜି ବିଭାଗ ପ୍ରକାଶିତ ରିପୋର୍ଟ ଅନୁସାରେ ଦେଶର ୯୦ ପ୍ରତିଶତ ଅପମିଶ୍ରଣ ଦୁଗ୍ଧ ଓ ପନିର, ଖୁଆ, ଦେଶୀ ଘିଅ ପରି ଦୁଗ୍ଧଜାତ ଦ୍ରବ୍ୟ ମିଳୁଛି । ବିଭିନ୍ନ ପ୍ରକାର ମାରାତ୍ମକ ଦ୍ରବ୍ୟ ମିଶ୍ରଣ ଫଳରେ ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି ।



ଦେଶରେ ଦୈନିକ ୨୫ କୋଟି ଲିଟର ଦୁଗ୍ଧର ଆବଶ୍ୟକତା ଥିବାବେଳେ ଆମ ଦେଶରେ ମାତ୍ର ୧୫ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଛି । ଯାହାର ଭରପୂର ଫାଇଦା ଉଠାଉଛନ୍ତି, ମୁନାଫାଖୋର ଅପମିଶ୍ରଣକାରୀ ବ୍ୟବସାୟୀ ଗୋଷ୍ଠୀ ଦୁଗ୍ଧଜାତ ଦ୍ରବ୍ୟରେ ବିଭିନ୍ନ ମାରାତ୍ମକ ସାମଗ୍ରୀ ମିଶ୍ରଣ କରି ଦେଶର ବଳକା ୫୦ ପ୍ରତିଶତ ଚାହିଦା ମେଣ୍ଟାଉଛନ୍ତି ଦଲାଲଗୋଷ୍ଠୀ । ସବୁଠାରୁ ଆଶ୍ଚର୍ଯ୍ୟ ଯେ, ଏହି ମିଶ୍ରଣ ପ୍ରକ୍ରିୟା ଟେକ୍‌ନୋଲୋଜି ବୈଜ୍ଞାନିକ ପ୍ରଣାଳୀରେ କରାଯିବା ଦ୍ୱାରା ଅସଲି ଓ ନକଲିର ପ୍ରଭେଦ ପରଖିବା କଷ୍ଟକର । ଅପମିଶ୍ରଣର ଏହି ଗୋଲକ ଧନ୍ଦା ଓ ଅର୍ଥ ରୋଜଗାରର ଲାଳସା ହିଁ କେବଳ ସମାଜରେ ସାମୂହିକ ଭାବେ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି, ଏହାସହ ସମାଜରେ ବିଭିନ୍ନ ପ୍ରକାର ଗମ୍ଭୀର ରୋଗର ଶିକାର ହେଉଛନ୍ତି ଲୋକେ । ଏପରି ଦ୍ରବ୍ୟ ଭକ୍ଷଣ ଫଳରେ ଏହାର ଖରାପ ପ୍ରଭାବ ପାନ୍‌କ୍ରୀୟା, ଲିଭର ଓ କିଡନୀ ଫେଲ୍, ହୃଦ୍‌ଘାତ ପରି ସାଂଘାତିକ ରୋଗର ଶିକାର ହେଉଛନ୍ତି ।

ନିକଟ ଅତୀତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଭାରତରେ ବିକ୍ରି ହେଉଥିବା ୬୫ କୋଟି ଲିଟର ଦୁଗ୍ଧରୁ ୫୦ କୋଟି ଲିଟର ନକଲି ଓ ଅପମିଶ୍ରିତ । ଭାରତରେ ଉତ୍ପାଦିତ ୭୦ ପ୍ରତିଶତ ଦୁଗ୍ଧ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ମାନ ପରୀକ୍ଷା ନିୟମାବଳୀ ପୂରଣ କରିପାରୁନାହିଁ । ତାହା ଅତି ନିମ୍ନମାନର ଓ ଅପମିଶ୍ରିତ ବୋଲି ଖାଦ୍ୟ ସୁରକ୍ଷା ବିଭାଗ ଦର୍ଶାଇସାରିଛି । ଦୁଗ୍ଧ ଜାତ ଦ୍ରବ୍ୟରେ ହିଁ ଅପମିଶ୍ରଣ ମାତ୍ରାଧିକ । ଏକଦା ଘରେଘରେ ଦୁଧିଆଳି ଗାଈ ବନ୍ଧା ଯାଉଥିଲା । ଯାହାକି ଘରର ଚାହିଦା ମେଣ୍ଟାଇବା ସହ ଦୁଗ୍ଧ ବ୍ୟବସାୟ ମାଧ୍ୟମରେ ଚାଷୀ ଭାଇ ୨ ପଇସା ମଧ ରୋଜଗାର କରିପାରୁଥିଲା । ମାତ୍ର ଏବେ ସମୟର ପରିବର୍ତ୍ତନ ଘଟିଛି । ବର୍ତ୍ତମାନ ଦୁଗ୍ଧ ଚାହିଦା ମେଣ୍ଟାଉଛି ଅପମିଶ୍ରିତ କୃତ୍ରିମ ଦୁଗ୍ଧ । ବିଭିନ୍ନ ପ୍ରକାର ରାସାୟନିକ ଦ୍ରବ୍ୟ ମିଶ୍ରଣ କରି ଏହି କୃତ୍ରିମ ଦୁଗ୍ଧ ଉତ୍ପାଦନ କରାଯାଉଛି । ଏହି ନକଲି ତଥା ଦୁଗ୍ଧ ପ୍ରକ୍ରିୟାକରଣ ପାଇଁ ଦେଶରେ ଗଢ଼ିଉଠିଛି ହଜାର ହଜାର ଉଦ୍ୟୋଗ । ଦେଶର ଚାହିଦା କୃତ୍ରିମ ଓ ନକଲି ଦୁଗ୍ଧ ମାଧ୍ୟମରେ ମେଣ୍ଟାଇବାକୁ ଯାଇ ମୁନାଫାଖୋର ଅପମିଶ୍ରଣକାରୀ ସାଜିଛନ୍ତି ।

ବଡ଼ବଡ଼ ଉଦ୍ୟୋଗପତି । ଯେଉଁମାନେ ନୈତିକ ଓ ସାମାଜିକ ସ୍ତରକୁ ଅସ୍ୱାସ୍ଥ୍ୟକର କରୁଛନ୍ତି ।

ଯେଉଁମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଆବଶ୍ୟକତା ରହିଛି ଏବଂ ସମୟ ମଧ୍ୟ ଆସିଯାଇଛି । ଗତ କିଛିଦିନ ତଳେ ଦୁଗ୍ଧ ଓ ଡାଏରୀ ଉତ୍ପାଦନରେ ଅପମିଶ୍ରଣ ସମ୍ପର୍କରେ କରାଯାଇଥିବା ଏକ ପି.ଏଲ୍.ଆଇ. ଜନହିତକର ମାମଲାର ଶୁଣାଣି ବେଳେ ପଞ୍ଜାବ ସରକାରଙ୍କ ତରଫରୁ କୋର୍ଟରେ ପ୍ରଦତ୍ତ ଏକ ଷ୍ଟାର୍ଟସ ରିପୋଟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ସ୍ୱାସ୍ଥ୍ୟ ପରିବାର ବିଭାଗ ରିପୋର୍ଟ ଅନୁସାରେ ୨୦୧୯ ଡିସେମ୍ବରରୁ ୨୦୨୪ ମଧ୍ୟରେ କେବଳ ପଞ୍ଜାବରେ ୨୧୯୧ ମାମଲାରେ ଦଣ୍ଡ ବିଧାନ ହୋଇଛି । ଯେଉଁଥିରୁ ୩ କୋଟି ଲକ୍ଷ ୭୫ ହଜାର ଟଙ୍କା ଜୋରିମନା ଆଦାୟ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ପ୍ରଚଳିତ ଆଇନର ସଂଶୋଧନ ଆବଶ୍ୟକ । ଜୋରିମାନା ଆଦାୟ ସହ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବାର ସମୟ ଆସିଛି ।

କାରଣ ଏହି ଅପମିଶ୍ରଣ ବର୍ତ୍ତମାନ ଦୁଗ୍ଧ ଉତ୍ପାଦିତ ପଦାର୍ଥ ତଥା ପନିର, ଦହି, ମାଖନ, ଖୁଆ, ଗୁଆ ଘିଅ ବା ଉତ୍ପାଦିତ ମିଠା ମଧ୍ୟରେ ସୀମିତ ନାହିଁ । ଏହା କ୍ରମଶଃ ବ୍ୟାପକ ହେବାକୁ ଯାଉଛି ଏବଂ ଆଇସକ୍ରିମ, ଗୋଲାପଜଳ, ଡାଲି, ବିଭିନ୍ନ ପ୍ରକାର ମସଲା, ଲଙ୍କାଗୁଣ୍ଡ, ହଳଦୀ ମଧ୍ୟ ବଡ଼ ମାତ୍ରାରେ ଏହି ଭେଜାଲ ତଥା ଅପମିଶ୍ରଣ, ସମଗ୍ର ଭାରତ ବର୍ଷ ଖାଉଟିଙ୍କ ମୁଣ୍ଡ ବ୍ୟଥାର କାରଣପାଲଟିଛି । ସୁସ୍ଥ ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ ପ୍ରତି ବିପଦ ଆଣିବାକୁ ଯାଉଛି । ଏହା ବିରୁଦ୍ଧରେ କେବଳ ଉତ୍ତରଭାରତ ନୁହେଁ ଅନ୍ୟାନ୍ୟ ପ୍ରାନ୍ତରେ ମକଦ୍ଦମା ରୁଜୁ ହେଉଛି, ହେଲେ ଏହାକୁ ଗମ୍ଭୀରତା ସହ ନ ନେଇ ସରଳଦଣ୍ଡ ଓ ଜୋରିମନା ଆଦାୟରେ ସୀମିତ ରହୁଥିବାରୁ, ଅପମିଶ୍ରଣକାରୀ ମୁନାଫା ଖୋର ବେପାରୀ ଏହାକୁ ଖାତିର ନ କରି ଅଧିକ ଉତ୍ସାହିତ ହେଉଛନ୍ତି ଏବଂ ଦିନକୁ ଦିନ ଏହି ଅପରାଧ ବୃଦ୍ଧି ପାଇବାରେ ଲାଗୁଛି । ତେଣୁ ବ୍ୟବସ୍ଥାପକ ଆଇନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । କେତେକ କ୍ଷେତ୍ରରେ ଏହାକୁ ଦ୍ରୁତ ଭାବେ ଦମନ କରିବା, ଧରପଗଡ଼ କରିବା ଏବଂ ମାମଲା ରୁଜୁ କରିବା ଦରକାରୀ ନିୟୋଜିତ ଅଫିସର ଓ କର୍ମଚାରୀମାନଙ୍କ ଅପମିଶ୍ରଣକାରୀଙ୍କ ପ୍ରତି କୋହଳ ମନୋଭାବ, ଅଣଦେଖା ବ୍ୟବହାର ଅପରାଧ ବୃଦ୍ଧିର ଅନ୍ୟ ଏକ କାରଣ ।

ଏହି ପରିପ୍ରେକ୍ଷୀରେ ବେଳ ଥାଉ ଥାଉ ସାବଧାନ ନ ହେଲେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଆକଳନ ସତ ହେବ । ୨୦୨୫ ଶେଷ ବେଳକୁ ୮୮ ପ୍ରତିଶତ ଭାରତୀୟ ଘାତକ ରୋଗର ଶିକାର ହେବେ । ତେଣୁ ଏହା ବିରୋଧରେ ଏକ ପ୍ରବଳ ଜନଜାଗରଣର ଆବଶ୍ୟକତା ସହ ଅପମିଶ୍ରଣଙ୍କୁ ଦେଶରୁ ମୂଳରୁ ନିପାତ କରିବା ପାଇଁ ସମସ୍ତ ରାଜ୍ୟ, ଜିଲ୍ଲା, ପଞ୍ଚାୟତ ସ୍ତରରେ ଯୁଦ୍ଧକାଳୀନଭିତ୍ତିରେ ରୀତିମତ ଚଢ଼ାଉ ସହ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ଦରକାର ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ବିଧାନ ସ୍ତରରେ ଆଇନକୁ କଡ଼ାକଡ଼ି କରାଯାଇ ଜୋରିମନା ସହ ଦୋଷୀ, ଅଭିଯୁକ୍ତଙ୍କ ବିରୋଧରେ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବା ଉଚିତ ।

ଜୟଦେବ ବିହାର
ମୋ- ୯୦୯୦୩୨୩୨୬୦

# ମୁଁ ବ୍ୟସ୍ତ ଅଛି ...

## ପ୍ରଦେଶ ପ୍ରତ୍ୟୁଷ

**ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଅଧ୍ୟୟନରେ ଦେଖାଯାଇଛି ଯେ, ଗୋଟିଏ ଦିନରେ ଜଣେ ବ୍ୟକ୍ତି ସ୍ମାର୍ଟଫୋନ୍ ସ୍କ୍ରିନ୍‌ରେ ହାରାହାରି ୩.୫ ଘଣ୍ଟା ବ୍ୟୟ କରେ । ଏହି ସମୟ ଯଦି ପରିବାର ବା ବନ୍ଧୁଙ୍କ ସହ କଟାଇଥା'ନ୍ତେ, ତେବେ ସମ୍ପର୍କ ଏତେ ଦୁର୍ବଳ ହୋଇ ନଥା'ନ୍ତା । ଲୋକେ ଅଧିକ ରୋଜଗାର ପାଇଁ ଅଧିକ କାମ କରୁଛନ୍ତି, କିନ୍ତୁ ପରିବାର ସହ ଖାଇବାକୁ ସମୟ ନାହିଁ । ଏକ ଅଧ୍ୟୟନରେ ଦେଖାଯାଇଛି ଯେ, ଭାରତରେ ୭୦% ଯୁବକ କୁହନ୍ତି ଯେ ସେମାନଙ୍କର ନିକଟତମ ବନ୍ଧୁ ସହ ମାସକୁ ଗୋଟିଏ ଥର ବି ଭେଟ ହେଉ ନାହିଁ ।**

ଆଜିର ଡିଜିଟାଲ୍ ଯୁଗରେ "ମୁଁ ବ୍ୟସ୍ତ ଅଛି" ଏକ ଅଭ୍ୟାସଗତ ଉଚ୍ଚାରଣ ହୋଇଗଲାଣି । ଫୋନ୍ ଉଠାଇଲେ, ମେସେଜ୍ କଲେ ବା ରାସ୍ତାରେ କାହାକୁ ଭେଟିଲେ – ସବୁଠି ଏହି ଉତ୍ତର । ଏହା କେବଳ ଏକ ବାକ୍ୟ ନୁହେଁ, ବରଂ ଆଧୁନିକ ସମାଜର ଏକ ବିପଦଜ୍ଜନକ ଲକ୍ଷଣ ପାଲଟି ଯାଇଛି ।

ପୂର୍ବେ ଲୋକେ ଗାଁରେ ବସି ସନ୍ଧ୍ୟାରେ ଚା' ପିଇ ଗପସପ କରୁଥିଲେ । ପରିବାର ସହ ଖାଇବା, ପଡ଼ୋଶୀଙ୍କ ସହ କଥା ହେବା – ଏସବୁ ସୁନ୍ଦର ମୂହୁର୍ତ୍ତ ଥିଲା । କିନ୍ତୁ ଏବେ ? ସକାଳୁ ରାତି ପର୍ଯ୍ୟନ୍ତ କାମର ଚାପ । ଅଫିସ୍, ବିଜନେସ୍, ଅନଲାଇନ୍ ମିଟିଂ – ସବୁ କିଛି ଆମକୁ ବାନ୍ଧି ରଖିଛି । ଟିକେ ଗପିବାକୁ ବା ସମୟ କଟାଇବାକୁ କାହା ପାଖରେ ସମୟ ନାହିଁ । ଏହି ବ୍ୟସ୍ତତା ଆମର ଚଳଣିକୁ ବଦଳାଇ ଦେଇଛି । ଲୋକେ ଏବେ ଅର୍ଥ ସ୍ୱାର୍ଥରେ ମାତି ଗଲେଣି ଯେ , ପଇସା ରୋଜଗାର କରିବା ହିଁ ଜୀବନର ମୁଖ୍ୟ ଲକ୍ଷ୍ୟ ହୋଇଯାଇଛି । ସମ୍ପର୍କର ମୂଲ୍ୟ କମି କମି ଯାଉଛି । ବାପା-ମା', ଭାଇ-ଭଉଣୀ, ବନ୍ଧୁ – ସବୁ ସମ୍ପର୍କ ଦୂରେଇ ଯାଉଛନ୍ତି । ଏହାର କାରଣ, କାହା ପାଖରେ ଆଉ ସମୟ ନାହିଁ ।

ଏହି ବ୍ୟସ୍ତତା ସହିତ ବିଶ୍ୱାସର ଅଭାବ ବଢ଼ି ଚାଲିଛି । କେହି କାହାକୁ ବିଶ୍ୱାସ କରୁ ନାହାନ୍ତି । ବନ୍ଧୁ ହୋଇଥିବା ଲୋକ ମଧ୍ୟ ସ୍ୱାର୍ଥ ଦେଖି ଦୂରେଇ ଯାଆନ୍ତି । ସୋସିଆଲ୍ ମିଡିଆରେ ହଜାର ହଜାର ଫଲୋଅର୍ସ ଥିଲେ ମଧ୍ୟ ବାସ୍ତବରେ ଗୋଟିଏ ବି ବିଶ୍ୱସ୍ତ ବନ୍ଧୁ ମିଳେ ନାହିଁ । ଦିନକୁ ଦିନ ଜୀବନ ଦୁର୍ବିସହ ପାଲଟୁଛି । ମାନସିକ ଚାପ, ଏକାକୀତ୍ୱ, ଡିପ୍ରେସନ୍ – ଏସବୁ ସମସ୍ୟା ବଢ଼ୁଛି । ଦୁନିଆ ଯେତେ ଆଗକୁ ବଢ଼ୁଛି, ସେତିକି ସମସ୍ୟା ମଧ୍ୟ ବଢ଼ୁଛି । ଟେକ୍ନୋଲୋଜି ଆମକୁ ସଂଯୋଗ କରୁଛି ବୋଲି କୁହାଯାଏ, କିନ୍ତୁ ବାସ୍ତବରେ ତାହା ଆମକୁ ଅଲଗା କରୁଛି । ସ୍ମାର୍ଟଫୋନ୍ ହାତରେ ଥିଲେ ମଧ୍ୟ ହୃଦୟ ଶୂନ୍ୟ ରହୁଛି ।

ଏହିସବୁ ଦେଖି ମନେହୁଏ, ଆମେ କ'ଣ ସତରେ ଆଗକୁ ବଢ଼ୁଛୁ ? ନା କି ନିଜକୁ ହରାଇ ବସୁଛୁ ?

ବ୍ୟସ୍ତତାର ଏହି ଦୌଡ଼ରେ ଥରେ ଭାବିବା ଦରକାର – ସମ୍ପର୍କ, ବିଶ୍ୱାସ ଓ ସମୟ ହିଁ ଜୀବନର ପ୍ରକୃତ ସମ୍ପଦ । ଯଦି ଏହା ହରାଇବା, ତେବେ ପଇସା ରୋଜଗାର କରି କ'ଣ ଲାଭ ? ଆସନ୍ତୁ, ଟିକେ ନିଜର ଲୋକଙ୍କ ସହ ସମୟ କଟାଇ, ଜୀବନକୁ ପୁଣି ସୁନ୍ଦର କରି ତୋଳୁ । ନହେଲେ "ମୁଁ ବ୍ୟସ୍ତ ଅଛି" କଥାଟି ଆମର ଅନ୍ତିମ ସତ୍ୟ ହୋଇ ରହିଯିବ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ବିଶ୍ୱରେ ପ୍ରାୟ ୨୬୪ ନିୟୁତ ଲୋକ ଡିପ୍ରେସନ୍‌ର ଶିକାର, ଯାହାର ମୁଖ୍ୟ କାରଣ ହେଉଛି ଅତ୍ୟଧିକ ବ୍ୟସ୍ତତା ଓ ସାମାଜିକ ବିଚ୍ଛିନ୍ନତା । ଆମେରିକାର ଗାଲପ୍ ସର୍ଭେ ୨୦୨୩ ଅନୁଯାୟୀ, ବିଶ୍ୱରେ ୪୪% କର୍ମଚାରୀ ଦୈନିକ ମାନସିକ ଚାପ ଅନୁଭବ କରନ୍ତି । ଭାରତରେ ଏହି ସଂଖ୍ୟା ୫୫% ରୁ ଅଧିକ । ସକାଳ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଅଫିସ୍, ଟ୍ରାଫିକ୍, ଅନଲାଇନ୍ ମିଟିଂ, ସୋସିଆଲ୍ ମିଡିଆ ସ୍କ୍ରୋଲିଂ – ସବୁ କିଛି ଯେମିତି ଏକ ଦୌଡ଼ ପ୍ରତିଯୋଗିତା ।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଅଧ୍ୟୟନରେ ଦେଖାଯାଇଛି ଯେ, ଗୋଟିଏ ଦିନରେ ଜଣେ ବ୍ୟକ୍ତି ସ୍ମାର୍ଟଫୋନ୍ ସ୍କ୍ରିନ୍‌ରେ ହାରାହାରି ୩.୫ ଘଣ୍ଟା ବ୍ୟୟ କରେ । ଏହି ସମୟ ଯଦି ପରିବାର ବା ବନ୍ଧୁଙ୍କ ସହ କଟାଇଥା'ନ୍ତେ, ତେବେ ସମ୍ପର୍କ ଏତେ ଦୁର୍ବଳ ହୋଇ ନଥା'ନ୍ତା । ଲୋକେ ଅଧିକ ରୋଜଗାର



ପାଇଁ ଅଧିକ କାମ କରୁଛନ୍ତି, କିନ୍ତୁ ପରିବାର ସହ ଖାଇବାକୁ ସମୟ ନାହିଁ । ଏକ ଅଧ୍ୟୟନରେ ଦେଖାଯାଇଛି ଯେ, ଭାରତରେ ୭୦ପ୍ରତିଶତ ଯୁବକ କୁହନ୍ତି ଯେ ସେମାନଙ୍କର ନିକଟତମ ବନ୍ଧୁ ସହ ମାସକୁ ଗୋଟିଏ ଥର ବି ଭେଟ ହେଉ ନାହିଁ ।

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ୮୫ ବର୍ଷିଆ ଅଧ୍ୟୟନ କହୁଛି – ସୁଖର ସବୁଠାରୁ ବଡ଼ କାରଣ ହେଉଛି ମଜଭୁତ ସମ୍ପର୍କ । କିନ୍ତୁ ଆମେ କ'ଣ କରୁଛୁ ? ସୋସିଆଲ୍ ମିଡିଆରେ ୧୦୦୦ ଫ୍ରେଣ୍ଡ ଥିଲେ ମଧ ମନ ଖୋଲି କଥା ହେବାକୁ ଜଣେ ବି ସାଥି ମିଳୁ ନାହାନ୍ତି । ବିଶ୍ୱାସର ଅଭାବ ଏତେ ବଢ଼ିଛି ଯେ, ପରିବାର ସଦସ୍ୟଙ୍କ ମଧ୍ୟରେ ସନ୍ଦେହ ହେଉଛି । ଭାରତରେ ବିବାହ ବିଚ୍ଛେଦ ହାର ୨୦୧୦ରୁ ୨୦୨୩ ମଧ୍ୟରେ ୫୦ପ୍ରତିଶତ ବଢ଼ିଛି । କାରଣ ସମୟ ନାହିଁ, କଥାବାର୍ତ୍ତା ନାହିଁ, ବୁଝାମଣା ନାହିଁ ।

ଦୁନିଆ ଆଗକୁ ବଢ଼ୁଛି, କିନ୍ତୁ ମାନସିକ ସ୍ୱାସ୍ଥ୍ୟ ପଛକୁ ଯାଉଛି । ଭାରତରେ ଆତ୍ମହତ୍ୟା ହାର ୧୫-୨୯ ବର୍ଷ ବୟସରେ ସବୁଠାରୁ ଅଧିକ । ଏହାର ମୁଖ୍ୟ କାରଣ – ଏକକୀତ୍ୱ ଓ ଚାପ । ଟେକ୍ନୋଲୋଜି ଆମକୁ ଯୋଡୁଛି ବୋଲି କୁହାଯାଏ, କିନ୍ତୁ ବାସ୍ତବରେ ଏହା ଆମକୁ ଅଲଗା କରୁଛି । ଅନଲାଇନ୍ ଚ୍ୟାଟ୍‌ରେ ହସୁଥିବା ଲୋକ ଭିତରେ ଖାଲି ଏକୁଟିଆ ଅନୁଭବ କରୁଛି ।

ଏହାର ସମାଧାନ ସରଳ – ସମୟକୁ ପ୍ରାଥମିକତା ଦିଅନ୍ତୁ... ଦିନକୁ ୩୦ ମିନିଟ୍: ପରିବାର ସହ ଖାଆନ୍ତୁ, ଫୋନ୍ ବନ୍ଦ ରଖନ୍ତୁ । ସପ୍ତାହକୁ ଗୋଟିଏ ଦିନ: ବନ୍ଧୁଙ୍କ ସହ ଭେଟନ୍ତୁ, ଗପନ୍ତୁ । ଡିଜିଟାଲ୍ ଡିଟକ୍ସ: ସପ୍ତାହକୁ ଗୋଟିଏ ଦିନ ଫୋନ୍ ବନ୍ଦ ରଖନ୍ତୁ ।

ମାଇଣ୍ଡଫୁଲ୍‌ନେସ୍: ଧ୍ୟାନ କରନ୍ତୁ, ପ୍ରକୃତି ସହ ସମୟ କଟାନ୍ତୁ । ଜାପାନରେ "ଇକିଗାଇ" ଦର୍ଶନ ଅନୁଯାୟୀ, ଯେଉଁମାନେ ସମ୍ପର୍କ ଓ ଉଦ୍ଦେଶ୍ୟକୁ ପ୍ରାଥମିକତା ଦିଅନ୍ତି, ସେମାନେ ଅଧିକ ସୁଖୀ ଓ ଦୀର୍ଘଜୀବୀ ହୁଅନ୍ତି । ଓକିନାୱାରେ ଶତାୟୁ ଲୋକଙ୍କ ସଂଖ୍ୟା ସବୁଠାରୁ ଅଧିକ – କାରଣ ସେମାନେ ସମ୍ପର୍କକୁ ମୂଲ୍ୟ ଦିଅନ୍ତି ।

"ମୁଁ ବ୍ୟସ୍ତ ଅଛି" କଥାଟି ଯଦି ଆମର ଜୀବନର ଅନ୍ତିମ ସତ୍ୟ ହୋଇଯିବ, ତେବେ ଆମେ ସବୁ ହରାଇ ବସିବା । ପଇସା ରୋଜଗାର କରି ଶେଷରେ ଯଦି କେହି କାହା ସହ କଥା ହେବାକୁ ନ ମିଳେ, ତେବେ ସେହି ଧନ କ'ଣ କାମରେ ଆସିବ ? ଆସନ୍ତୁ, ଆଜିଠାରୁ ଥରେ ନିଜର ଲୋକଙ୍କ ସହ ସମୟ କଟାଇବାକୁ ପ୍ରୟାସ କରିବା । କାରଣ, ଜୀବନ କେବଳ ବଞ୍ଚିବା ନୁହେଁ, ଅନୁଭବ କରିବାର । ଭଗବାନଙ୍କ ପ୍ରଦତ୍ତ ଏକ ସୁନ୍ଦର ଉପହାର ଏ ଜୀବନ ।

କୁରୁମଟାଙ୍ଗର, ମହୁଲପଡା , ଢେଙ୍କାନାଳ
ମୋ-୭୦୦୮୪୩୧୨୫୭

# ଜିଲ୍ଲାରେ ଭାପୁର ବ୍ଲକ ମାଣ୍ଡିଆ ଚାଷ ପାଇଁ ଗର୍ବିତ



ଭାପୁର,୧୬।୧୧(ନିପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଶ୍ରୀଅନ୍ନ ଅଭିଯାନରେ ମାଣ୍ଡିଆ ଚାଷ ନୟାଗଡ଼ ଜିଲ୍ଲାର ୮ ଗୋଟି ବ୍ଲକ ମଧ୍ୟରୁ ଭାପୁର ବ୍ଲକ ପ୍ରଥମ ହୋଇଛି ।ଶ୍ରୀଅନ୍ନ ଅଭିଯାନ ୨୦୨୩ ମସିହାରେ ଭାପୁର ବ୍ଲକରେ ଯୋଡି ହୋଇ ଚାଷୀ ମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିଥିଲା ।ରାଜ୍ୟ ସରକାରଙ୍କ କୃଷି ବିଭାଗ, ନିଗମ ସଂଗଠନ, ଶ୍ରୀଶ୍ରୀ ବାଲୁଙ୍କେଶ୍ୱର କୃଷକ ଉତ୍ପାଦକ ସଙ୍ଘ, ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପରିଚାଳନା ରେ ମାଣ୍ଡିଆ ଚାଷ ଭାପୁର ବ୍ଲକ ର ଶହଶହ କୃଷକ ପରିବାରର ଭାତହାଣ୍ଡି ପାଲଟିଛି ।୨୦୨୫/୨୬ ଆର୍ଥିକ ବର୍ଷରେ ଭାପୁର ବ୍ଲକ ଶ୍ରୀଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ୧୩ ଗୋଟି ପଂଚାୟତକୁ ଗୁରୁତ୍ୱ ଦିଆଯାଇଛି । ପ୍ରାୟ ୨୫/୩୦ ବର୍ଷ ପୂର୍ବେ ଭାପୁର ବ୍ଲକର ଚାଷୀମାନେ ମାଣ୍ଡିଆ ଚାଷ କରୁଥିଲେ ଏବଂ ତାଙ୍କର ପ୍ରଧାନ ଖାଦ୍ୟ ଥିଲା ମାଣ୍ଡିଆ କିନ୍ତୁ, କାଳକ୍ରମେ ଏହି ଚାଷ ବିଲୁପ୍ତ ହୋଇଯାଇଥିଲା । ପରେପରେ ଗତ ୨/୩ ବର୍ଷ ହେଲା ରାଜ୍ୟ ସରକାର ମାଣ୍ଡିଆ ଚାଷକୁ ପ୍ରାଧାନ୍ୟ ଦେଇଥିଲେ ଏବଂ ଶ୍ରୀଅନ୍ନ ଅଭିଯାନ ନାମରେ ଏକ ବିଭାଗ ଖୋଲି ଚାଷୀମାନଙ୍କୁ ଅଧିକ ସୁବିଧା ସୁଯୋଗ ଦେବାରୁ ବର୍ତ୍ତମାନ ମାଣ୍ଡିଆ ଚାଷ ଭାପୁର ବ୍ଲକରେ ସଫଳତାର ଶୀର୍ଷ ରେ ପହଂଚିଛି । କାରଣ, ମାଣ୍ଡିଆ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବଢିଥାଏ । ଏହାକୁ ନିୟମିତ ଖାଇଲେ ଇନସୁଲିନ ବୃଦ୍ଧି ସହିତ ମଧୁମେହ, ହୃଦ୍‌ଘାତ, କର୍କଟ ରୋଗ ଏବଂ ମନର ବ୍ୟଗ୍ରତା ହେବା ଆଶଙ୍କା କମିଥାଏ । ଏତେଦବ୍ୟତୀତ, ବୃକକ ଓ ଯକୃତରେ ପ୍ରତିରୋଧକ ଶକ୍ତି ବୃଦ୍ଧି, ରକ୍ତ ଚାପ ହ୍ରାସ, କୋଲଷ୍ଟ୍ରୋଲ ବଢେଇବା, ହାଡ଼କୁ ମଜଭୁତ, ଚର୍ମକୁ ଚିକ୍କଣ କରିବା ସହିତ ଶରୀରକୁ ସତେଜ ରଖିବାରେ ସହାୟକ ହୋଇଥାଏ । ମାଣ୍ଡିଆରୁ ତିଆରି ବିଭିନ୍ନ ସାମଗ୍ରୀ ଖାଇବା ଦ୍ୱାରା ଗାଈ କ୍ଷୀରର ବିକଳ୍ପ ଏବଂ ମାଆ କ୍ଷୀର ବୃଦ୍ଧି ହୋଇଥାଏ । ମାଣ୍ଡିଆ ଚାଷ ଶୁଷ୍କ ଓ ନିଗୋଡା ଜମିରେ ଭଲ ହେଉଥିବାରୁ ଅନେକ ଚାଷୀ ମାଣ୍ଡିଆ ଚାଷ କରି ଲାଭବାନ ହେଉଛନ୍ତି । ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନେ ମାଣ୍ଡିଆ ଜାତୀୟ ବିଭିନ୍ନ ସୁସ୍ୱାଦ ଖାଦ୍ୟ ପ୍ରସ୍ତୁତ କରି ତାକୁ ବିକ୍ରୀବଟା କରି ଲାଭବନ ହେଉଛନ୍ତି । ଯେଉଁ ଚାଷୀ ଧାନ ଚାଷ କରି ଲାଭବାନ ହୋଇପାରୁ ନ ଥିଲେ ସେ ଚାଷୀ ବର୍ତ୍ତମାନ ମାଣ୍ଡିଆ ଚାଷ କରି ବିଶେଷ ଭାବରେ ଉପକୃତ ହୋଇପାରୁଛନ୍ତି ।

ଗତ ୧୪ ତାରିଖ ଭାପୁର ସଦର ମହକୁମାରେ ଅନୁଷ୍ଠିତ ପ୍ରାଣୀ ସମ୍ପଦ ମେଳାରେ ମାଣ୍ଡିଆରୁ ଜାତ ବିଭିନ୍ନ ସୁସ୍ୱାଦ ଟିଫିନ ଜାତୀୟ ଖାଦ୍ୟ ଖଣ୍ଡପଡା ବିଧାୟକଙ୍କ ଦ୍ୱାରା ଉଚ୍ଚ ପ୍ରଂଶସିତ ହୋଇଥିଲା ତେଣୁ, ଭାପୁର ବ୍ଲକ ପାଇଁ ମାଣ୍ଡିଆ ଚାଷ ଅନ୍ୟ ଜିଲ୍ଲା ପାଇଁ ଉଦାହରଣ ସାଜିଛି ।

# ‘ସାମ୍ବାଦିକ ବଞ୍ଚିଥିବା ଯାଏଁ ଜନସ୍ୱାର୍ଥ ପାଇଁ ସ୍ୱର ଉଠାଉଥିବ’

କେନ୍ଦ୍ରାପଡ଼ା,୧୬।୧୧ (ନିପ୍ର): ଆଜିକାଲି ସମାଜରେ ଅନ୍ୟାୟ, ଦୁର୍ନୀତି,ଭ୍ରଷ୍ଟାଚାର ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ନିରୀହ ସାଧାରଣ ଲୋକେ ଏଠି ଅଣନିଶ୍ୱାସୀ ହୋଇ ପଡ଼ିଛନ୍ତି । ରାଜନୀତିରେ ଅସାମାଜିକ ବ୍ୟକ୍ତିଙ୍କ ଦିନ ପରେ ଦିନ ପ୍ରାଦୁର୍ଭାବ ବଢ଼ିଥିବା ବେଳେ, ଦାଦାଗିରି, ଗୁଣ୍ଡାଗିରି ଏହାର ପ୍ରାଥମିକତା ପାଲଟିଛି । ସମାଜରେ ଶିକ୍ଷିତ ବେକାର ଯୁବକ ଯୁବତୀମାନେ ଚାକିରି ନ ପାଇ ହତୋତ୍ସାହ ହୋଇ ରାଜନୀତି ଶକ୍ତି ତଳେ ନିଜକୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ପ୍ରତ୍ୟେକ ଯୁଗରେ ସତ୍ୟର ଜୟ ହେଉଥିବା ବେଳେ ବର୍ତ୍ତମାନଯୁଗରେ ତା’ର କ୍ଷୟ ଘଟିଛି ଏବଂ ଦେଶରେ ନ୍ୟାୟ ବ୍ୟବସ୍ଥା ସମ୍ପୂର୍ଣ ଭୂଷୁଡ଼ି ପଡ଼ିଛି । ନ୍ୟାୟଦାତାଙ୍କ ଆଖିରେ କଳାପଟି ବନ୍ଧା ଯାଇଛି । ଜଣେ ନିର୍ଦ୍ଦୋଷୀ ଗରିବ ନ୍ୟାୟ ପାଇଁ ଯେଉଁ ଆଇନ୍ ବ୍ୟବସ୍ଥା ଉପରେ ଭରସା ରଖୁଥାଏ, ସେହି ଆଇନ୍ ଆଜି ରାଜନେତାଙ୍କ ନିକଟରେ ବନ୍ଧା ପଡ଼ିଛି । ଆଖି ଆଗରେ ଗରିବ ଅସହାୟ ବ୍ୟକ୍ତି ନ୍ୟାୟ ପାଇଁ ସଂଘର୍ଷ କରୁଥିବାବେଳେ ତାହାର ସାହାରା ପାଲଟିଛି ଏହି ସାମ୍ବାଦିକର କଲମ ମୁନ । ଆଇନ୍ ବ୍ୟବସ୍ଥାରେ ଜଣେ ନିର୍ଦ୍ଦୋଷୀ ପାଇଁ ତିନୋଟି ବାଟ ଅନ୍ଧକାର ହୋଇଯାଇଥିବା ବେଳେ ଚତୁର୍ଥ ବାଟରେ ସାମ୍ବାଦିକଟି ସାହାରା ପାଲଟିଥାଏ । ଆଜିର ଏହି ସ୍ୱାର୍ଥପର ଦୁନିଆରେ ଜଣେ ସାମ୍ବାଦିକ ନିଜର ଘର ପରିବାରକୁ ପଛରେ ପକାଇ ସମସ୍ତ ସୁଖକୁ ଜଳାଞ୍ଜଳି ଦେଇ ଦିନ ରାତି ଏକ କରି ଯେଉଁ ଖବର ସଂଗ୍ରହ କରି ଲୋକମାନଙ୍କ ପାଖରେ ପରିବେଷଣ କରିଥାଏ, ତାହାକୁ ନିଶା ନୁହେଁ ତ ଆଉ କ’ଣ କୁହାଯାଇପାରେ । ଯେଉଁଦିନଠାରୁ ଜଣେ ସାମ୍ବାଦିକ ସାମ୍ବାଦିକ ବୃତ୍ତିକୁ ବୃତ୍ତି ନଭାବି ତାକୁ ନିଶା ଭାବରେ ଗ୍ରହଣ ନ କରିଛି ସେ ପର୍ଯ୍ୟନ୍ତ ସେ ପ୍ରକୃତ ସାମ୍ବାଦିକର ମର୍ଯ୍ୟାଦା ପାଇପାରିବ ନାହିଁ । ଏହି ସମାଜରେ ନ୍ୟାୟ ବ୍ୟବସ୍ଥା ଦିନକୁ ଦିନ । ଯେତେ ବିପର୍ଯ୍ୟସ୍ତ ହେଉ ନା କାହିଁକି ସାମ୍ବାଦିକଟି ବଞ୍ଚିଥିବା ଯାଏଁ ଲୋକମାନଙ୍କ ସ୍ୱାର୍ଥ ପାଇଁ ସ୍ୱର ଉଠାଉଥିବ ଓ ପ୍ରକୃତ ସତ୍ୟକୁ ସାମ୍ନାକୁ ଆଣିବା ପାଇଁ ଚେଷ୍ଟା କରୁଥିବ ବୋଲି ସାମ୍ବାଦିକ ମହଲରେ ମତ ପ୍ରକାଶ ପାଇଛି ।।

# ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକଙ୍କର ମାଗଣା ସ୍ୱାସ୍ଥ୍ୟ ସେବା

ଭବାନୀପାଟଣା,୧୬/୧୧ (ନି.ପ୍ର)- ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ତରଫରୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ସହଯୋଗରେ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଦିନିକିଆ ମାଗଣା ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଓ୍ୱାନ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରି କର୍ମମୟ ବ୍ୟସ୍ତବହୁଳ ଜୀବନରେ ସ୍ୱାସ୍ଥ୍ୟ ହିଁ ସମ୍ପଦକୁ ଗୁରୁତ୍ୱ ଦେଇ ସମସ୍ତ ସରକାରୀ କର୍ମଚାରୀ,ବରିଷ୍ଠ ନାଗରିକ ନିଜର ତଥା ପରିବାରର ସ୍ୱାସ୍ଥ୍ୟ ପରୀକ୍ଷା କରି ଫିଟରଖିବା ସହିତ ସ୍ୱାସ୍ଥ୍ୟବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସଞ୍ଚୟ ଓ ଅର୍ଥ ସେବା ବିବେକାନନ୍ଦ ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦିଲୀପ ଦୁବେଙ୍କ ସହଯୋଗରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ ଭେଷଜ ଚିକିତ୍ସା ବିଭାଗ,ଦାନ୍ତ ଚିକିତ୍ସା ବିଭାଗ, ଚକ୍ଷୁ, ନାସା,କର୍ଣ୍ଣ ଓ ଗଳା,ଶିଶୁ ରୋଗ ବିଭାଗ ଇତ୍ୟାଦି ର ବିଶେଷଜ୍ଞ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ସେବା ଯୋଗାଇ ଦେଇଥିଲେ। ଏହି ଶିବିରରେ ୧୧୪ ଜଣ ଅଧିକାରୀ, କର୍ମଚାରୀ, ବରିଷ୍ଠ ନାଗରିକଙ୍କ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଥିଲା। ପ୍ରଥମ ଥର କରି ଏହି ଶିବିରରେ ୧୭ ଜଣ ମହିଳାଙ୍କ ସ୍ତନ କର୍କଟ ସମ୍ବନ୍ଧୀୟ ପରୀକ୍ଷା ମଧ୍ୟ କରାଯାଇଥିଲା।

# ‘ସତ୍ୟ, ନିରପେକ୍ଷ ଖବର ପରିବେଷଣ ଶୁଭଙ୍କର’

ଚାରିଛକ,୧୬।୧୧ (ନିପ୍ର); ଚାରିଛକ ପ୍ରେସକ୍ଲବ ପକ୍ଷରୁ ସ୍ଥାନୀୟ ଏକାନ୍ତ ଆଶ୍ରମ ପରିସରରେ ଜାତୀୟ ପ୍ରେସ ଦିବସ-୨୦୨୫ ପାଳିତ ହୋଇଯାଇଛି । ପ୍ରେସକ୍ଲବ ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରଜାତନ୍ତ୍ର ପଶ୍ଚିମବଙ୍ଗର ଅବସରପ୍ରାପ୍ତ ସହ-ସଂପାଦକ ନାରାୟଣ ବେହେରା,ମୁଖ୍ୟବକ୍ତାଭାବେ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ସମ୍ମାନିତ ଅତିଥିଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର ,ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ସନ୍ତୋଷ କୁମାର ମିତ୍ର ,ପ୍ରାକ୍ତନ ଆଇଆରଏସ ଚନ୍ଦ୍ରକାନ୍ତ ଦଳେଇ,ପ୍ରାକ୍ତନ ପ୍ରାଧ୍ୟାପକ ପଂଚାନନ ସାହୁ,ବରିଷ୍ଠ ନାଗରୀକ ମଂଚ ସଂପାଦକ କାହ୍ନୁ ଚରଣ ବେହେରା,ପୁର୍ବତନ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଚକ୍ରଧର ସା,ତୁଳସୀପୁର ଗ୍ରାମ୍ୟକମିଟି ସଭାପତି ବନବିହାରୀ ଦାଶ,ନିଗମାନନ୍ଦ ମହାବିଦ୍ୟାଳୟ ଚାରିଛକର ପୁର୍ବତନ ଗ୍ରନ୍ଥାଗାରିକ ପଣ୍ଡିତ ମୂରଲୀଧର ଭାରତୀ,କୃଷକନେତା ସନାତନ ପାତ୍ର,କୃଷ୍ଣଚନ୍ଦ୍ର ରାଉତ,ରବୀନ୍ଦ୍ର କୁମାର ସେନାପତି,ଅଧିନ ପାତ୍ର,ଗଙ୍ଗାଧର କର ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିମାନେ ହେଉଛନ୍ତି ଦେଶର ଚତୁର୍ଥସ୍ତମ୍ଭ,ଖବରଦାତାମାନେ ସର୍ବଦା ସତ୍ୟ,ନିରପେକ୍ଷ ଓ ନିର୍ଭୀକ ଖବର ପରିବେଷଣ କଲେ ଦେଶ ତଥା ରାଜ୍ୟ ପାଇଁ ଶୁଭଙ୍କର ବୋଲି ଜାତୀୟ ଜାତୀୟ ପ୍ରେସ ଦିବସ ଅବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ବିଶେଷକରି ରାଜ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ସହିତ ଅନ୍ୟ ରାଜ୍ୟ ପରି ସାମ୍ବାଦିକମାନଙ୍କୁ ଭତ୍ତା ପ୍ରଦାନ କରିବାକୁ ମୁଖ୍ୟ ଅତିଥି କହିଥିଲେ । ଏହି ଅବସରରେ ସ୍ତମ୍ଭକାର ସନ୍ତୋଷ ଦାଶଙ୍କ ସମେତ ୫ଜଣ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବସନ୍ତ ଦାସ,ପ୍ରତାପ କୁମାର ମଲ୍ଲିକ,ସୁକାନ୍ତ କର ଓ ରଂଜନ କୁମାର ଦାସଙ୍କୁ ପ୍ରେସ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଏବିଭିପି ପକ୍ଷରୁ ସ୍ୱାଭିମାନ ଶୋଭାଯାତ୍ରା

ଭଦ୍ରକ,୧୬।୧୧ (ନିପ୍ର); ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଜନଜାତି ସମାଜର ଜନ ନାୟକ, ଭାରତର ଗର୍ବ ଓ ଗୌରବ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ତଥା ଜନଜାତି ଗୌରବ ଦିବସ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଭଦ୍ରକ ପକ୍ଷରୁ ଶତାଧିକ ଛାତ୍ର ଛାତ୍ରୀଙ୍କୁ ନେଇ ସ୍ୱାଭିମାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାଟି ଭଦ୍ରକ କଲେଜ ପରିସରରୁ ବାହାରି ଟାଉନ ହଲ ଛକରେ ଶେଷ ହୋଇଥିଲା। ବିଦ୍ୟାର୍ଥୀ ମାନେ ଭାରତ ମାତା କୀ ଜୟ, ବନ୍ଦେ ମାତରଂ, ଭଗବାନ ବିର୍ସା ମୁଣ୍ଡା ଅମର ରହେ, ଜନଜାତି ଗୌରବ ଦିବସ ଜିନ୍ଦାବାଦ ଆଦି ସ୍ଲୋଗାନ ଦେଇଥିଲେ। ଜିଲ୍ଲା ସଂଯୋଜକ ଓଁକାର ମହାନ୍ତିଙ୍କ ଉପସ୍ଥିତିରେ ଛାତ୍ର ନେତା ଶୁଭମ୍ ପାଢ଼ୀ, ଏହାର ନେତୃତ୍ୱ ନେଇଥିଲେ। ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଯଥା ପାଠ୍ୟ ଚକ୍ର, ରକ୍ତଦାନ, ବୃକ୍ଷ ରୋପଣ, ସ୍ୱଚ୍ଛ ଭାରତ ଅଭିଯାନ, ବସ୍ତି ଅଞ୍ଚଳର ଆଲୋଚନା ଚକ୍ର, ତର୍କ ଓ କୁଇଜ୍ ପ୍ରତିଯୋଗିତା ଆଦି କରାଯିବ ବୋଲି ଜିଲ୍ଲା ସହ ପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ ପ୍ରକାଶ କରିଛନ୍ତି।

# ଜାତୀୟ ପ୍ରେସ୍ ଦିବସରେ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୧୬/୧୧ (ନିପ୍ର); ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ରୂପେ ପରିଚିତ ଗଣମାଧ୍ୟମ ବିନା ଗଣତନ୍ତ୍ରର ମୂଲ୍ୟବୋଧ କିଛି ନଥାଏ। ଯେକୌଣସି ଦେଶର ସ୍ୱାଧୀନତା ପ୍ରାପ୍ତିରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ଗଣମାଧ୍ୟମ। ଭାରତର ସ୍ୱାଧୀନତା ପ୍ରାପ୍ତିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଗଣମାଧ୍ୟମକୁ ସାମ୍ବିଧାନିକ ଅଧିକାର ମିଳି ନଥିଲେ ମଧ୍ୟ ଗଣମାଧ୍ୟମ କେବଳ ଚତୁର୍ଥ ସ୍ତମ୍ଭ ରୂପେ ପରିଚିତ ରହିଛି। ୧୯୬୬ ମସିହାରେ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ଗଠନ ହେବା ପରଠାରୁ, ପ୍ରତିବର୍ଷ ନଭେମ୍ବର ୧୬ ତାରିଖକୁ ଜାତୀୟ ପ୍ରେସ୍ ଦିବସ ରୂପେ ପାଳନ କରାଯାଇଆସୁଛି। ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଉଥିଲେ ମଧ୍ୟ ରାଉରକେଲା ସହରର ସେକ୍ଟର-୨୧ରେ ଥିବା ଗୁରୁ ନାନକ ପବ୍ଲିକ୍ ସ୍କୁଲ ତରଫରୁ ଜାତୀୟ ପ୍ରେସ୍ ଦିବସକୁ ପାଳନ କରାଯାଇ ଗଣମାଧ୍ୟମର ପ୍ରତ୍ୟେକ ସାମ୍ବାଦିକଙ୍କୁ ସମ୍ମାନିତ କରାଯିବା ଗଣତନ୍ତ୍ରରେ ଗଣମାଧ୍ୟମର ମୂଲ୍ୟବୋଧ ରହିଛି ବୋଲି ସୂଚିତ କରାଏ। ଗୁରୁ ନାନକ ପବ୍ଲିକ୍ ସ୍କୁଲ, ରାଉରକେଲାର ପ୍ରଥମ ସ୍କୁଲ, ଯିଏ ଜାତୀୟ ପ୍ରେସ୍ ଦିବସକୁ ପ୍ରତି ବର୍ଷ ପାଳନ କରିବା ସହିତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମ୍ମାନିତ କରୁଛି। ସେଥିପାଇଁ ସାମ୍ବାଦିକମାନଙ୍କ ପକ୍ଷରୁ ଗୁରୁ ନାନକ ପବ୍ଲିକ୍ ସ୍କୁଲକୁ ଧନ୍ୟବାଦ ଅର୍ପଣ କରଯାଇଛି । ଆଜି ଗୁରୁ ନାନକ ପବ୍ଲିକ୍ ସ୍କୁଲ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ଅବସରରେ ପ୍ରତ୍ଯେକ ସାମ୍ବାଦିକଙ୍କୁ ପୁଷ୍ପଗୁଚ୍ଛ ଏବଂ ମୋମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିପାଇଁ ଗଣମାଧ୍ୟମର ପ୍ରତିନିଧିମାନଙ୍କ ତରଫରୁ ସ୍କୁଲର ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଦେବିନ୍ଦର ସିଂହ, ପ୍ରିନ୍ସିପାଲ ଡକ୍ଟର ପାପରୀ ରାୟ ଚୌଧୁରୀ, କାର୍ଯ୍ୟକାରୀ ସଭ୍ୟ ତେଜିନ୍ଦର ସିଂହ, ଚମକର ସିଂହ, ସୁଖବିନ୍ଦର ସିଂହଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଡ୍ରପଆଉଟ ପିଲାଙ୍କ ପାଇଁ ସଚେତନତା

ଭଦ୍ରକ,୧୬।୧୧ (ନିପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ଗେଲଟୁଆ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ଯେଉଁ ପିଲାମାନେ ଅଧାରୁ ପାଠ ଛାଡିଥିବେ କିମ୍ବା ପାଠ ପଢୁନାହାନ୍ତି ସେମାନଙ୍କୁ କିପରି ବିଦ୍ୟାଳୟ ଅଭିମୁଖୀ କରାଇବେ ସେ ଦିଗରେ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିବା ସହ ପରିଚାଳନା ମଧ୍ୟ କରିଥିଲେ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତୃପ୍ତିମୟୀ ପାତ୍ର, ଡଃ ତାପସ କୁମାର ମହାନ୍ତି, ସହାୟକ ପ୍ରତିପକ୍ଷ ଓକିଲ, ନ୍ୟାୟରକ୍ଷକ, ଗୁରୁଲତା ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ, କାଶିନାଥ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଅନ୍ୟ ଶିକ୍ଷକ ଗଣ ଏବଂ ଛାତ୍ରୀଛାତ୍ର ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଦେଶର ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ରକ୍ତତୀର୍ଥ ଇରମର ବଳିଦାନ ଅବିସ୍ମରଣୀୟ




ଭଦ୍ରକ,୧୬।୧୧ (ନିପ୍ର): ଭଦ୍ରକ ଭୂମି ତ୍ୟାଗ,ତିତିକ୍ଷା, ସଂଗ୍ରାମ ଓ ବଳିଦାନର ଭୂମି ଏବଂ ଦେଶର ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ଭଦ୍ରକ ସୁବର୍ଣ୍ଣ ସ୍ୱାକ୍ଷର ରଚିଛି। ସ୍ୱାଧୀନତା ସଂଗ୍ରାମରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ସ୍ଥିତ ଇରମ ଅଂଚଳର ଭୂମିକା ଓ ବଳିଦାନ ଅଭୂତପୂର୍ବ, ଅବିସ୍ମରଣୀୟ। ଇରମ ମାଟିର ଜାତୀୟ କବି ବାଞ୍ଛାନିଧି ମହାନ୍ତି ଯେପରି ଜାତୀୟତାବାଦୀ ସଂଗୀତର ସାରସ୍ୱତ ଝଙ୍କାର ତୋଳି ସ୍ୱାଧୀନତା ସଂଗ୍ରାମକୁ ତେଜୀୟାନ କରିଥିଲେ ସେପରି ସେହି ଅଂଚଳର ସ୍ୱାଧୀନତା ସଂଗ୍ରାମୀ ଆନ୍ଦୋଳନର ଯଜ୍ଞ ବେଦୀରେ ନିଜକୁ ଉତ୍ସର୍ଗ କରି ଭଦ୍ରକ ଭୂମିକୁ ବୀର ତଥା ତ୍ୟାଗଭୂମି ଭାବେ ଅଭିହିତ କରିଅଛନ୍ତି ବୋଲି ଉତ୍କଳ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ଷଷ୍ଠ ସନ୍ଧ୍ୟାକୁ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ ’ଐତିହାସିକ ସ୍ମାରକୀ: ସ୍ୱାଧୀନ ବାଞ୍ଛାନିଧି ଚକଲା’ ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲ। ମହୋତ୍ସବର ଉପସଭାପତି ଡାକ୍ତର ଅନୀଲ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ପ୍ରକାଶ କୁମାର ମିଶ୍ର ବିଶିଷ୍ଟ ଅତିଥି,ଅବସର ପ୍ରାପ୍ତ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ ମୁଖ୍ୟ ବକ୍ତା, ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ର ବରେଣ୍ୟ ବକ୍ତା, ପ୍ରଧାନ ଶିକ୍ଷକ ଅଜୟ କୁମାର ପୃଷ୍ଟି, ଓଡ଼ିଶା ହସ୍ତଶିଳ୍ପ କାରିଗର ସଂଘ ସଭାପତି ଉଦୟନାଥ ମହାନ୍ତି, କବୟିତ୍ରୀ ମମତା ବଳ ଅଧାପିକା ଦେବସ୍ମିତା ମିଶ୍ର ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭଦ୍ରକ ସହରାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାର ଅତିଥିମାନଙ୍କୁ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ରବି ନାରାୟଣ ଖିଲାର ଅତିଥି ପରିଚୟ, ଆବାହକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ପ୍ରଦାନ ଏବଂ ମହୋତ୍ସବ ସହ ସମ୍ପାଦିକା ଅଞ୍ଜନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡ. ମାୟାଧର ମାନସିଂହଙ୍କ ଜୟନ୍ତୀ

ରମ୍ଭା,୧୬।୧୧ (ନିପ୍ର): ଓଡ଼ିଶା ତଥା ଦନ୍ତପୁର ଅଞ୍ଚଳର ଖ୍ୟାତନାମା ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରେମିକ କବି ଡ଼ ମାୟାଧର ମାନସିଂହଙ୍କ ୧୨୧ ତମ ଜୟନ୍ତୀ ତାଙ୍କ ଜନ୍ମମାଟି ପାରିକୁଦ ନନ୍ଦଳା ଗ୍ରାମ ଠାରେ ମାନସିଂହ ସାହିତ୍ୟ ସଂସଦ ତରଫରୁ ପାଳିତ ହେବା ସଙ୍ଗେ ସଙ୍ଗେ ଏକ କବିତା ପାଠ ଉତ୍ସବ ମଧ୍ୟ ସମ୍ପନ୍ନ ହୋଇଥିଲା । ଏଥିରେ ବିଶିଷ୍ଟ ସାହିତ୍ୟିକ ତଥା ଖ୍ୟାତନାମା ବ୍ୟକ୍ତି ବିଶେଷ ଯୋଗ ଦେଇ ଥିଲେ । ଡ଼ ନାରାୟଣ ପଣ୍ଡା, ଡ଼ ରଜନୀ ରଣସିଂହ, ଆମେରିକା ନିବାସୀ ପ୍ରବାସୀ ଓଡ଼ିଆ ଲେଖିକା ଚନ୍ଦ୍ରା ମିଶ୍ର, କିଶୋର ଚନ୍ଦ୍ର ବିଶୋଇ, ବିଷ୍ଣୁ ପ୍ରସାଦ ଦଳେଇ,ଲଳିତ କୁମାର ସ୍ୱାଇଁ,ପ୍ରକୃତି ବନ୍ଧୁ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଅଶୋକ କୁମାର ସାହୁ, ମହେଶ୍ୱର ବରାଡ଼, ବିଦ୍ୟାଧର ପ୍ରଧାନ, ବନବାସୀ ପଟ୍ଟନାୟକ, ଆର୍ତ୍ତତ୍ରାଣ ବେହେରା,ଅଖିଳ କୁମାର ନାୟକ ପ୍ରମୁଖ କବି ଓ ସାହିତ୍ୟିକ ବିଶେଷ କରି ମାନସିଂହ ସାହିତ୍ୟ ସଂସଦ ସାହିତ୍ୟିକ ବୃନ୍ଦ ଏହି ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ଭାଗ ନେଇ ଥିଲେ ।

# ବଦଳି ହେବେ ସମିତି ସମ୍ପାଦକ କ୍ୟାଡର ନିୟମ କାର୍ଯ୍ୟକାରୀ କରିବାକୁ ଆସିଲା ନିର୍ଦ୍ଦେଶ

## ଖାଲି ଥିବା ସମିତିର ସମସ୍ତ ପଦବୀ ପୂରଣ ହେବ ଏବଂ ବଦଳି କରାଯିବ

ନିରାକାରପୁର,୧୬।୧୧ (ନିପ୍ର): ଗ୍ରାମାଞ୍ଚଳ ହେଉ ବା ସହରାଞ୍ଚଳ ହେଉ ସମିତିର ଗୁରୁତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହାକୁ ନଜରରେ ରଖି ରାଜ୍ୟ ସରକାର ନିବନ୍ଧକ ସମବାୟ ସମିତି ସମୂହଙ୍କ ଚିଠି ନମ୍ବର -୧୧୮୧୯ ତା ୨୪.୦୬.୨୦୨୫ ରିଖ ରେ ସମିତି ରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ କ୍ୟାଡ଼ର ନିୟମ କୁ ମଞ୍ଜୁର କରିଥିଲେ । ସମିତିରେ ଚାକିରି ପାଇଲା ଦିନଠୁ ମୃତ୍ୟୁ ପର୍ଯ୍ୟନ୍ତ ସମିତି କର୍ମଚାରୀ ମାନେ ରହି କର୍ଯ୍ୟକରୁଥିଲେ । ଫଳରେ ଦୁର୍ନୀତି ବଢୁଥିଲା ବିଜେପି ସରକାର ଆସିଲା ପରେ ରାଜ୍ୟ ସରକାର ୧୦୦ ଦିନ କାର୍ଯ୍ୟରେ କ୍ୟାଡ଼ର ନିୟମକୁ ଅନ୍ତର୍ଭୁକ୍ତ କରି ଜିଲ୍ଲା ଭିତ୍ତିକ କ୍ୟାଡ଼ର କରି ବଦଳି କରିବା ପାଇଁ ସ୍ଥିର କରିଛନ୍ତି। ସମିତି ଗୁଡ଼ିକ ଗ୍ରାମାଞ୍ଚଳରେ ଧାନ ମଣ୍ଡି , କୃଷି ଋଣ , ସାର ଏବଂ ବିହନ ବେପାର , ଜନ ସେବା କେନ୍ଦ୍ର, ମହିଳା ଗୋଷ୍ଠୀଙ୍କୁ ଋଣ , ଗାଈ, ଛେଳି, କୁକୁଡ଼ା ଚାଷ , ମତ୍ସ୍ୟ ଚାଷ , ଗାଡ଼ି ଋଣ , ସ୍ୱର୍ଣ୍ଣ ବନ୍ଧକ ଋଣ ଇତ୍ୟାଦି କାର୍ଯ୍ୟ ରେ ଜଡିତ ରହୁଛନ୍ତି । ଓଡ଼ିଶା ରାଜ୍ୟ ନିବନ୍ଧକ ସମବାୟ ସମିତି ସମୂହ ଚିଠି ନମ୍ବର- ୨୧୯୭୫ ତା ୧୧.୧୧.୨୦୨୫ ରିଖରେ ସମସ୍ତ ଜିଲ୍ଲାର ଉପନିବନ୍ଧକ ସମବାୟ ସମିତି ସମୂହ ଏବଂ କେନ୍ଦ୍ର ସମବାୟ ବାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ଆକ୍ସନ ପ୍ଲାନ୍ ପ୍ରଦାନ କରିଛନ୍ତି। ଯେଉଁଥିରେ ତା ୧୦.୧୧.୨୦୨୫ ରିଖ ସୁଦ୍ଧା କ୍ୟାଡ଼ର କମିଟି ଗଠନ , ତା ୧୫.୧୧.୨୦୨୫ ରିଖ ସୁଦ୍ଧା ପ୍ରଥମ ସଭା କରି ଆବଶ୍ୟକ ମତାମତ ପ୍ରଦାନ , ତା ୩୦.୧୧.୨୦୨୫ ରିଖ ସୁଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ୍ ପରିଚାଳନା ପରିଷଦ ର ଆପ୍ରୁଭାଲ୍ ଏବଂ ଜିଲ୍ଲା ଭିତ୍ତିକ କ୍ୟାଡ଼ର ଫଣ୍ଡ ଆକାଉଣ୍ଟ ଖୋଳିବା କାର୍ଯ୍ୟ , ସମିତି ଗୁଡ଼ିକ ତା ୨୦.୧୨.୨୦୨୫ ରିଖ ସୁଦ୍ଧା ସମସ୍ତ ସମିତି ରେଜୋଲୁସନ୍‌ରେ ପାସ କରିବେ , ତା ୧୫.୦୧.୨୦୨୬ ରିଖ ସୁଦ୍ଧା ସମସ୍ତ ଖାଲି ଥିବା ପଦବୀ ଚିହ୍ନଟ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା , ତା ୩୧.୦୩.୨୦୨୬ ରିଖ ସୁଦ୍ଧା ସମସ୍ତ ଖାଲି ଥିବା ପଦବୀ ପୂରଣ କରିବା କାର୍ଯ୍ୟ ସାରିବାକୁ ଜିଲ୍ଲା ଉପନିବନ୍ଧକ ସମବାୟ ସମିତି ସମୂହ ଏବଂ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଙ୍କୁ ଆଦେଶ ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାପାଳ ଚିଠି ନମ୍ବର - ୨୨୦୫ ତା ୧୩.୦୮.୨୦୨୫ ରିଖ ରେ କ୍ୟାଡ଼ର କମିଟି ଗଠନ କାର୍ଯ୍ୟ କରିସାରିଛନ୍ତି। ଯେଉଁଥିରେ ନିଜେ ଜିଲ୍ଲାପାଳ ଅଧ୍ୟକ୍ଷ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ହେବେ ସଭା ଆବାହକ , ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ୍‌ର ସଭାପତି ସଭ୍ୟ , ଜିଲ୍ଲା ଉପନୀବନ୍ଧକ ସମବାୟ ସମିତି ସମୂହ ସଭ୍ୟ, ଜିଲ୍ଲା ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ସଭ୍ୟ , ସହକାରୀ ସମୀକ୍ଷକ ସମବାୟ ସମିତି ସମୂହ ସଭ୍ୟ , ରାଜ୍ୟ ସମବାୟ ବ୍ୟାଙ୍କ୍ ର ପ୍ରତିନିଧି ସଭ୍ୟ ଭାବରେ କମିଟି ଗଠନ କରାଯାଇଅଛି। ଟାଙ୍ଗୀ ବ୍ଲକରେ ସର୍ବମୋଟ ୨୬ ଟି ଗ୍ରାମ ପଞ୍ଚାୟତ ରହିଅଛି ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ସମିତି ଖୋଲିବା ପାଇଁ ସରକାର ସ୍ଥିର କରିଛନ୍ତି । କିନ୍ତୁ ପୂର୍ବରୁ ୧୪ ଟି ପ୍ରଥମେ ସମିତି ଥିଲା ଏବଂ ପରେ ୭ ଟି ନୂତନ ସମିତି ଗଢି ଉଠିଛି କିଛି ସମିତି କୁ ଅଲଗା ପାଇଁ ନିର୍ଦ୍ଦେଶ ଆସିଥିଲେ ମଧ୍ୟ ନିଜ ଦୁର୍ନୀତିକୁ ଘୋଡ଼ାଇବା ଉଦ୍ଦେଶ୍ୟ ମୂଳ ସମିତିର ପରିଚାଳନା ପରିଷଦଙ୍କୁ ଧରି କୋର୍ଟର ଆଶ୍ରୟ ନେଇଛନ୍ତି ଏବଂ ଯେଉଁ ପଞ୍ଚାୟତରେ ନୂତନ କରି ସମିତି ଗଢି ଉଠିନି ସେଗୁଡିକ ଗ୍ରାମ ପଞ୍ଚାୟତର ସମାଜସେବୀ ମାନେ ଆଗ୍ରହ ପ୍ରକାଶ କରି ନୂତନ ସମିତି ଗଠନ କରିବା ଉଚିତ୍। ନୂତନ ସମିତି ଗୁଡିକରେ ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାୟୀ ସମ୍ପାଦକ ନାହାଁନ୍ତି ନିକଟସ୍ଥ ମୂଳ ସମିତି ର ସମ୍ପାଦକ ଙ୍କୁ ଭାର କାର୍ଯ୍ୟ ରୂପେ କାର୍ଯ୍ୟ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ମାର୍ଚ୍ଚ ଶେଷ ସୁଦ୍ଧା ଖାଲି ଥିବା ପଦବୀଗୁଡ଼ିକ ପୂରଣ କରିବାକୁ ଆସିଥିବା ନିର୍ଦ୍ଦେଶକୁ ଅନେକ ବୁଦ୍ଧିଜୀବୀ ମହଲରେ ଏହାକୁ ସ୍ୱାଗତ କରାଯାଇଛି । କାରଣ ନୂଆ ପିଲା ନିଯୁକ୍ତି ପାଇପାରିବେ ଏବଂ ବଦଳି ହେଲେ ସମିତିରୁ ଦୁର୍ନୀତି କମିବ ବୋଲି ଅନେକ ସମବାୟବିତ୍‌ମାନେ ଏହାକୁ ସ୍ୱାଗତ ଏବଂ ଉନ୍ନତ ମାନର ପଦକ୍ଷେପ ବୋଲି ମତ ବ୍ୟକ୍ତ କରିଛନ୍ତି ଏବଂ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ସମିତି ଖୋଲିଲେ ଚାଷୀ ହାତପାଆନ୍ତାରେ ସରକାରଙ୍କ ସମସ୍ତ ସୁବିଧା ପାଇପାରିବେ।

# ସବୁ ପଞ୍ଚାୟତରେ ହୋଇ ପାରୁନି ମତ୍ସ୍ୟ ପୋଖରୀ

ନିରାକାରପୁର,୧୬।୧୧ (ନିପ୍ର): ମତ୍ସ୍ୟ ପୋଖରୀ ଯୋଜନା ଓଡ଼ିଶା ରେ ୨୦୧୭-୧୮ ମସିହାରୁ ଆରମ୍ଭ ହୋଇଥିଲା । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନୂତନ ପୋଖରୀ ଖନନ ମଧ୍ୟମରେ ମଧୁର ଜଳରେ ମାଛ ଚାଷକୁ ବୃଦ୍ଧି କରିବା ଯାହା ଫଳରେ ମାଛ ଉତ୍ପାଦନ ବଢିବ ଏବଂ ଚାଷୀମାନଙ୍କର ଆୟରେ ଉନ୍ନତି ଆସିବ। ଏହାକୁ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ , ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମତ୍ସ୍ୟଜୀବୀ ସମବାୟ ସମିତି ଜରିଆରେ ମାଛ ଚାଷ କରିବାକୁ ଚାହୁଁଥିଲେ ଏହି ଯୋଜନା ରେ ସାମିଲ ହୋଇ ପାରିବେ। ଏହି ଯୋଜନା ଅଧୀନରେ ନୂଆ ପୋଖରୀ ଖୋଳା ଖର୍ଚ୍ଚ ଏବଂ ପ୍ରଥମ ବର୍ଷର ମାଛ ଚାଷ ପାଇଁ ଆବଶ୍ୟକୀୟ ଖର୍ଚ୍ଚ ମଞ୍ଜି ଏବଂ ଖାଦ୍ୟ ଇତ୍ୟାଦି ପାଇଁ ସବସିଡି ମିଳିଥାଏ। ଏହି ସବସିଡି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ଉପରେ ଦିଆଯାଇଥାଏ ଉଦାହରଣ ସ୍ୱରୂପ ଏକ ହେକ୍ଟର ପୋଖରୀ ପାଇଁ ପ୍ରାୟ ୭ ଲକ୍ଷ ମଞ୍ଜୁର କରାଯାଇଛି। ସାଧାରଣ ବର୍ଗ ଙ୍କ ପାଇଁ ୟୁନିଟ୍ ପିଛା ୪୦ % ଅର୍ଥାତ ୨,୮୦,୦୦୦ ଟଙ୍କା ଏବଂ ଅନୁସୂଚିତ ଜାତି ଜନଜାତି ମହିଳା ଙ୍କ ପାଇଁ ୟୁନିଟ ପିଛା ୫୯% ଅର୍ଥାତ୍ ୩,୫୦,୦୦୦ ଟଙ୍କା ସବସିଡି ମିଳିବାର ସୁବିଧା ଅଛି ।ମାଛ ଚାଷ ପାଇଁ ଆରମ୍ଭ ପାଇଁ ଇନ୍ପୁଟ ମଞ୍ଜି , ଖାଦ୍ୟ, ସାର ପାଇଁ ସାଧାରଣ ବର୍ଗଙ୍କ ପାଇଁ ୟୁନିଟ୍ ପିଛା ୪୦% ଅର୍ଥାତ ୬୦ ହଜାର (୧,୫୦,୦୦୦ ୟୁନିଟ ମୂଲ୍ୟ ) ଏବଂ ଅନୁସୂଚିତ ଜାତି , ଜନଜାତି, ମହିଳା ଙ୍କ ପାଇଁ ୫୦%(୧,୫୦,୦୦୦ ୟୁନିଟ ମୂଲ୍ୟ ) ଅର୍ଥାତ ୭୫ ହଜାର ସବସିଡି ମିଳିବାର ସୁବିଧା ଅଛି।



ମୋଟ ଏକ ହେକ୍ଟର ପୋଖରୀ ପାଇଁ ମୋଟ ୮,୫୦,୦୦୦ ଟଙ୍କା ଧରାଯାଇଛି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ରେ ୨୦୨୦-୨୧ ଆର୍ଥିକ ବର୍ଷରେ ୩୮ ଟି , ୨୦୨୧-୨୨ ରେ ୧୦ ଟି ମତ୍ସ୍ୟ ପୋଖରୀ ମଞ୍ଜୁର କରାଯାଇଥିଲା ଯାହା ମତ୍ସ୍ୟ ବିଭାଗର ଅଫିସିଆଲ୍ ୱେବସାଇଟ ତଥ୍ୟରୁ ଜଣାପଡିଛି। ମତ୍ସ୍ୟ ପୋଖରୀ ଯୋଜନାକୁ ବର୍ତ୍ତମାନ ‘ମୋ ମତ୍ସ୍ୟ ପୋଖରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ‘ ନାମକରଣ କରାଯାଇଛି। ମୁଖ୍ୟମନ୍ତ୍ରୀ କଲ୍ୟାଣ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷ ରେ ଟାଙ୍ଗୀ ବ୍ଲକ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ଜରିଆରେ ୬୭ ଟି ଏସ.ଏଚ.ଜି ଙ୍କୁ ୩୮.୯୩ ଲକ୍ଷ ସବସିଡି ଏବଂ ପ୍ରାଥମିକ ପ୍ରଜନନ କାର୍ଯ୍ୟକ୍ରମରେ ମାଛ ମଞ୍ଜି ଚାଷୀ ଙ୍କୁ ୪.୫୭୯୫ ଟଙ୍କା ସବସିଡି ଦିଆଯାଇଛି। ଟାଙ୍ଗୀ ବ୍ଲକର ମଙ୍ଗଳାଯୋଡି, ବଡ଼ପାରି, ସୁନ୍ଦରପୁର ଗ୍ରାମ ପଞ୍ଚାୟତ ଗୁଡ଼ିକ ଚିଲିକା ର ତଟବର୍ତ୍ତୀ ପଞ୍ଚାୟତ ଏବଂ ଅନ୍ୟ ପଞ୍ଚାୟତ ଗୁଡିକରେ ମଧ୍ୟ ଉପଯୁକ୍ତ ସଚେତନତା ଏବଂ ଜିଲ୍ଲା ପ୍ରଶାସନର ଆନ୍ତରିକତା ବୃଦ୍ଧି ପାଇଲେ ଅଧିକ ମତ୍ସ୍ୟ ଚାଷୀ ଏହାର ଲାଭ ଉଠାଇପରିବେ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

# ଇସ୍ତଫା ଦେବେ ନୀତିଶ କୁମାର

ପାଟନା, ୧୬।୧୧: ବିହାରରେ ନୂତନ ସରକାର ଗଠନର ଆନୁଷ୍ଠାନିକ ପ୍ରକ୍ରିୟା ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଆରମ୍ଭ ହେବ। ଜେଡିୟୁର ଜଣେ ବରିଷ୍ଠ ଅଧିକାରୀ ନିଶ୍ଚିତ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନୀତିଶ କୁମାର ସୋମବାର ତାଙ୍କ ପଦରୁ ଇସ୍ତଫା ଦେବେ। ଏହା ପରେ ନୂତନ ଏନଡିଏ ସରକାର ଗଠନ ପାଇଁ ପଥ ପରିଷ୍କାର ହେବ। ନୀତିଶ କୁମାର ସୋମବାର ସକାଳେ ତାଙ୍କ ସରକାରଙ୍କ ଶେଷ କ୍ୟାବିନେଟ୍ ବୈଠକରେ ଅଧ୍ୟକ୍ଷତା କରିବେ। ଏହା ପରେ ସେ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନଙ୍କୁ ଭେଟି ଇସ୍ତଫାପତ୍ର ପ୍ରଦାନ କରିବା ପାଇଁ ରାଜଭବନ ଯିବେ। ତା'ପରେ ସେ ଏକ ଦଳୀୟ ବୈଠକରେ ଯୋଗଦେଇ ଜେଡିୟୁର ୮୫ ଜଣ ନବନିର୍ବାଚିତ ବିଧାୟକ ସହିତ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନେବେ। ଜେଡିୟୁ ବୈଠକ ପରେ, ଏକ ପୃଥକ ଏନଡିଏ ବୈଠକ ଅନୁଷ୍ଠିତ ହେବ। ତେବେ ଏନଡିଏ ବୈଠକର ସମୟ ଏବଂ ସ୍ଥାନ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ନୀତିଶଙ୍କୁ ନେତା ଭାବରେ ନିର୍ବାଚିତ କରାଯିବ ୮୯ ଜଣ ବିଧାୟକଙ୍କ ସହିତ ଏନଡିଏର ସବୁଠାରୁ ବଡ଼ ଦଳ ବିଜେପି ରବିବାର କିମ୍ବା ସୋମବାର ଦିନ ସରକାର ଗଠନ ସମ୍ପର୍କରେ ଏକ ଆନୁଷ୍ଠାନିକ ବିବୃତି ଜାରି କରିବ ବୋଲି ଆଶା କରାଯାଉଛି। ସୂତ୍ର ଅନୁସାରେ ବିଜେପି ଘୋଷଣା ପରେ, ଏନଡିଏ ବିଧାୟକମାନେ ନୀତିଶ କୁମାରଙ୍କୁ ସେମାନଙ୍କର ନେତା ଭାବରେ ନିର୍ବାଚିତ କରିବେ। ଯାହା ଫଳରେ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ପୁନଃନିର୍ବାଚନ ପ୍ରାୟତଃ ନିଶ୍ଚିତ ହେବ। ଏନଡିଏର ଜଣେ ବରିଷ୍ଠ ନେତାଙ୍କ ଅନୁଯାୟୀ,ନୂତନ ସରକାରଙ୍କ ଶପଥ ଗ୍ରହଣ ସମାରୋହ ବୁଧବାର କିମ୍ବା ଗୁରୁବାର ଦିନ ହେବାର ସମ୍ଭାବନା ରହିଛି।

# 'ଇସ୍ରୋ' କରୁଛି ବଡ଼ ପ୍ରସ୍ତୁତି, ଏବେ ଚନ୍ଦ୍ରଯାନ-୪ କରିବ କମାଲ



ନୂଆଦିଲ୍ଲୀ, ୧୬।୧୧: ଆଗାମୀ ଦିନରେ ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ) ର ରହିଛି ଅନେକ ଯୋଜନା। ଏନେଇ ଅଧ୍ୟକ୍ଷ ଭି.ନାରାୟଣନ କହିଛନ୍ତି, ଇସ୍ରୋ ଚଳିତ ଆର୍ଥିକ ବର୍ଷରେ ଆହୁରି ୭ଟି ନୂଆ ଉତ୍କ୍ଷେପଣ ଯୋଜନା ତିଆରି କରିଛି। ଭାରତର ପ୍ରଥମ ମାନବ ମହାକାଶ ଯାନ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ, ୨୦୨୭ ରେ ପଠାଯିବ। ନାରାୟଣନ କହିଛନ୍ତି, ଇସ୍ରୋ ବିଜ୍ଞାନ, ପ୍ରଯୁକ୍ତି ଏବଂ ଉଦ୍ୟୋଗ କ୍ଷମତାକୁ ଦ୍ରୁତ ଗତିରେ ବିସ୍ତାର କରିବା ଦିଗରେ ପ୍ରସ୍ତୁତି କରୁଛି। ଚଳିତ ବର୍ଷ ଶେଷ ହେବା ପୂର୍ବରୁ ୭ଟି ଆହୁରି ଉତ୍କ୍ଷେପଣ ଲକ୍ଷ୍ୟ ରଖିଛି। ଏଥିରେ ବାଣିଜ୍ୟ ସଞ୍ଚାର ଉପଗ୍ରହ, ବହୁ ପିଏସ୍ଏଲଭି ଓ ଜିଏସ୍ଏଲଭି ମିଶନ୍ ରହିଛି। ସେ କହିଛନ୍ତି, ଏହି ସମୟରେ ସମ୍ପୂର୍ଣ୍ଣ ଭାବରେ ଭାରତୀୟ ଉଦ୍ୟୋଗ ପକ୍ଷରୁ ନିର୍ମିତ ପିଏସ୍ଏଲଭିର ଲଞ୍ଚ ମାଇଲଷ୍ଟୋନ୍ ପ୍ରମାଣିତ ହୋଇପାରେ। ଇସ୍ରୋ ମୁଖ୍ୟ କହିଛନ୍ତି, ସରକାର ଚନ୍ଦ୍ରଯାନ-୪ ମିଶନକୁ ମଞ୍ଜୁରୀ ଦେଇଛନ୍ତି, ଯାହାକି ଚନ୍ଦ୍ର ନମୁନା-ପ୍ରତ୍ୟାବର୍ତ୍ତନ ମିଶନ୍ ରୂପରେ ଡିଜାଇନ୍ କରାଯାଇଛି। ଏହା ଭାରତର ଏପର୍ଯ୍ୟନ୍ତର ସବୁଠାରୁ ଜଟିଳ ଚନ୍ଦ୍ର ଅଭିଯାନ ହେବ। ସେ କହିଛନ୍ତି, ଆମେ ଚନ୍ଦ୍ରଯାନ-୪ ପାଇଁ ୨୦୨୮ର ଲକ୍ଷ୍ୟ ରଖିଛୁ।' ଅନ୍ୟ ଏକ ମିଶନ୍ ଲୁପେକ୍ସ ରହିଛି, ଯାହାକି ଜାକ୍ସା(ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେସନ୍ ଏଜେନ୍ସି) ସହ କରାଯାଉଥିବା ମିଳିତ ଚନ୍ଦ୍ର ମେରୁ ଅନ୍ୱେଷଣ କାର୍ଯ୍ୟକ୍ରମ। ନାରାୟଣନ କହିଛନ୍ତି, ଏହି ଇସ୍ରୋ ମିଶନ୍ କାରଣରୁ ବଢୁଥିବା ଚାହିଦା ସହ ତାଳମେଳ ବଜାୟ ରଖିବା ପାଇଁ ଆଗାମୀ ତିନି ବର୍ଷରେ ନିଜର ବାର୍ଷିକ ମହାକାଶ ଯାନ ଉତ୍ପାଦନକୁ ତିନିଗୁଣା କରିବା ଉପରେ ମଧ୍ୟ କାମ କରୁଛି। ଚନ୍ଦ୍ରଯାନ-୪ ଚନ୍ଦ୍ରରୁ ସାମ୍ପଲ ଆଣିବାର ଚେଷ୍ଟା କରିବ। ଏହା ଏକ ଏଭଳୀ କ୍ଷମତା ଯାହାର ପ୍ରଦର୍ଶନ ଏପର୍ଯ୍ୟନ୍ତ କେବଳ ଆମେରିକା, ରୁଷ ଓ ଚୀନ କରିଛି। ଲୁପେକ୍ସର ଉଦ୍ଦେଶ୍ୟ ଚନ୍ଦ୍ରର ଦକ୍ଷିଣ ମେରୁରେ ବରଫ ଉପରେ ଅଧ୍ୟୟନ କରିବା। ଇସ୍ରୋ ଏହା ଉପରେ କାମ ଆରମ୍ଭ କରିସାରିଛି,ଯାହାକୁ ୨୦୨୫ ପର୍ଯ୍ୟନ୍ତ ପୂରଣ କରିବାର ଲକ୍ଷ୍ୟ ରହିଛି। ସେ କହିଛନ୍ତି, ୫ଟି ମଡ୍ୟୁଲରୁ ଜଣାପଡୁଛି ଯେ, ୨୦୨୮ ପର୍ଯ୍ୟନ୍ତ କକ୍ଷରେ ସ୍ଥାପିତ କରି ଦିଆଯିବ।' ଏହି ଚେଷ୍ଟା ଦ୍ୱାରା ଭାରତୀୟ ମହାକାଶ ଷ୍ଟେସନ୍ ସଞ୍ଚାଳନ କରୁଥିବା ତୃତୀୟ ପ୍ରମୁଖ ଦେଶ ପାଲଟି ଯିବ। ଆମେରିକାର ନେତୃତ୍ୱାଧୀନ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ୍ (ଆଇଏସଏସ୍) ନିଜର ଅନ୍ତିମ ପର୍ଯ୍ୟାୟରେ ରହିଛି ଓ ଚୀନ୍‌ର ତିୟାଗୋଙ୍ଗରେ ସଞ୍ଚାଳନ ସମ୍ପୂର୍ଣ୍ଣ ଭାବରେ ଆରମ୍ଭ ହୋଇଯାଇଛି। ଭାରତର ପ୍ରଥମ ମାନବ-ବିହୀନ ମିଶନ୍ ଯୋଜନା ପୂର୍ବରୁ ୨୦୨୭ ପାଇଁ ତିଆରି କରାଯାଇଥିଲା। ଏହି ସ୍ଥିତିରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଭାରତୀୟ ଅନ୍ତର୍ଜାତୀୟ ଯାତ୍ରୀଙ୍କ ସହ ପ୍ରଥମ ଉଡାଣ ପୂର୍ବରୁ ତିନି ମାନବ ବିହୀନ ପରୀକ୍ଷଣ ମିଶନ୍ ହେବ। ଇସ୍ରୋ ମୁଖ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋକୁ ଭାରତୀୟ ମହାକାଶ ଯାତ୍ରୀଙ୍କୁ ଚନ୍ଦ୍ର ପୃଷ୍ଠରେ ପଠାଇବା ଓ ୨୦୪୦ ପର୍ଯ୍ୟନ୍ତ ତାଙ୍କୁ ସୁରକ୍ଷିତ ଫେରାଇ ନେବା ଦିଗରେ କାମ କରିବାର ନିର୍ଦ୍ଦେଶ ଦେଇଛି। ଭାରତର ଦୀର୍ଘକାଳୀନ ମାନବ-ମହାକାଶ ଉଡାଣ ଯୋଜନା ଏହାକୁ ଦୁନିଆର ଅଗ୍ରଣୀ ମହାକାଶ ଶକ୍ତିକୁ ଶ୍ରେଣୀରେ ରଖିଛି।

# ଦିଲ୍ଲୀ ବିସ୍ଫୋରଣ ପରେ ବଡ଼ ଦାବି କଲେ ବଲୁଚ କର୍ମୀ

ଇସଲାମାବାଦ,୧୬।୧୧: ଶନିବାର ବାଲୁଚ ମାନବାଧିକାର କର୍ମୀ ମୀର ୟାର ବାଲୁଚ ଦାବି କରିଛନ୍ତି ଯେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ହୋଇଥିବା ସମ୍ପ୍ରତିକ କାର୍ ବୋମା ଆକ୍ରମଣ ଏବଂ ଶ୍ରୀନଗରରେ ଦୁର୍ଘଟଣାଜନିତ ବିସ୍ଫୋରଣ ପାକିସ୍ତାନ ଦ୍ୱାରା 'ଯୁଦ୍ଧ ଘୋଷଣା' ସହିତ ସମାନ। ସେ କହିଛନ୍ତି ଯେ ବିଶ୍ୱ ଗତ ୭୮ ବର୍ଷ ଧରି ପାକିସ୍ତାନ ସହିତ ସମ୍ପର୍କ ରକ୍ଷା କରି 'ଆତଙ୍କବାଦ, ରକ୍ତପାତ, ଅସ୍ଥିରତା, ପରମାଣୁ ଅସ୍ତ୍ର, ବ୍ଲାକମେଲିଂ ରଣନୀତି' ଏବଂ ଦେଶର ଅବନତିଶୀଳ ଅର୍ଥନୀତିକୁ ସମର୍ଥନ କରିବାର ବୋଝ ବ୍ୟତୀତ କିଛି ପାଇନାହିଁ। ମୀର ଏକ ଢ-ପୋଷ୍ଟରେ ଲେଖିଛନ୍ତି, 'ପାକିସ୍ତାନ ଏକ ଏପରି ଦେଶ ଯାହାର ଇତିହାସ ଗଢ଼ାଯାଇଛି, ଯାହାର ଅର୍ଥନୀତି ବେଲୁଚିସ୍ତାନର ବିପୁଳ ସମ୍ବଳର ଶୋଷଣ ଦ୍ୱାରା ପରିଚାଳିତ, ଏବଂ ଯାହାର ସେନା ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ପ୍ରୋତ୍ସାହିତ ଏବଂ ତାଲିମ ଦେଇଛି, ଯାହା ସଂଘର୍ଷର ଏକ ଅନନ୍ତ ଚକ୍ରକୁ ଜାରି ରଖିଛି। ଏହା ଦେଖାଯାଉଛି ଯେ ପାକିସ୍ତାନ ପୁଣି ଥରେ ଭାରତରେ ୧୯୯୦ ଦଶକ ପରି ପରିସ୍ଥିତି ସୃଷ୍ଟି କରିବାକୁ ପ୍ରସ୍ତୁତ। ସେ ଆହୁରି କହିଛନ୍ତି, 'ବାଲୁଚିସ୍ତାନର ପ୍ରତିରକ୍ଷା ବିଶ୍ଳେଷକମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ପାକିସ୍ତାନର ଆତଙ୍କବାଦ ପରିତ୍ୟାଗ କରିବାର କୌଣସି ଉଦ୍ଦେଶ୍ୟ ନାହିଁ, ତେଣୁ ଇସ୍ରାଏଲ ଯେପରି କରିଛି, ଦିଲ୍ଲୀ ମଧ୍ୟ ବଡ଼ ପରିମାଣରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ବିଷୟରେ ବିଚାର କରିବା ଉଚିତ। ଇସ୍ରାଏଲ ଏକକାଳୀନ ଅନେକ ଶକ୍ତିଶାଳୀ ଦେଶ ଉପରେ ଆକ୍ରମଣ ଜାରି ରଖିଛି; ଯେତେବେଳେ ପାକିସ୍ତାନ ଭାରତ ସହିତ ଏକ ମାସ ପର୍ଯ୍ୟନ୍ତ ନିରନ୍ତର ସଂଘର୍ଷ ସହ୍ୟ କରିପାରିବ ନାହିଁ। ତେଣୁ, ପାକିସ୍ତାନର ଆତଙ୍କବାଦୀ ଆକ୍ରମଣ ଦ୍ୱାରା ସୃଷ୍ଟି ହୋଇଥିବା ସଂଘର୍ଷକୁ ନିର୍ଣ୍ଣାୟକ ଭାବରେ ଶେଷ କରିବା ଭାରତ ପାଇଁ ଅତ୍ୟନ୍ତ ଜରୁରୀ।' ସେ ଜୋର ଦେଇଥିଲେ ଯେ ଭାରତ ଜରୁରୀକାଳୀନ ଭିତ୍ତିରେ ବେଲୁଚିସ୍ତାନ ଏବଂ ଆଫଗାନିସ୍ତାନ ଉଭୟକୁ ଖୋଲାଖୋଲି ଭାବରେ ପ୍ରତିରକ୍ଷା ଏବଂ ସାମରିକ ସହାୟତା ପ୍ରଦାନ କରିବା ଉଚିତ। ଭାରତ ଆଫଗାନ ମାଟିରୁ ଅପରେଶନ ଆରମ୍ଭ କରିବା ବ୍ୟତୀତ ଅତି କମରେ ଦଶଟି ଅତିରିକ୍ତ ବାୟୁସେନା ଘାଟି ଖୋଜିବା ଉଚିତ।'

# ରୁଷ୍‌ର ପ୍ରଚଣ୍ଡ ଆକ୍ରମଣ; ୯ ମୃତ, ୫୩ ଆହତ

ନୂଆଦିଲ୍ଲୀ,୧୬/୧୧; ବନ୍ଧୁକର ଗର୍ଜନ ଥମୁନାହିଁ। ରକ୍ତପାତ ରୋକୁନାହିଁ। ଯୁଦ୍ଧ ଥମିବାର କୌଣସି ବାଟ ଫିଟୁନାହିଁ। ଶାନ୍ତି ଫେରିବା ଆଶା ଆଶଙ୍କାରେ ରହିଛି। ପୁଣି ୟୁକ୍ରେନ୍ ଉପରେ ପ୍ରଚଣ ଆକ୍ରମଣ କରିଛି ରୁଷ୍। ଶୁକ୍ରବାର ରାତିରୁ ଶନିବାର ଯାଏ ରୁଷ୍‌ର ହାମ୍‌ଲାରେ ଥରି ଉଠିଛି ୟୁକ୍ରେନ୍। ବାଲାଷ୍ଟିକ୍ ମିସାଇଲ ମାଡ କରିଛି ମସ୍କୋ। ଯେଉଁଥିରେ ୯ ଜଣଙ୍କର ମୃତ୍ୟୁ ହୋଇଥିବା ୟୁକ୍ରେନ୍ କର୍ତ୍ତୃପକ୍ଷ ଦାବି କରିଛନ୍ତି। ୫୩ରୁ ଅଧିକ ଆହତ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ୟୁକ୍ରେନ୍ ଆଞ୍ଚଳିକ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ୟୁକ୍ରେନ୍‌ରେ ଗତ ୨୪ ଘଣ୍ଟାରେ ରୁଷ ଆକ୍ରମଣରେ ପ୍ରାୟ ୯ ଜଣଙ୍କର ମୃତ୍ୟୁ ହୋଇଛି। ୫୩ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ରାତିରୁ ଶନିବାର ଯାଏ ୟୁକ୍ରେନ ଉପରେ ୩ଟି କେଏଚ୍-୪୭ଏମ୍୨ କିନଜହାର ବାଲାଷ୍ଟିକ୍ ମିସାଇଲ ଲଞ୍ଚ କରି ପ୍ରଚଣ୍ଡ ଆକ୍ରମଣ କରିଛି ରୁଷ୍। ୧୩୫ଟି ଡ୍ରୋନ୍ ଷ୍ଟ୍ରାଇକ୍ କରିଛି। କ୍ରିମିୟାରେ ଅବସ୍ଥିତ ଓରେଲ୍, ପ୍ରିମୋର୍ସ୍କୋ-ଆଖାର୍ସ୍କ, କୁର୍ସ୍କ, ମିଲେରୋଭାରୁ ଆକ୍ରମଣ କରିଛି। ଅଲଗା ଅଲଗା ୧୩ଟି ଅଞ୍ଚଳକୁ ଡ୍ରେନ୍ ଓ ମିସାଇସ ନୀକ୍ଷେପଣ କରିଛି। ୪ଟି ଅଞ୍ଚଳରେ ଡ୍ରୋନ୍ ଭଗ୍ନାବଶେଷ ମିଳିଛି। ଖେରସନର ଦକ୍ଷିଣ ଅଞ୍ଚଳର ୩୪ଟି ସମ୍ପ୍ରଦାୟ ଆକ୍ରମଣର ଶିକାର ହୋଇଛନ୍ତି। ଗତ ଅକ୍ଟୋବର ୩୧ ତାରିଖରେ ୟୁକ୍ରେନ୍ ପାୱାର ଗ୍ରୀଡ୍ ଉପରେ ରୁଷ୍ ବଡ଼ ଆକ୍ରମଣ କରିଥିଲା। ଯେଉଁଥିରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦେଶରେ ବିଜୁଳି ସେବା ପ୍ରଭାବିତ ହୋଇଥିଲା।

# ପୁଟିନ୍‌ଙ୍କ ଭାରତ ଗସ୍ତ ତାରିଖ ଚୂଡ଼ାନ୍ତ; ପ୍ରତିରକ୍ଷା-ତେଲ ଉପରେ ହେବ ଚର୍ଚ୍ଚା



ନୂଆଦିଲ୍ଲୀ,୧୬।୧୧; ସୋମବାର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ମସ୍କୋ ଗସ୍ତ କରିବେ। ଅଧିକାରୀକ ଭାବରେ ସଂଘାଇ ସହଯୋଗ ସଂଗଠନ ବୈଠକରେ ସାମିଲ ହେବେ। ବୈଦେଶିକ ମନ୍ତ୍ରୀଙ୍କ ଏହି ଗସ୍ତ ସହ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ଭାରତ ଯାତ୍ରାକୁ ଯୋଡ଼ା ଯାଉଛି। ଡିସେମ୍ବର ୫ରେ ଭାରତ ଗସ୍ତରେ ଆସୁଛନ୍ତି ପୁଟିନ୍। ଏହି ଗସ୍ତରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ୨୩ ତମ ଭାରତ-ରୁଷ୍ ବାର୍ଷିକ ଶିଖର ବୈଠକରେ ସଂଯୁକ୍ତ ଅଧ୍ୟକ୍ଷତା କରିବେ। ୨୦୨୧ ଡିସେମ୍ବର ପରେ ପ୍ରଥମ ଥର ପୁଟିନ୍‌ଙ୍କ ଭାରତ ଗସ୍ତ ହେବ। ରୁଷ-ୟୁକ୍ରେନ ବିବାଦ ପରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ରୁଷ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ଉପରେ ବିଶ୍ୱର ନଜର ରହିଛି। ପୁଟିନ୍ ଏବଂ ମୋଦିଙ୍କ ମଧ୍ୟରେ ହେବାକୁ ଥିବା ସାକ୍ଷାତକାରରେ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ସମୀକ୍ଷା କରାଯିବ। ଦ୍ୱିପାକ୍ଷିକ ବାଣିଜ୍ୟ ବିସ୍ତାର ଉପରେ ବିଶେଷ ଆଲୋଚନା କରାଯିବ। ମସ୍କୋରେ ଗସ୍ତରେ ଜୟଶଙ୍କର ଡ୍ରାଫ୍ଟ କାର୍ଯ୍ୟସୂଚୀ ଉପରେ ଆଲୋଚନା କରିବେ। ଜୟଶଙ୍କରଙ୍କ ଗସ୍ତ ପୁଟିନଙ୍କ ଭାରତ ଆଗମନ ପାଇଁ ପ୍ରସ୍ତୁତି ଉପରେ ଧ୍ୟାନ ଦିଆଯିବ। ଭାରତ-ରୁଷ ଶିଖର ସମ୍ମିଳନୀରେ ଶକ୍ତି, ପ୍ରତିରକ୍ଷା ଏବଂ ବାଣିଜ୍ୟ ଭଳି କ୍ଷେତ୍ରରେ ଅନେକ ଚୁକ୍ତିନାମା ହେବାର ଆଶା କରାଯାଉଛି। ପୁଟିନଙ୍କ ଭାରତ ଗସ୍ତ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି ବୋଲି ରୁଷ ମଧ୍ୟ ସୂଚାଇ ଦେଇଛି। ମୋଦି-ପୁଟିନ୍‌ଙ୍କ ବୈଠକରେ ଏକେୟୁ -୫୭ ଲଢୁଆ ବିମାନ ଯୋଗାଣ ଏବଂ ଏସ-୪୦୦ କ୍ଷେପଣାସ୍ତ୍ର ପ୍ରଣାଳୀର ୫ଟି ଅତିରିକ୍ତ ୟୁନିଟ୍ କ୍ରୟ ବିଷୟରେ ଆଲୋଚନା ହେବାର ଆଶା କରାଯାଉଛି। ଭାରତ ରୁଷ ତୈଳର ଦ୍ୱିତୀୟ ସର୍ବବୃହତ୍ କ୍ରେତା- ସୂତ୍ର ଅନୁସାରେ ଭାରତ ଏବଂ ରୁଷ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ରୁତ ଗତିରେ ବିସ୍ତାର କରିବାକୁ ଚେଷ୍ଟା କରିବେ। ଭାରତ ଏବଂ ରୁଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଗତ କିଛି ବର୍ଷ ମଧ୍ୟରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି, କିନ୍ତୁ ଏହା ମୁଖ୍ୟତଃ ତୈଳ-କେନ୍ଦ୍ରିକ ରହିଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ଦ୍ୱିପାକ୍ଷିକ ବାଣିଜ୍ୟ ୬୮.୭ ବିଲିୟନ ଡଲାରରେ ପହଞ୍ଚିଥିଲା।

# ଟଙ୍କା ବାଣ୍ଟି ଭୋଟ୍ ପାଇବା ନିର୍ବାଚନ ନୁହେଁ: ଶରଦ ପୱାର-ଫଡ଼ନଭିସ ମୁହାଁମୁହିଁ



ମୁମ୍ବାଇ, ୧୬/୧୧: ଏନସିପି ଅଧ୍ୟକ୍ଷ ଶରଦ ପାୱାର ବିହାର ବିଧାନସଭା ନିର୍ବାଚନରେ ଏନଡିଏର ଐତିହାସିକ ବିଜୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ମୁଁ ଅନେକ ଲୋକଙ୍କଠାରୁ ରିପୋର୍ଟ ପାଇଛି ଯେ, ବିହାରରେ ବିଜେପି ଏବଂ ନୀତିଶ କୁମାରଙ୍କ ସରକାର ନିର୍ବାଚନ ପୂର୍ବରୁ ମହିଳାମାନଙ୍କୁ ୧୦,୦୦୦ଟଙ୍କା ଦେଇଥିଲେ। ଫଳରେ ସେମାନେ ଏକ ବଡ଼ ବିଜୟ ହାସଲ କରିଛନ୍ତି। ସେହିପରି, ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଲାଡଲି ବେହନା ଯୋଜନାରେ ଟଙ୍କା ବଣ୍ଟନ କରାଯାଇଥିଲା। ନିର୍ବାଚନ ପୂର୍ବରୁ ଏପରି ନଗଦ ଲାଭ ଯୋଜନା କାର୍ଯ୍ୟକାରୀ କରିବା ଉପଯୁକ୍ତ କି ନାହିଁ ତାହା କେନ୍ଦ୍ରୀୟ ନିର୍ବାଚନ କମିସନ ବିଚାର କରିବା ଉଚିତ୍। ଭୋଟ ସୁରକ୍ଷିତ କରିବା ପାଇଁ ଏହି ଉପାୟରେ ଟଙ୍କା ବଣ୍ଟନ କରିବା ନିର୍ବାଚନ ପ୍ରଚାରର ଏକ ନ୍ୟାୟସଙ୍ଗତ ପଦ୍ଧତି ନୁହେଁ। ଟଙ୍କା ବାଣ୍ଟି ଭୋଟ୍ ପାଇବା ନିର୍ବାଚନ ନୁହେଁ। ନଗଦ ଲାଭ ଯୋଜନା ଆପଣେଉଛି ବିଜେପି ଶରଦ ପାୱାର ଚିନ୍ତା ପ୍ରକାଶ କରିଛନ୍ତି, ଭବିଷ୍ୟତରେ ଅନ୍ୟ ରାଜ୍ୟରେ ନିର୍ବାଚନ ଜିତିବା ପାଇଁ ବିଜେପି ସମାନ ନଗଦ ଲାଭ ଯୋଜନା ବ୍ୟବହାର କରିପାରେ। ସେ କହିଛନ୍ତି, ମହାରାଷ୍ଟ୍ର ସରକାର ମଧ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ଲାଡଲି ବେହନା ଯୋଜନାରେ ମହିଳାମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରତି ମାସରେ ୧,୫୦୦ ଟଙ୍କା ଜମା କରିବା ପାଇଁ ଏକ ଯୋଜନା ଆରମ୍ଭ କରିଥିଲେ। ଯଦି ଶାସକ ଦଳଗୁଡ଼ିକ ନିର୍ବାଚନରେ ସମାନ ରଣନୀତି ଅବଲମ୍ବନ କରନ୍ତି, ତେବେ ଏହା ନିର୍ବାଚନ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ନକାରାତ୍ମକ ଭାବେ ପ୍ରଭାବିତ କରିବ। ଯୋ ଜିତା ୱହି ସିକନ୍ଦର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ ଏହାର ଜବାବରେ କହିଛନ୍ତି, ବିହାରରେ ପରାଜୟର ବାହାନା କରିବା ପରିବର୍ତ୍ତେ, ବିରୋଧୀ ଦଳ ଆତ୍ମସମୀକ୍ଷା କରିବା ଉଚିତ। 'ଯୋ ଜିତା ୱହି ସିକନ୍ଦର।' ବିରୋଧୀ ଦଳ ପରାଜୟକୁ ଗ୍ରହଣ କରିବା ଶିଖିବା ଉଚିତ୍। ବିହାରର ଏନଡିଏ ସରକାର ମହିଳାମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ଏକ ସ୍ୱତନ୍ତ୍ର ଯୋଜନା ଅନ୍ତର୍ଗତ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିରେ କିଛି ଭୁଲ୍ ନାହିଁ। ଯେତେବେଳେ ମହାରାଷ୍ଟ୍ର ବିରୋଧୀ ସରକାର କ୍ଷମତାରେ ଥିଲେ, ସେମାନେ ଏପରି ଯୋଜନା ପ୍ରଚଳନ କରି ନଥିଲେ। ଆମେ ଲାଡଲି ବେହନା ଯୋଜନା ପ୍ରଚଳନ କରିଥିଲୁ। ମହିଳାମାନେ ଏହାକୁ ପସନ୍ଦ କରିଥିଲେ ଏବଂ ଆମକୁ ଭୋଟ୍ ଦେଇଥିଲେ।

# ଚୀନ୍‌ରେ ହଜାରେ ଟନ୍‌ରୁ ଅଧିକ ସୁନା ଭଣ୍ଡାର ଆବିଷ୍କୃତ

ବେଜିଂ,୧୬।୧୧: ଚୀନ୍ ବୈଜ୍ଞାନିକମାନେ ଏକ ବିଶାଳ ସୁନା ଭଣ୍ଡାର ଆବିଷ୍କାର କରିଛନ୍ତି। ସର୍ଭେରେ ସାମିଲ ଥିବା ଭୂତତ୍ତ୍ୱବିତ୍‌ମାନଙ୍କ ଅନୁସାରେ, ଜିନଜିଆଙ୍ଗ ଉଇଗୁର ସ୍ୱୟଂଶାସିତ ଅଞ୍ଚଳର ପଶ୍ଚିମ ସୀମା ନିକଟବର୍ତ୍ତୀ ପାହାଡ଼ରେ ଏହି ବିଶାଳ ସୁନା ଭଣ୍ଡାର ମିଳିଛି। ପ୍ରାରମ୍ଭିକ ଆକଳନ ଅନୁଯାୟୀ, ଏହି ବିଶାଳ ସୁନା ଭଣ୍ଡାରର ପରିମାଣ ୧,୦୦୦ ଟନ୍ ରୁ ଅଧିକ ହୋଇପାରେ। ଆବିଷ୍କାରରେ ସାମିଲ ଥିବା ଭୂତାତ୍ତ୍ୱିକ ଦଳର ବରିଷ୍ଠ ଇଞ୍ଜିନିୟର ହେ ଫୁବାଓ ଏବଂ ତାଙ୍କ ସହଯୋଗୀମାନେ ନଭେମ୍ବର ୪ ତାରିଖରେ ବିଜ୍ଞାନ ପତ୍ରିକା ଆକ୍ଟା ଜିଓସାଇଣ୍ଟିକା ସିନିକାରେ ପ୍ରକାଶିତ ଏକ ଗବେଷଣା ପତ୍ରିକାରେ ଲେଖିଛନ୍ତି ଯେ, ଜିନଜିଆଙ୍ଗର ପଶ୍ଚିମ କୁନକୁଲରେ ୧,୦୦୦ ଟନ୍‌ର ଏକ ସୁନା କ୍ଷେତ୍ରର ରୂପରେଖା ଏବେ ଆକାର ନେଉଛି। ଗୋଟିଏ ବର୍ଷ ମଧ୍ୟରେ ତୃତୀୟ ସୁନା ଭଣ୍ଡାର ଏହା ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଚୀନ୍ ଦ୍ୱାରା ଆବିଷ୍କୃତ ତୃତୀୟ ପ୍ରମୁଖ ସୁନା ଭଣ୍ଡାର। ଯାହାର ସମ୍ଭାବନା ହଜାରେ ଟନ୍‌ରୁ ଅଧିକ। ପୂର୍ବରୁ, ଦେଶର ଉତ୍ତର-ପୂର୍ବରେ ଥିବା ଲିଆଓନିଂ ପ୍ରଦେଶ ଏବଂ କେନ୍ଦ୍ରୀୟ ଚୀନର ହୁନାନ୍ ପ୍ରଦେଶରେ ବଡ଼ ଗଚ୍ଛିତ ସୁନା ଗଚ୍ଛିତ ଆବିଷ୍କୃତ ହୋଇଥିଲା। ପୂର୍ବରୁ, ବିଶ୍ୱର ସର୍ବବୃହତ ଜଣାଶୁଣା ସୁନା ଗଚ୍ଛିତରେ ସାଧାରଣତଃ କେବଳ କିଛି ଶହ ଟନ୍ ସୁନା ଗଚ୍ଛିତ ରହିଥିବା ଆକଳନ କରାଯାଇଥିଲା। ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଅନୁଯାୟୀ, ଶିଳ୍ପ ଆକଳନ ଅନୁଯାୟୀ ବର୍ତ୍ତମାନ ଚୀନର ସୁନା ଭଣ୍ଡାର ପ୍ରାୟ ୩,୦୦୦ ଟନ୍ ଅଛି, ଯାହା ରୁଷ ଏବଂ ଅଷ୍ଟ୍ରେଲିଆରେ ଖଣିରୁ ମୁକ୍ତ ଥିବା ସୁନାର ମାତ୍ର ଏକ ଚତୁର୍ଥାଂଶ। ଏହି ଆବିଷ୍କାରଗୁଡ଼ିକର ଦ୍ରୁତ ଗତି ସୂଚାଇ ଦିଏ ଯେ ଚୀନର ସୁନା ଭଣ୍ଡାର ପୂର୍ବ ଆକଳନ ଅପେକ୍ଷା ବହୁତ ଅଧିକ ହୋଇପାରେ। ଚୀନ୍‌ରେ ବଡ଼ ସୁନା ଭଣ୍ଡାର ଆବିଷ୍କାର ପଛରେ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏକ ପ୍ରମୁଖ କାରଣ। ଚୀନ୍‌ର ଭୂତତ୍ତ୍ୱବିତ୍‌ମାନେ କୃତ୍ରିମ ବୁଦ୍ଧିମତ୍ତା , ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଭୂମି-ଭିତ୍ତିକ ରାଡାର ସିଷ୍ଟମ ଏବଂ ଅତ୍ୟନ୍ତ ସମ୍ବେଦନଶୀଳ ଖଣିଜ ଅନୁସନ୍ଧାନ ଉପଗ୍ରହ ସମେତ ଅତ୍ୟାଧୁନିକ ଉପକରଣଗୁଡ଼ିକର ଏକ ସୁଟ୍ ବିକଶିତ କରିଛନ୍ତି।

# ବିହାର ନିର୍ବାଚନରେ ଅପବ୍ୟବହାର ଅଭିଯୋଗ ଆଣିଲେ ପିକେ

ପାଟନା, ୧୬/୧୧: ପୂର୍ବତନ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର(ପିକେ)ଙ୍କ ଜନ ସୁରାଜ ପାର୍ଟି ଦାବି କରିଛି, ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ସରକାର ୨୦୨୫ ବିଧାନସଭା ନିର୍ବାଚନ ପାଇଁ ବିଶ୍ୱ ବ୍ୟାଙ୍କର ୧୪,୦୦୦ କୋଟି ଟଙ୍କାର ପାଣ୍ଠିକୁ 'ଅପବ୍ୟବହାର' କରିଛନ୍ତି। ଜନ ସୁରାଜ ପାର୍ଟି ନିଜର ପ୍ରଥମ ନିର୍ବାଚନରେ ଖାତା ଖୋଲିବାରେ ବିଫଳ ହେବାର ଗୋଟିଏ ଦିନ ପରେ ଶନିବାର ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଏହାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟ ସିଂହ କହିଛନ୍ତି, ପାଣ୍ଠି ଦାନ ଏବଂ ଉପହାର ପାଇଁ ବ୍ୟବହାର କରାଯାଇଛି। ସେ କହିଛନ୍ତି, ଜୁନ୍ ଠାରୁ ନିର୍ବାଚନ ଘୋଷଣା ହେବା ପର୍ଯ୍ୟନ୍ତ, ନୀତିଶ କୁମାର ସରକାର ଜନସାଧାରଣଙ୍କ ଟଙ୍କାରେ ଲୋକଙ୍କ ଭୋଟ୍ କିଣିବା ପାଇଁ ୪୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ବିଶ୍ୱ ବ୍ୟାଙ୍କରୁ ରାଜ୍ୟ ପାଇଥିବା ୧୪,୦୦୦ କୋଟି ଟଙ୍କା ମଧ୍ୟ ଦାନ ଏବଂ ଉପହାର ପାଇଁ ବ୍ୟବହାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାରେ ଦୁଇ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ରାଜ୍ୟର ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୦,୦୦୦ ଟଙ୍କା ସ୍ଥାନାନ୍ତର କରାଯାଇଥିବା ସେ କହିଛନ୍ତି। ଆଦର୍ଶ ଆଚରଣ ସଂହିତା ସତ୍ତ୍ୱେ, ଭୋଟଦାନ ହେବାର ଗୋଟିଏ ଦିନ ପୂର୍ବରୁ ଲୋକମାନେ ଟଙ୍କା ପାଉଥିଲେ। ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ହୋଇଥିଲା। ସରକାର ଏଭଳି କରି ମହିଳାମାନଙ୍କୁ ପ୍ରଭାବିତ କରିବାର ଉଦ୍ୟମ କରିଥିଲେ। ଏହା ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରିଥିଲା। ସେ କହିଛନ୍ତି, ବିହାରରେ କ୍ଷମତା ବଜାୟ ରଖିଥିବା ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥାନ୍ତା ଯଦି ସାଧାରଣ ଲୋକଙ୍କ ଟଙ୍କାକୁ ଭୋଟ୍ କିଣିବା ପାଇଁ ଖର୍ଚ୍ଚ କରାଯାଇ ନଥାନ୍ତା। ତାଙ୍କ ଦଳୀୟ ସହଯୋଗୀ ପବନ ବର୍ମା ମଧ୍ୟ ସମାନ ଅଭିଯୋଗ ଆଣି କହିଛନ୍ତି, ଏହି ରାଶିକୁ ୨୧,୦୦୦କୋଟି ଟଙ୍କାର ବିଶ୍ୱ ବ୍ୟାଙ୍କ ପାଣ୍ଠିରୁ ସ୍ଥାନାନ୍ତର କରାଯାଇଛି। ବିହାରରେ ବର୍ତ୍ତମାନ ଋଣ ୪,୦୬,୦୦୦ କୋଟି ଟଙ୍କା ରହିଛି। ପ୍ରତିଦିନର ସୁଧ ୬୩ କୋଟି ଟଙ୍କା। ରାଜକୋଷ ଖାଲି ହୋଇଯାଇଛି। ଆମ ପାଖରେ ସୂଚନା ଅଛି ରାଜ୍ୟର ମହିଳାମାନଙ୍କୁ ଦିଆଯାଇଥିବା ୧୦,୦୦୦ ଟଙ୍କା ୨୧,୦୦୦ କୋଟି ବିଶ୍ୱ ବ୍ୟାଙ୍କ ପାଣ୍ଠିରୁ ସ୍ଥାନାନ୍ତର କରାଯାଇଛି। ଏହା ବିଶ୍ୱ ବ୍ୟାଙ୍କରୁ ଅନ୍ୟ କୌଣସି ପ୍ରକଳ୍ପ ପାଇଁ ଆସିଥିଲା। ନିର୍ବାଚନ ପାଇଁ ଆଚରଣ ସଂହିତା ଲାଗୁ ହେବାର ଗୋଟିଏ ଘଣ୍ଟା ପୂର୍ବରୁ, ୧୪,୦୦୦ କୋଟି ଟଙ୍କା ବାହାର କରି ରାଜ୍ୟର ୧.୨୫ କୋଟି ମହିଳାଙ୍କୁ ବଣ୍ଟନ କରାଯାଇଥିବା ପବନ ବର୍ମା ଅଭିଯୋଗ କରିଛନ୍ତି। ଏହା ଆମର ସୂଚନା। ଯଦି ଏହା ଭୁଲ, ତେବେ ମୁଁ କ୍ଷମା ପ୍ରାର୍ଥନା କରୁଛି। କିନ୍ତୁ ଯଦି ଏହା ସତ୍ୟ, ତେବେ ପ୍ରଶ୍ନ ଉଠୁଛି ଯେ, ଏହା କେତେଦୂର ଠିକ୍। ଏହା ସମ୍ଭବ ଯେ, ଆଇନଗତ ଭାବରେ, ଆପଣ କିଛି କରିପାରିବେ ନାହିଁ।

## ଆରଏସଏସ କାର୍ଯ୍ୟକର୍ତ୍ତାଙ୍କୁ ଗୁଳି କରି ହତ୍ୟା

ଚଣ୍ଡିଗଡ଼, ୧୬।୧୧: ପଞ୍ଜାବର ଫିରୋଜପୁରରେ ଅଜ୍ଞାତ ମୁଖାପିନ୍ଧା ଆକ୍ରମଣକାରୀମାନେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ) କାର୍ଯ୍ୟକର୍ତ୍ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା। ଯେତେବେଳେ ଆରଏସଏସ କର୍ମୀ ନବୀନ ଆରୋରା ତାଙ୍କ ଦୋକାନରୁ ଘରକୁ ଫେରୁଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ତାଙ୍କୁ ବଂଚାଯାଇ ପାରିନଥିଲା। ସୀମାନ୍ତ ପଞ୍ଜାବରେ ଦଶନ୍ଧି ଧରି ଆରଏସଏସ ସହିତ ଜଡ଼ିତ ବଳଦେବ ରାଜ ଆରୋରାଙ୍କ ପୁଅ ନବୀନ ଆରୋରାଙ୍କର ଫିରୋଜପୁରର ମୁଖ୍ୟ ବଜାରରେ ଏକ କିରାଣା ଦୋକାନ ଥିଲା। ସବୁଦିନ ପରି, ଶନିବାର ରାତିରେ ସେ ତାଙ୍କ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ସମୟରେ, ଅଜଣା ଯୁବକମାନେ ତାଙ୍କୁ ଆକ୍ରମଣ କରି ଗୁଳି କରିଥିଲେ। ଗୁଳି ନବୀନଙ୍କ ମୁଣ୍ଡରେ ବାଜିଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକେ ତାଙ୍କୁ ଫିରୋଜପୁରର ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ, କିନ୍ତୁ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା।

# ମମତାଙ୍କ ପାଖରେ ଦାବି: ଆମକୁ ଭୋଟର ତାଲିକାରେ ସାମିଲ କର



କୋଲକାତା, ୧୬।୧୧: ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ସଂଶୋଧନ ଆରମ୍ଭ ହୋଇଛି, ଏବଂ ରାଜ୍ୟର ଯୌନକର୍ମୀମାନେ ଏ ସମ୍ପର୍କରେ ଏକ ଦାବି କରିଛନ୍ତି। ଯୌନକର୍ମୀମାନେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାର ଏବଂ ରାଜ୍ୟ ନିର୍ବାଚନ କମିସନଙ୍କୁ ଭୋଟର ତାଲିକାରେ ସେମାନଙ୍କ ନାମ ଅନ୍ତର୍ଭୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ପଶ୍ଚିମବଙ୍ଗରେ ଯୌନକର୍ମୀଙ୍କ ପାଇଁ କାମ କରୁଥିବା ଏକ ଏନ୍‌ଜିଓ, ଦରବାର ମହିଳା ସମନ୍ୱୟ ସମିତି, ସେମାନଙ୍କ ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ଲିଖିତ ଦାବିପତ୍ର ପଠାଇଛି। ଯେଉଁଥିରେ କୁହାଯାଇଛି ଯେ, ଯୌନକର୍ମୀମାନଙ୍କର ସେମାନଙ୍କ ପରିବାର, ପିତାମାତା କିମ୍ବା ଘର ସହିତ କୌଣସି ସମ୍ପର୍କ ନାହିଁ। କିନ୍ତୁ ଯାଞ୍ଚ ଶିବିର ସ୍ଥାପନ କରି ସେମାନଙ୍କୁ ସାହାଯ୍ୟ କରାଯାଇପାରିବ। ସୋନାଗାଛି ଅଞ୍ଚଳର ଯୌନକର୍ମୀଙ୍କ ଦାବି ସୋନାଗାଛିର ଦରବାର ମହିଳା ସମନ୍ୱୟ ସମିତିର ସମ୍ପାଦକ ବିଶାଖା ଲସ୍କର କହିଛନ୍ତି, କୋଲକାତାର ସୋନାଗାଛି ଅଞ୍ଚଳର ଯୌନକର୍ମୀମାନେ ସରକାରଙ୍କୁ ଭୋଟର ତାଲିକାରେ ସାମିଲ କରିବାକୁ ଅନୁରୋଧ କରିଛନ୍ତି। ସେମାନେ କହିଛନ୍ତି, ଯୌନକର୍ମୀ ଭାବରେ ସେମାନେ ନିଜ ଘର ଏବଂ ପରିବାର ଛାଡି ଆସିଛନ୍ତି। ତେଣୁ, ସେମାନଙ୍କର ଏବେ ପରିବାର ସହିତ ସମ୍ପର୍କ ନାହିଁ। ଏନଜିଓ ଦ୍ୱାରା ରେକର୍ଡ କରାଯାଇଥିବା ଦସ୍ତାବିଜ ଆଧାରରେ ଯୌନକର୍ମୀଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ। କିଛି ଯୌନକର୍ମୀ ୨୦୦୨ରେ ଭୋଟର ପରିଚୟପତ୍ର ପାଇ ଭୋଟ ଦେଉଥିଲେ। କିନ୍ତୁ ସେମାନଙ୍କ ନାମ ୨୦୦୨ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବ ନାହିଁ। ଯୌନକର୍ମୀଙ୍କ ପାଇଁ ଡକ୍ୟୁମେଣ୍ଟ ସମସ୍ୟା ବିଶାଖା ଲସ୍କର କହିଛନ୍ତି, ପଶ୍ଚିମବଙ୍ଗରେ ଏକ ନୂତନ ଏସଆଇଆର କରାଯାଉଥିବାରୁ, ସେମାନେ ସେମାନଙ୍କର ଡକ୍ୟୁମେଣ୍ଟ ଉପସ୍ଥାପନ କରିବାରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏହି ସମସ୍ୟାର ସମାଧାନ କରାଯିବା ଉଚିତ। ଯୌନ କର୍ମୀମାନଙ୍କୁ ସମର୍ଥନ କରୁଥିବା ଏକ ଏନ୍‌ଜିଓର ଯାଞ୍ଚ ପତ୍ରକୁ ଏକ ବୈଧ ଡକ୍ୟୁମେଣ୍ଟ ଭାବରେ ବିବେଚନା କରି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ। ସେମାନଙ୍କୁ ଏସଆଇଆରରେ ଅନ୍ତର୍ଭୁକ୍ତ କରାଯିବା ଉଚିତ ଏବଂ ଭୋଟର ଭାବରେ ପଞ୍ଜିକରଣ କରିବାକୁ ଅନୁମତି ଦିଆଯିବା ଉଚିତ। ଅନେକ ଯୌନକର୍ମୀଙ୍କ ପାଖରେ ଆଧାର କାର୍ଡ, ପ୍ୟାନ କାର୍ଡ, ରାସନ କାର୍ଡ, ପାସପୋର୍ଟ, ବିଦ୍ୟୁତ୍ ବିଲ୍ ଇତ୍ୟାଦି ଡକ୍ୟୁମେଣ୍ଟ ଅଛି। ତେଣୁ, ଏହି ଡକ୍ୟୁମେଣ୍ଟ ଆଧାରରେ ଭୋଟର ତାଲିକାରେ ସେମାନଙ୍କ ନାମ ଯୋଡିବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି। ସୋନାଗାଛିରେ ପ୍ରାୟ ୧୨,୦୦୦ ଯୌନକର୍ମୀ ଲସ୍କର କହିଛନ୍ତି, ସୋନାଗାଛି ବେଶ୍ୟାଳୟରେ ପ୍ରାୟ ୧୨,୦୦୦ ଯୌନକର୍ମୀ ଅଛନ୍ତି। ଆଠ ହଜାର ବେଶ୍ୟାଳୟରେ ରୁହନ୍ତି, ଏବଂ ବାକି ଚାରି ହଜାର ନିୟମିତ ଭାବରେ କାମ ପାଇଁ ବିଦେଶ ଯାଇଆନ୍ତି। ଦେଶର ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଘନ ସଂଶୋଧନ କରାଯାଉଛି। ଆଣ୍ଡାମାନ ଏବଂ ନିକୋବର, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ଲାକ୍ଷାଦ୍ୱୀପ, ମଧ୍ୟପ୍ରଦେଶ, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଭୋଟର ତାଲିକା ଅପଡେଟ୍ କରାଯିବ। ୫.୩୩ ଲକ୍ଷ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ୧୦.୪୧ ଲକ୍ଷ ବୁଥ୍ ସ୍ତରୀୟ ଏଜେଣ୍ଟ ଏଥିରେ ନିୟୋଜିତ ହୋଇଛନ୍ତି।

## ଆଉ ୩ ଝିଅ ପାଟନାରୁ ଫେରିଲେ ଦିଲ୍ଲୀ

ପାଟନା : ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ଯାଦବଙ୍କ ପରିବାରରେ ବିବାଦ ଥମିବାର ନାଁ ହିଁ ନେଉ ନାହିଁ। କୁହାଯାଉଛି ଯେ, ରୋହିଣୀ ଆଚାର୍ଯ୍ୟଙ୍କ ପରେ ଏବେ ଲାଲୁଙ୍କ ଆଉ ତିନି ଝିଅ ମଧ୍ୟ ପାଟନାରୁ ଦିଲ୍ଲୀ ଫେରି ଆସିଛନ୍ତି। ଅନ୍ୟପଟେ, ରୋହିଣୀ ଆଚାର୍ଯ୍ୟ ଲଗାତାର ତେଜସ୍ୱୀ ଯାଦବଙ୍କ ଉପରେ ଆକ୍ରମଣ କରି ଆସୁଛନ୍ତି। ଲଗାତାର ଦ୍ୱିତୀୟ ଦିନ ରୋହିଣୀ ନିଜ ଉପରେ ଆକ୍ରମଣ କରିବା ସହ ଆହୁରି ଅନେକ ଅଭିଯୋଗ କରିଛନ୍ତି। ବିଳମ୍ବିତ ସନ୍ଧ୍ୟାରେ ରୋହିଣୀଙ୍କର ଆଉ ଏକ ଭିଡ଼ିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେ କାନ୍ଦିବା ନଜର ଆସୁଛି। ରୋହିଣୀ ଯାଦବଙ୍କ ପରେ ଲାଲୁ ଯାଦବଙ୍କ ଆଉ ତିନି ଜଣ ଝିଅ ରାଗିଣୀ , ଚନ୍ଦା ଓ ରାଜଲକ୍ଷ୍ମୀ ପାଟଣା ସ୍ଥିତ ଘର ଛାଡ଼ି ପିଲାଙ୍କ ସହ ଦିଲ୍ଲୀ ଚାଲି ଯାଇଛନ୍ତି। ଏହି ତିନି ଜଣ ଏହି ପଦକ୍ଷେପ ଏମିତି ସମୟରେ ଉଠାଇଛନ୍ତି , ଯେବେ ରୋହିଣୀ ରାଜନୀତି ଓ ପରିବାର ଛାଡ଼ିବାକୁ ଘୋଷଣା କରି ସାରିଛନ୍ତି। ସେ ସଞ୍ଜୟ ଯାଦବ ଓ ରମିଜ୍‌ଙ୍କର ନାମ ନେଇ ତାଙ୍କ ଉପରେ ମଧ୍ୟ ଅଭିଯୋଗ କରିଛନ୍ତି। ରୋହିଣୀ ଅଭିଯୋଗ କରିଛନ୍ତି ଯେ, ପରିବାରରେ ତାଙ୍କର ଅପମାନ କରାଯାଇଛି, ତାଙ୍କୁ ଗାଳି ଗୁଲଜ କରାଯାଇଛି ଏବଂ ତାଙ୍କୁ ଧମକା ଯାଇଛି।ତାଙ୍କର କିଡନୀ ଦାନ କରି ତାଙ୍କ ପିତାଙ୍କ ଜୀବନ ବଞ୍ଚାଇ ଥିବା ରୋହିଣୀ ସୋସିଆଲ ମିଡ଼ିଆରେ ଏକ ଭାବପ୍ରବଣର ପୋଷ୍ଟରେ ଲେଖିଛନ୍ତି , ଜଣେ ଝିଅ ,ଭଉଣୀ , ବିବାହିତା ମହିଳା ଏବଂ ମାଆ ଭାବେ ତାଙ୍କୁ ଅଭଦ୍ର ଭାଷାରେ ଅପମାନିତ କରାଯାଇଥିଲା ଏବଂ କେହି ଜଣେ ତାଙ୍କୁ ଚପଲରେ ମାରିବାକୁ ମଧ୍ୟ ଚେଷ୍ଟା କରିଥିଲେ। ଭାବପ୍ରବଣ ହୋଇ ଭାଙ୍ଗି ପଡ଼ିଥିବା ରୋହିଣୀ ଆହୁରି ଲେଖିଛନ୍ତି- ସେ ଏହି ଅପମାନ ସହି ଥିଲେ , କାରଣ ସେ ତାଙ୍କ ଆତ୍ମସମ୍ମାନ ସହ ସାଲିସ୍ କରି ନଥିଲେ ଏବଂ ଯାହାକୁ ସେ ମିଛ କହିଥିଲେ, ତାଙ୍କ ଆଗରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନଥିଲେ।

### ସଫା ହୋଇନି ମେଳା ପଡ଼ିଆ

## ପଡ଼ି ରହିଛି କୁଢ଼ କୁଢ଼ ଆବର୍ଜନା

କଟକ(ନିପ୍ର): ୩ ଦିନ ହେଲାଣି ସରିଲାଣି ବାଲିଯାତ୍ରା । ଅଧିକାଂଶ ବେପାରୀ ଘରକୁ ବାହୁଡ଼ି ଗଲେଣି । ବଡ଼ ବଡ଼ ଷ୍ଟଲଗୁଡ଼ିକ ଖୋଲା ଚାଲିଛି । ଅପର ପକ୍ଷରେ ମେଳା ପଡ଼ିଆରେ କୁଢ଼ କୁଢ଼ ଅଳିଆ ଓ ପଲିଥିନ ପଡ଼ି ରହିଛି । ଫଳରେ ବାଲିଯାତ୍ରା ପଡ଼ିଆ ଏବେ ଆବର୍ଜନାମୟ ହୋଇପଡ଼ିଛି । ପ୍ରଶାସନ ପକ୍ଷରୁ ଏହାର ସଫେଇ କରାଯାଇନାହିଁ, ଯାହାକୁ ନେଇ ପରିବେଶବିତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥର ବାଲିଯାତ୍ରାକୁ ସବୁଜ ସୁନ୍ଦର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକାଧିକ ଯୋଜନା କରାଯାଇଥିଲା । ଏପରିକି ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଥିଲା । ହେଲେ ପଡ଼ିଆ ସାରା ଏବେ ପଲିଥିନ ଉଡୁଛି । ଏପରିକି ସ୍ଥାନେ ସ୍ଥାନେ ପଲିଥିନ ଗଦା ହୋଇ ରହିଛି । ଯଦି ଏହା ପାଣିରେ ମିଶେ ମହାନଦୀ ପ୍ରଦୂଷଣ ହେବାର ଆଶଙ୍କା ରହିଛି ବୋଲି ପରିବେଶବିତମାନେ ମତ ଦେଇଛନ୍ତି । ତେବେ ଯାତ୍ରା ସରିବା ପରେ ମେଳା ପଡ଼ିଆର ପରିମଳ ଉପରେ ଗୁରୁତ୍ୱ ଦିଆନଯିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମ ମଧ୍ୟରେ ସମନ୍ୱୟ ଅଭାବରୁ ମେଳା ପଡ଼ିଆରୁ ଆବର୍ଜନା ଉଠିପାରୁ ନଥିବା ସାଧାରଣରେ ଅଭିଯୋଗ ହେଉଛି । ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ସହ ଯଥାଶିଘ୍ର ବାଲିଯାତ୍ରା ପଡ଼ିଆକୁ ସଫେଇ କରିବାକୁ ବୁଦ୍ଧିଜୀବି ମହଲରୁ ଦାବି ହୋଇଛି ।

## ଶ୍ରୀ ଅଭିରାମଙ୍କ ବାର୍ଷିକ ଉତ୍ସବ



ଭୁବନେଶ୍ୱର: ଶାନ୍ତି ଆନନ୍ଦ ଆଶ୍ରମ (କରମଳା) ର ପୂଜ୍ୟ ଶ୍ରୀଭାଗବତ ଗୋଷ୍ଠି ଓ ଆଚାର୍ଯ୍ୟ ବଳରାମ ଦାସଙ୍କ ସ୍ୱୀକୃତି ଦ୍ୱାରା ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସୁନ୍ଦରପଦା ଅଭିରାମ ବସ୍ତିରେ ୧୪ତମ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । କିଶୋର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସଂପାଦକ ମଣିନାଥ ପାତ୍ରଙ୍କ ଦ୍ୱାରା ବିବରଣୀ ପାଠ,ଜଗନ୍ନାଥ ପାତ୍ର, ପ୍ରକାଶ ପଟ୍ଟନାୟକ, ତପନ କୁମାର ସ୍ୱାଇଁ,କର୍ପୋରେଟର ମଧୁସ୍ମିତା ପ୍ରଧାନ ବାର୍ଷିକ ଉତ୍ସବକୁ ପରିଚାଳନା କରିଥିଲେ । ସାଧୁସନ୍ଥଙ୍କ ପ୍ରବଚନ ଶୁଣିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା । ସଂସ୍କୃତିକ କାର୍ଯ୍ୟକ୍ରମରେ ଗୋଟିପୁଅ ନୃତ୍ୟ , ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା ।

### ଥାନା ସମ୍ମୁଖ ରାସ୍ତା ପାଲଟିଛି ଜବତ ଗାଡ଼ି ରଖିବା ସ୍ଥାନ

## ଯିବା ଆସିବାରେ ଲୋକେ ହିନସ୍ତା

ରେଢ଼ାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ସାମ୍ନା ରାସ୍ତା ପାଲଟିଛି ଜବତ୍ ଗାଡ଼ି ରଖିବା ସ୍ଥଳୀ । ରାସ୍ତା ଉପରେ ଯବତ୍ ଗାଡିଗୁଡିକ ରଖି ରାସ୍ତା ଅବରୋଧ ହେବାକୁ ବସିଲାଣି । ସବୁଠାରୁ ବଡ଼କଥା ଏହି ରାସ୍ତା ଅତି ସଂକୀର୍ଣ୍ଣ ଓ ହାଲୁକା ବୁଲାଣି ଥିବାରୁ ରାସ୍ତା ଦେଇ ଅହରହ ସ୍କୁଲପିଲା, ସ୍ଥାନୀୟ ଲୋକେ, ଅଗ୍ନିଶମ ବିଭାଗ ଗାଡ଼ି, ମନ୍ଦିର, କୃଷି କାର୍ଯ୍ୟାଳୟ ସହ ପାଖ ଆଗ ସାହି ଗୁଡିକରୁ ରାତି ସମୟରେ ଟ୍ୟୁସନ ପିଲାମାନେ ଯିବା ଆସିବା କରୁଛନ୍ତି । ଏହି ରାସ୍ତା ଉପରେ ବିଭିନ୍ନ ଦୁର୍ଘଟଣା ଘଟାଇଥିବା ଗାଡିଗୁଡିକ ରଖିଥିବାରୁ ଯିବାଆସିବା କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହାଛଡା ଏହି ଗାଡ଼ିଗୁଡ଼ିକ ଛୋଟ ଛୋଟ ସ୍କୁଲ ପିଲା ତଥା ସ୍ତ୍ରୀ ଲୋକମାନେ ଦେଖି ମନରେ ଭୟ ସୃଷ୍ଟି ହେଉଛି । ଯାହା ଫଳରେ ଲୋକେ ଏହାକୁ ନେଇ ଥାନା ଅଧିକାରୀଙ୍କୁ ଜଣାଇପାରୁ ନଥିବା ବେଳେ ସାଧାରଣରେ ଚର୍ଚ୍ଚା ପାଲଟିଛି । ତେଣୁ ଏହି ଗାଡ଼ିଗୁଡ଼ିକ ରାସ୍ତା କଡ଼ରେ ଥିଲେ ସୁଧା ରାସ୍ତାଟି ଅତି ସଂକୀର୍ଣ୍ଣ ଥିବାରୁ ଯିବା ଆସିବାରେ ଅସୁବିଧା ହେଉଥିବା ଦେଖାଯାଇଛି । ତେଣୁ ଏହି ଗାଡିଗୁଡିକ ରାସ୍ତା ଉପରୁ ହଟାଇବା ଦ୍ୱାରା ଲୋକେ ନିର୍ଭୟରେ ଯିବାଆସିବା କରିପାରିବେ ବୋଲି ସାଧାରଣ ଜନତା କହୁଥିବା ଜଣାପଡିଛି । ଏଣୁ ଏହାକୁ ଗୁରୁତ୍ୱ ଦେଇ ଗାଡ଼ିଗୁଡ଼ିକ ଶିଘ୍ର ହଟାଇଲେ ଲୋକେ ସୁବିଧାରେ ଯିବା ଆସିବା କରିପାରନ୍ତେ ।

## ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ଅର୍ଡ଼ାବାହାଲ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ(ଏସଏସଡି)ଠାରେ ଜନଜାତି ଗୌରବ ଦିବସ ଓ ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକୀ ଅବସରରେ ଅଭିଭାବକ ଆମ ଅଂଶିଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଯାଦବଙ୍କ ସଭାପତିତ୍ୱ କରି ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ । ଏଥିସହ ବିର୍ସା ମୁଣ୍ଡାଙ୍କ ପରି ସାହସୀ ହେବା ସହ ଭଲ ପାଠ ପଢ଼ି ସୁନାମ ଅର୍ଜନ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ମେଡିକାଲ ଅଫିସର ସସ୍ମିତା ଦୋରା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳମଣି ସାହୁ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗଦୀଶ ଭାଇଁଷା,ସରପଞ୍ଚ ସୁଲେଶ୍ୱରୀ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ ଅଭିଭାବକ ମାନେ ବିଦ୍ୟାଳୟ ସହ ଉତ୍ତମ ସମ୍ପର୍କ ସ୍ଥାପନ କରିବା ସହ ଭଲ ପରାମର୍ଶ ଦେଲେ ଯାଇ ପିଲାଙ୍କ ଚରିତ୍ର ଗଠନରେ ସହାୟକ ହେବ ବୋଲି କହିଥିଲେ ।

### ଚୌଦ୍ୱାର ଜେଲ୍‌ରୁ ଦୁଇ ବିହାରୀ କଏଦୀ ଚମ୍ପଟ ମାମଲା

# ଦେଢ଼ମାସ ପରେ ବି ଅଭିଯୁକ୍ତଙ୍କ ଟେର୍ ମିଳୁନି

- ପୂର୍ବ ଅଭିଯୋଗ ସତ୍ତ୍ୱେ ନିଲମ୍ବିତ ଚିଫ୍ ୱାର୍ଡରଙ୍କୁ ପୁନଃ ଅବସ୍ଥାପିତ
- ସରକାରଙ୍କୁ ବଦନାମ କରିବାକୁ ରୀତିମତ ଷଡଯନ୍ତ୍ର !

ଭୁବନେଶ୍ୱର(ନିପ୍ର): ରାଜ୍ୟର ସବୁଠାରୁ ହାଇ ସିକ୍ୟୁରିଟି ଜେଲ୍ ଭାବେ ଚୌଦ୍ୱାରର ଜେଲ ଜଣାଶୁଣା । ଏହି ଜେଲ୍‌ରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଇପ୍ରୋଫାଇଲ କଏଦୀମାନେ ସଜା କାଟୁଛନ୍ତି । ଜେଲର କଡା ସୁରକ୍ଷାକୁ ଭେଦ କରି ଗତ ଅକ୍ଟୋବର ୩ ତାରିଖ ଦିନ ଭୋର ସମୟରେ ବିହାର ଅଞ୍ଚଳର ଦୁଇଜଣ ହାର୍ଡକୋର କ୍ରିମିନାଲ ଜେଲ ପାଚେରୀ ଡେଇଁ ଚମ୍ପଟ ମାରିଥିଲେ । ଏହି ଘଟଣାକୁ ଇତିମଧ୍ୟରେ ଦେଢ଼ମାସ ବିତିବାକୁ ବସିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୋଲିସ ଫେରାର ଦୁଇ ପେଶାଦାର ଅପରାଧୀଙ୍କୁ ଧରିବା ତ ଦୂରର କଥା ତାଙ୍କ ସଂକ୍ରାନ୍ତରେ କିଛି ବି ସୁରାଗ୍ ପାଇପାରିନାହିଁ । ଏହାରି ମଧ୍ୟରେ ଅନ୍ୟଏକ ଘଟଣା ଜେଲ ବିଭାଗର ଅଧିକାରୀମାନଙ୍କର ଦାୟିତ୍ୱହୀନତାକୁ ସ୍ପଷ୍ଟ ପ୍ରମାଣିତ କରୁଛି । ଦୁଇ ହାର୍ଡକୋର କ୍ରିମିନାଲ ମଧୁକାନ୍ତ ରଣା ଓ ରାଜା ସାହାଣୀ ଫେରାର ହେବା ପରେ କାର୍ଯ୍ୟରେ ଅବହେଳା ଲାଗି ଜେଲ କର୍ତ୍ତୃପକ୍ଷଙ୍କ ତରଫରୁ ଚିଫ୍ ୱାର୍ଡର ଭଗତ ଚରଣ ରାମ ଓ ଡିଉଟି ୱାର୍ଡର ସିଦ୍ଧାନ୍ତ ସାହୁଙ୍କୁ ଗତ ଅକ୍ଟୋବର ୩ ତାରିଖରେ ନିଲମ୍ବିତ କରାଯାଇଥିଲା । ତେବେ ନିଲମ୍ବନ ହେବାର ପାତ୍ର ୧୪ ଦିନ ପରେ ଅର୍ଥାତ ଅକ୍ଟୋବର ୧୮ ତାରିଖରେ ଚିଫ୍ ୱାର୍ଡର ଭଗତ ଚରଣ ରାମଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ଜିଲ୍ଲା କାରାଗାର କେନ୍ଦ୍ରାପଡାଙ୍କ ବାରଣ ସତ୍ତ୍ୱେ ତାଙ୍କୁ ପୁନଃ କେନ୍ଦ୍ରାପଡା କାରାଗାରକୁ ମୁଖ୍ୟାଳୟ ଭାବେ ଅବସ୍ଥାପିତ କରାଯାଇଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପୁନଃ ଅବସ୍ଥାପିତ ହୋଇଥିବା ଚିଫ୍ ୱାର୍ଡର ଭଗତ ପୂର୍ବରୁ ଜଗତସିଂହପୁର ଓ କେନ୍ଦ୍ରାପଡା ଜେଲରେ ଥିବା ସମୟରେ କଏଦୀଙ୍କ ଠାରୁ ଟଙ୍କା ଆଦାୟ କରିବା ସେମାନଙ୍କୁ ମାଡ ମାରିବା, ଆମରଣ ଅନଶନ ଲାଗି ପ୍ରବର୍ତ୍ତାଇବା ଭଳି ସଙ୍ଗୀନ ଅଭିଯୋଗ ଆସିଥିଲା । ଏପରିକି ତତ୍କାଳୀନ କେନ୍ଦ୍ରାପଡା ଜେଲର ସୁପରିଟେଣ୍ଡେଣ୍ଟ ଏନେଇ ଚୌଦ୍ୱାର ଜେଲର ବରିଷ୍ଠ ଅଧିକ୍ଷକଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ । ଏହିପତ୍ର ପରେ ଭଗତଙ୍କୁ କେନ୍ଦ୍ରାପଡା ଜେଲରୁ ବଡମ୍ବା ସବ୍‌ଜେଲକୁ ବଦଳି ହୋଇଥିଲା । ବଡମ୍ବା ଜେଲରେ ରହିବା ସମୟରେ ପୁଣିଥରେ ଚିଫ୍ ୱାର୍ଡର ଭଗତ ବିଭାଗୀୟ ଅଧିକାରୀଙ୍କୁ ହାତବାରସି କରି ପୁଣିଥରେ ଚୌଦ୍ୱାର ଜେଲକୁ ଡେପୁଟେସନରେ ଯାଇଥିଲେ । ଯେଉଁଦିନ ଅଭିଯୁକ୍ତ ଦ୍ୱୟ ଫେରାର ହେଲେ ଉକ୍ତ ଦିନ ଭଗତ ଚିଫ୍ ୱାର୍ଡର ଡିଉଟିରେ ଥିବା ବେଳେ ରାତି ସମୟରେ ସେ ଡିଉଟି ନ କରି ଜେଲର ମେଡିକାଲ ରୁମ୍‌ରେ ଶୋଇଥିବା ସଙ୍ଗୀନ ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା, ଏହାପରେ ବି ତାଙ୍କୁ ମାତ୍ର ୧୪ ଦିନରେ ପୁନଃ ଅବସ୍ଥାପିତ କରାଯିବାକୁ ନେଇ ଜେଲ ବିଭାଗରରେ ସବୁ କିଛି ଠିକ୍ ଚାଲି ନଥିବା ସ୍ପଷ୍ଟ ହୋଇଛି । ଅନ୍ୟପକ୍ଷରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଯେଉଁ ଦିନ ଚୌଦ୍ୱାର ଜେଲରୁ ଦୁଇ କଏଦୀ ଫେରାର ଥିଲେ ଉକ୍ତ ଦିନ ଜେଲର ସିନିୟର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟରେ ଥିଲେ ମଧ୍ୟ ସକାଳୁ ରାତି ପର୍ଯ୍ୟନ୍ତ ତାଙ୍କର ଜେଲ ପରିସରରେ ଦେଖା ମିଳି ନ ଥିଲା । ଏପରିକି ୩ ତାରିଖ ସକାଳେ କଏଦୀ ଫେରାର ହେବା ନେଇ ଖବର ଚାରିଆଡେ ପ୍ରସାରିତ ହେବାର ବହୁ ବିଳମ୍ବରେ ଜେଲର ସିନିୟର ସୁପରିଟେଣ୍ଡେଣ୍ଟ ଜେଲକୁ ଆସିଥିଲେ । ଯାହାକୁ ନେଇ ଘଟଣାସ୍ଥଳରେ ଉପସ୍ଥିତ ଥିବା ଜୋନ ଏସିପି ମଧ୍ୟ କିଛିଟା ବିରକ୍ତି ପ୍ରକାଶ କରିଥିବା ଜଣାପଡିଛି । ଏପରିସ୍ଥଳେ ଚୌଦ୍ୱାର ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ଏଭଳି କେଳେଙ୍କାରୀ ଘଟଣା ପଛରେ ସରକାରଙ୍କୁ ବଦନାମ କରିବା ଲାଗି କିଛି ହାତଗଣତି ଅଫିସରଙ୍କ ହାତ ଥିବା ଏକ ଚର୍ଚ୍ଚାର ବିଷୟ ପାଲଟିଛି । ଖାସ୍ ?କରି ଚୌଦ୍ୱାର ଜେଲ ଘଟଣା ପରେ ପରେ ବାଲେଶ୍ୱର ଜିଲ୍ଲା ସୋର ଜେଲରୁ ମଧ୍ୟ ଜଣେ କଏଦୀ ଫେରାର ହୋଇଯାଇଛନ୍ତି । ଏନେଇ ଜେଲ ଡିଜି କିଛି ବି ମୁହଁ ଖୋଲିବାକୁ ପ୍ରସ୍ତୁତ ନୁହନ୍ତି । ତାଙ୍କୁ ଯୋଗାଯୋଗ କଲେ ତାହା ସମ୍ଭବ ପର ହୋଇପାରୁନାହିଁ ।

## ମୋବାଇଲ ଲୁଟେରା ଗିରଫ

ଭୁବନେଶ୍ୱର(ନିପ୍ର): ମୈତ୍ରୀବିହାର ଥାନା ପୋଲିସ ରବିବାର ଜଣେ ମୋବାଇଲ ଲୁଟେରାକୁ ଗିରଫ କରିଛି । ଗିରଫ ମୋବାଇଲ ଲୁଟେରାଙ୍କ ନାମ କାହ୍ନା ନାୟକ (୨୫) ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ ସାଲିଆସାହି ମହାବୀର ନଗରରେ ବୋଲି ଜଣାପଡିଛି । ଏନେଇ ପି. ରାମାରାଓ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ପି. ରାମାରାଓ ସାଲିଆସାହି ଅନ୍ତର୍ଗତ ମହାବୀର ନଗରରେ ରହୁଛନ୍ତି । ଅଭିଯୁକ୍ତ କାହ୍ନା ନାୟକ ମଧ୍ୟ ସେହି ଅଞ୍ଚଳରେ ରୁହନ୍ତି । ୧୩ ତାରିଖ ମଧ୍ୟାହ୍ନରେ ଅଭିଯୋଗକାରୀ ଘର ସମ୍ମୁଖରେ ଛିଡା ହୋଇ ମୋବାଇଲରେ କଥା ହେଉଥିବା ବେଳେ, ଅଭିଯୁକ୍ତ କାହ୍ନା ପାଖକୁ ଆସି ହଠାତ୍ ତାଙ୍କୁ ମାଡ ମାରିବା ସହ ଠେଲି ତଳେ ପକାଇ ଦେଇଥିଲେ ଏବଂ ତାଙ୍କ ହାତରୁ ତାଙ୍କ ମୋବାଇଲ ଫୋନକୁ ବଳପୂର୍ବକ ଛଡାଇ ନେଇଯାଇଥିଲେ। । ଏହାପରେ ସେ ଅଭିଯୋଗକାରୀଙ୍କ ପକେଟ ଉଣ୍ଡାଳି ଟଙ୍କା ଖୋଜିଥିଲେ । କିନ୍ତୁ ପକେଟରେ ଟଙ୍କା ନଥିବା ଦେଖି ଲୁଟ୍ ମୋବାଇଲ ଫୋନ ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଅଭିଯୋଗକାରୀ ତାଙ୍କର ପିଛା କରିଥିଲେ ମଧ୍ୟ ତାଙ୍କୁ କାବୁ କରିବାରେ ବିଫଳ ହୋଇଥିଲେ । ପରେ ସେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକ୍ରମେ ପୋଲିସ ମାମଲାର ତଦନ୍ତ କରିବା ସହ ଚଢଉ କରି ଅଭିଯୁକ୍ତ କାହ୍ନା ନାୟକଙ୍କୁ ଗିରଫ କରି ତାଙ୍କ ହେପାଜତରୁ ଲୁଟ୍ ମୋବାଇଲ ଫୋନକୁ ଜବତ କରିଛି । ଅଭିଯୁକ୍ତ କାହ୍ନା ନାୟକଙ୍କ ନାମରେ ପୂର୍ବରୁ ମଧ୍ୟ ୨୦୨୪ ମସିହା ଥାନାରେ ଏକ ମାମଲା ରହିଥିବା ଜଣାପଡିଛି ।

## ଦେଶୀ ମଦ ବିକ୍ରି ଅଭିଯୋଗ, ନିଶା ବେପାରୀ ଧରାପଡିଲା

ଭୁବନେଶ୍ୱର(ନିପ୍ର): ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ନନ୍ଦନକାନନ ଥାନା ?ପାଲିସ ରବିବାର ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି । ଗିରଫ ନିଶା ବେପାରୀ ଜଣଙ୍କ ହେଉଛନ୍ତି,ବାବୁ ଜେନା ଓରଫ ହୃଷୀକେଶ (୫୫) ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ ପଦାସାହିରେ ବୋଲି ଜଣାପଡିଛି । ତାଙ୍କଠାରୁ ପୋଲିସ ୧୦ ଲିଟର ଆସ୍କା-୪୦ ଦେଶୀ ମଦକୁ ଜବତ କରିଛି । ସୂଚନାଯୋଗ୍ୟ ଯେ, ନନ୍ଦନକାନନ ଥାନାଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ଏକ ପାଟ୍ରୋଲିଂ ଟିମ୍ ରବିବାର ସକାଳେ ନିଜ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ, ଜଣେ ଅଭିଯୁକ୍ତ ଦାଢା ସ୍ଥିତ ଶନିମନ୍ଦିର ନିକଟରେ ଥିବା ଏକ ଖୋଲାସ୍ଥାନରେ ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିବା ନେଇ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ମିଳିଥିବା ସୂଚନା ଆଧାରରେ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ଅତର୍କିତ ଚଢଉ କରି ଅଭିଯୁକ୍ତ ହୃଷୀକେଶ ଓରଫ ବାବୁ ଜେନାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ତଲାସି ବେଳେ ପୋଲିସ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୧୦ ଲିଟର ଆସ୍କା-୪୦ ଦେଶୀମଦ ଜବତ କରିଥିଲା । ପଚରାଉଚରା ବେଳେ, ଅଭିଯୁକ୍ତ ଜଣକ ଏହି ଦେଶୀମଦ ବିକ୍ରୟ କରିବା ନେଇ କୌଣସି ବୈଧ ଅନୁମତିପତ୍ର ଦେଖାଇ ପାରିନଥିବା ବେଳେ, ନିଜର ଅପରାଧ ସ୍ୱୀକାର କରିଥିଲା । ଅଭିଯୁକ୍ତ ହୃଷୀକେଶ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତାଙ୍କ ନାମରେ ପୂର୍ବରୁ ମଧ୍ୟ ନନ୍ଦନକାନନ ଥାନାରେ ୩ଟି ବେଆଇନ ମଦବ୍ୟବସାୟ ଜନିତ ମାମଲା ରହିଛି ।

## ଟ୍ରାକ୍ଟର ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ, ଚାଳକ ଗିରଫ

ଭୁବନେଶ୍ୱର(ନିପ୍ର): ଟ୍ରାକ୍ଟର ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ମାମଲାରେ ଏୟାରଫିଲ୍ଡ ଥାନା ପୋଲିସ ଟ୍ରାକ୍ଟର ଚାଳକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ଗିରଫ ଟ୍ରାକ୍ଟର ଚାଳକଙ୍କ ନାମ ଅଦେଇ ସାମଲ (୪୪) ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ କପିଳପ୍ରସାଦରେ ବୋଲି ଜଣାପଡିଛି । ଅଭିଯୋଗକାରୀ ଅନ୍ତୁ ବାସ୍କଙ୍କ ଲିଖିତ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତ ଟ୍ରାକ୍ଟର ଚାଳକ ଅଦେଇ ସାମଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ହେଉଛନ୍ତି ମୃତକଙ୍କ ବାପା । ଗତ ଅଗଷ୍ଟ ୧୪ ତାରିଖରେ ମୃତକ ଜଣକ ନିଜର ଅନ୍ୟ ଦୁଇ ସାଙ୍ଗଙ୍କ ସହ ମିଶି ଏକ ବାଇକ ଯୋଗେ ସୁନ୍ଦରପଦା ରୁ ହାଇଟେକ ଅଭିମୁଖେ ଯାଉଥିବା ବେଳେ, ବୋତଣ୍ଡା ନିକଟରେ ଏକ ଅଟୋ ସେମାନଙ୍କୁ ଅତିକ୍ରମ କରିଥିଲା । ଏଥିରେ ଭାରସାମ୍ୟ ହରାଇ ସମସ୍ତେ ରାସ୍ତା ଉପରେ ପଡିଯାଇଥିଲେ । ଏହି ସମୟରେ ଅଭିଯୁକ୍ତ ଅଦେଇ ସାମଲ ଏକ ଟ୍ରାକ୍ଟର ନେଇ ପଛ ପାଖରୁ ଅତି ଦ୍ରୁତଗତିରେ ତଥା ବେପରୁଆ ଭାବେ ଆସି ମୃତକଙ୍କ ଉପରେ ଚଢାଇ ଦେଇଥିଲେ । ଫଳରେ ମୃତକ ଜଣକ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା, ଏବଂ ଉତ୍ତମ ଚିକିତ୍ସା ଲାଗି ସେଠାରୁ ପୁନର୍ବାର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣା ଦିନ ଠାରୁ ଅଭିଯୁକ୍ତ ଅଦେଇ ସାମଲ ସ୍ଥାନୀୟ ଅଞ୍ଚଳରୁ ଫେରାର ହୋଇଯାଇଥିଲେ । ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିବା ପରେ, ପୋଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ଟ୍ରାକ୍ଟର ଚାଳକ ଅଦେଇ ସାମଲଙ୍କୁ ଗିରଫ କରି ତାଙ୍କ ହେପାଜତରୁ ସମ୍ପୃକ୍ତ ଟ୍ରାକ୍ଟରକୁ ଜବତ କରିଛି ।

## ଆସିକା ଉପଖଣ୍ଡସ୍ତରୀୟ ସାଇବର ସୁରକ୍ଷା ମାସ ଉଦ୍‌ଯାପିତ

ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲା ପୋଲିସ ଅରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଉପଖଣ୍ଡ ଆରାକ୍ଷୀ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଉପଖଣ୍ଡ ସ୍ତରୀୟ ସାଇବର ସୁରକ୍ଷା ମାସ ସମାପ୍ତ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଅଶୋକ ସିନେମା ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ସୀମା ସ୍ୱାଇଁ,ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା ଆସିକା ଥାନା ଅଧିକାରୀ କୁଳମଣି ସେଠି ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ପୁନମ ମିଶ୍ର ,ଏଚଡିଏଫସି ବ୍ୟାଙ୍କ ପରିଚାଳକ କାଳୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆସିକା ଥାନା ଅଧିକାରୀ କୁଳମଣି ସେଠି ସାଇବର ଠକେଇ କଣ ଓ କିପରି ହୁଏ ତାହା ଉପରେ ଉପସ୍ଥିତ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ । ସାଇବର ଠକେଇ ଠାରୁ ନିଜକୁ କିପରି ଦୂରେଇ ରଖିବେ ଏବଂ ନିଜର ସଞ୍ଚିତ ଅର୍ଥର ସୁରକ୍ଷା କିପରି କରିବା ନେଇ ବିସ୍ତୃତ ଭାବେ ବୁଝାଇଥିଲେ । ଯଦି ସାଇବର ଠକାମୀର ଶିକାର ହେଲେ ତୁରନ୍ତ ଟୋଲ ଫ୍ରି ନମ୍ବର ୧୦୪୫ କିମ୍ବା ୧୯୩୦ ନଂ ରେ ତୁରନ୍ତ ଜଣାଇବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାସହ ଅଜ୍ଞାତ ଲୋକଙ୍କ ସହ ଓଟିପି ନଂ ସେୟାର ନ କରିବା, ଆଧାର ନଂ, ବ୍ୟାଙ୍କ୍ ଆକାଉଣ୍ଟ ନଂ, ଏଟିଏମ ପିନ ନଂ ଏବଂ ଆର୍ଥିକ କାରବାରରେ ଗୋପନୀୟତା ରଖିବା ପାଇଁ ପରାମର୍ଶ ଦେଇଥିଲେ । ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଇବର ସଚେତନତା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ କୋଟିନଡା ଥାନା ଅଧିକାରୀ ଦାମୋଦର ବିହାରୀ,ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ହିଞ୍ଜିଳି କାଟୁ ଥାନା ଅଧିକାରୀ ଶ୍ରୀନିବାସ ସେଠି,ବେଲଗା ଥାନା ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ, ସମେତ ବହୁ ପୋଲିସ ଅଧିକାରୀ ଓ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।




## ସଠିକ, ନିରପେକ୍ଷ ଓ ସତ୍ୟ ସମ୍ବାଦ ଗଣତନ୍ତ୍ରକୁ ସୁଦୃଢ କରେ




ପୁରୀ(ନିପ୍ର): ସାଧାରଣ ଲୋକଙ୍କ ଆଶା, ଭରସା ଓ ବିଶ୍ୱାସର ପ୍ରତୀକ ଗଣମାଧ୍ୟମ । ଏହା ସତ୍ୟ, ଅନୁସନ୍ଧାନଧର୍ମୀ, ନିରପେକ୍ଷ ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନରେ ବ୍ରତୀ ହେବା ଉଚିତ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ । ରବିବାର ପୂର୍ବାହ୍ନରେ ସଦ୍‌ଭାବନା ସଭାଗୃହ ପରିପରିସର ପୁରୀ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା । ଚଳିତ ବର୍ଷର ଆଲୋଚ୍ୟ ପ୍ରସଙ୍ଗ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ବିଶ୍ୱାସନୀୟତାର ସଂରକ୍ଷଣ' ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଭୋଇ ସମ୍ବାଦ ସଂଗ୍ରହ ଓ ପରିବେଷଣ ଶୈଳୀରେ ପୂର୍ବାପେକ୍ଷା ଅନେକ ପରିବର୍ତ୍ତନ ଘଟିଛି । କିନ୍ତୁ ସମାଜକୁ ଶୃଙ୍ଖଳିତ ଓ ବିକଶିତ କରିବାରେ ଗଣମାଧ୍ୟମ ପୂର୍ବପରି ତାହାର ପ୍ରଚେଷ୍ଟା ଜାରି ରଖିଛି । ଗଣତନ୍ତ୍ରକୁ ସୁଦୃଢ କରିବାରେ ୪ଟି ଯାକ ସ୍ତମ୍ଭର ସମନ୍ୱୟ ଓ କାର୍ଯ୍ୟକାରିତା ଗୁରୁତ୍ୱପୂର୍ଣ୍ଣ । ତେବେ ଭ୍ରମାତ୍ମକ ସମ୍ବାଦ ଶିଘ୍ର ବ୍ୟାପେ ଓ ସମାଜରେ ଏହାର ନକରାତ୍ମକ ପ୍ରଭାବ ଅଧିକ । ଏହାକୁ ପ୍ରତିହତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାଧାରଣ ଲୋକମାନଙ୍କ ସମସ୍ୟା, ଆବଶ୍ୟକତାକୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା ଓ ସରକାରଙ୍କ ବିଭିନ୍ନ ଯୋଜନା, ପ୍ରକଳ୍ପ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ ଓ ସଚେତନ କରାଇବାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ । ତେବେ ଫେକ ନିଉଜ ବା ଭ୍ରମାତ୍ମକ ସମ୍ବାଦ ସମାଜରେ ଅସ୍ଥିରତା ଓ ବିଶୃଙ୍ଖଳା ସୃଷ୍ଟି କରିଥାଏ । ଏଥିରୁ ନିବୃତ୍ତ ରହିବା ସହ ସଠିକ ସମ୍ବାଦ ପରିବେଷଣ ପାଇଁ ସେ ଅନୁରୋଧ କରିଥିଲେ । ମୁଖ୍ୟବକ୍ତା ଭାବେ ସୂଚନା ଓ ଜନସମ୍ପର୍କ ଉତ୍ତର ପୂର୍ବାଞ୍ଚଳ ପରିଷଦର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ଗଣମାଧ୍ୟମର ଉତ୍ପତ୍ତି, ପ୍ରାଚୀନ କାଳରେ ଗଣମାଧ୍ୟମର ଭୂମିକା, ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ।

### ଖୋର୍ଦ୍ଧା ବନଖଣ୍ଡରେ ନାହିଁ ହାତୀଙ୍କ ପାଇଁ ବାସସ୍ଥଳୀ

# ମଣିଷ-ହାତୀ ସଂଘର୍ଷରେ ବଳି ପଡୁଛନ୍ତି ହାତୀ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ୪ଟି ବନଖଣ୍ଡ ବିଭାଗକୁ ନେଇ ଗଠିତ । ଯଥା ଖୋର୍ଦ୍ଧା ବନଖଣ୍ଡ , ଚନ୍ଦକା ବନ୍ୟଜନ୍ତୁ ବନଖଣ୍ଡ ବିଭାଗ , ଚିଲିକା ବନ୍ୟଜନ୍ତୁ ବନଖଣ୍ଡ ବିଭାଗ ଓ ସିଟି ଫରେଷ୍ଟ ଡ଼ିଭିଜନ ଭୁବନେଶ୍ୱର । ଖୋର୍ଦ୍ଧା ବନଖଣ୍ଡ ବିଭାଗରେ ହାତୀମାନଙ୍କ ପାଇଁ ନାହିଁ ସୁରକ୍ଷିତ ବାସସ୍ଥଳୀ । ତେଣୁ ପ୍ରତ୍ୟେକ ବର୍ଷ ହାତୀମାନେ ଏମିତି ଆସୁଛନ୍ତି ନିକଟସ୍ଥ ଫରେଷ୍ଟ ଗାର୍ଡମାନେ ଏବଂ ଗଜସାଥିମାନଙ୍କର ସାହାଯ୍ୟ ନେଇ ରାତି ସାରା ଅନିଦ୍ରା ହୋଇ ହାତୀ ଜଗୁଛନ୍ତି ଏବଂ ହାତୀଙ୍କୁ ଘଉଡେଉଛନ୍ତି । ସରକାର ଅନେକ ଯୋଜନା କରି ଲୋକଙ୍କୁ ବିଭନ୍ନ ଉପାୟରେ ପଇସା ବାଣ୍ଟୁଛନ୍ତି କିନ୍ତୁ ତାକୁ ତୁଳନା କଲେ ହାତୀଙ୍କ ପାଇଁ ରାଜ୍ୟ ସରକାର ଦରଦ ନଥିବାର ଦେଖାଦେଇଛି । ଆଜି ଯାଏଁ ଖୋର୍ଦ୍ଧା ବନଖଣ୍ଡରେ ହୋଇପାରିନି ହାତୀଙ୍କ ପାଇଁ ବାସସ୍ଥଳୀ । ରାଜ୍ୟ ସରକାର ହାତୀଙ୍କ ପାଇଁ କେଉଁ ଜାଗାରେ ଜଙ୍ଗଲକରି ହାତୀଙ୍କୁ ସୁରକ୍ଷା ଦେଇ ପାରିବେ ଆଜି ଯାଏଁ ଜାଗା ସ୍ଥିର କରିପାରିନାହାନ୍ତି । ସେପଟେ ପ୍ରାୟ ଅର୍ଦ୍ଧାଧିକ ଜଙ୍ଗଲକୁ ଖଣି ମାଫିଆମାନେ ବେନାମୀ ଖଣିକରି ବିରାଟ ବିରାଟ ଗର୍ତ୍ତକରି ପରିବେଶ ଦୂଷିତ କରିବା ସହ ରାଜସ୍ୱ ହାନିକରି ନିଜେ ବଡ଼ ଲୋକ ହୋଇଛନ୍ତି । ଏଥିରେ ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ, ସ୍ଥାନୀୟ ପୋଲିସ ଥାନାର ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ହେଉ ହାତଥିବାର ଅନେକ ବୁଦ୍ଧିଜୀବୀ ସନ୍ଦେହ ପ୍ରକାଶ କରିଛନ୍ତି । ହାତୀମାନଙ୍କ ପାଇଁ ସରକାର ଯଦି ଏବେଠାରୁ ସଜାଗ ନ ହୁଅନ୍ତି ତେବେ ଆଉ କିଛି ଦିନ ପରେ ହାତୀ ବଂଶ ଲୋପ ପାଇଯିବ ଆମେ ଖାଲି ବହି ବା ଇଣ୍ଟରନେଟରେ ଫଟୋ ଏବଂ ଚିଡ଼ିଆଖାନାରେ ଦେଖିବାକୁ ପାଇପାରିବା । ବେଳ ଥାଉ ବନ୍ଧବାନ୍ଧିବା ନ୍ୟାୟରେ ଆମକୁ ସଜାଗ ହୋଇ ଖୋର୍ଦ୍ଧା ବନଖଣ୍ଡରେ କେମିତି ହାତୀମାନଙ୍କ ପାଇଁ ସୁରକ୍ଷିତ ବାସସ୍ଥଳୀ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେବାକୁ ଅନେକ ବୁଦ୍ଧିଜୀବୀ ସରକାରଙ୍କୁ ଅନୁରୋଧ କରିଛନ୍ତି । ଖୋର୍ଦ୍ଧା ବନଖଣ୍ଡ ବିଭାଗ ଅଧୀନରେ ୪ଟି ଖୋର୍ଦ୍ଧା, ଟାଙ୍ଗୀ, ବାଲୁଗାଁ, ବାଣପୁର ରେଞ୍ଜ ଅଛି । ହାତୀ ଉପଦ୍ରବରୁ ବଞ୍ଚିତ ହେବା ପାଇଁ ଲୋକେ ସବୁ ଆଡ଼େ ବିଲ ହେଉ ବା ଫସଲ ଜମି ଚାରିପଟେ ଇଲେକ୍ଟ୍ରି ତାର ଜାଲି ବାଡ ଦେଇଦେଉଛନ୍ତି ଯାହାଫଳରେ ହାତୀ ମୃତ୍ୟୁ ବଢୁଥିବାର ଆଶଙ୍କା କରାଯାଉଅଛି । ଆର୍ଥିକ ବର୍ଷ ୨୦୨୪-୨୫ ବର୍ଷ ରେ ଖୋର୍ଦ୍ଧା ବନଖଣ୍ଡ ବିଭାଗରେ ୪ଟି ହାତୀ ମୃତ୍ୟୁବରଣ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ରେଞ୍ଜ ରେ ତା ୦୮.୦୭.୨୦୨୪ ସକାଳ ୭ ଟା ବେଳେ ଡମଣଭୁଇଁ ଗ୍ରାମ ରେ ୨୫ ବର୍ଷ ଆୟୁ ଥିବା ପୁରୁଷ ହାତୀ ର ମୃତ୍ୟୁ ଇଲେକ୍ଟ୍ରୀ ଦ୍ୱାରା ହୋଇଛି , ତା ୩୦.୦୮.୨୦୨୫ ରିଖ ସକାଳ ୫.୫୫ ଡମଣଭୁଇଁ ଗ୍ରାମ ରେ ୨୦ ବର୍ଷ ର ପୁରୁଷ ହାତୀ ର ଇଲେକ୍ଟ୍ରୀ ଦ୍ୱାରା ମୃତ୍ୟୁ ହୋଇଛି, ତା ୧୦.୧୨.୨୦୨୫ ରିଖ ୧୨.୦୦ ରାତି ରଣପୁର ରେଞ୍ଜ ମୟୁରଝାଲିଆ ଗ୍ରାମ ରେ ୪ ମାସର ପୁରୁଷ ପିଲା ଛୁଆ ପାଣି ରେ ବୁଡି ପ୍ରାକୃତିକ ଉପାୟରେ ମୃତ୍ୟ ଘଟିଛି, ଖୋର୍ଦ୍ଧା ରେଞ୍ଜରେ କଣିପାରି ଗ୍ରାମରେ ଜରିପୁଟ ବିଟ୍ ୧୫ ବର୍ଷର ମହିଳା ହାତୀ ୧୧ କେ.ଭି ଇଲେକ୍ଟ୍ରୀ ତାର ସଂସ୍ପର୍ଶ ରେ ଆସି ମୃତ୍ୟୁବରଣ କରିଛି ।




## ରାମାୟଣ ନାଟକରେ ଅପସଂସ୍କୃତି !

ବ୍ରହ୍ମପୁର: ଗଞ୍ଜାମର ଲୋକ କଳା ମଧ୍ୟରେ ରାମାୟଣ ନାଟକର ସ୍ୱତନ୍ତତା ରହି ଆସିଛି । ତେବେ ଜିଲ୍ଲାରେ କିଛି ବର୍ଷ ଧରି ଦେଖାଦେଇଛି ରାମାୟଣ ନାଟକରେ ପ୍ରତିଯୋଗିତା । ହେଲେ ରାମାୟଣର ଚରିତ୍ର ଓ ବିଷୟ ବସ୍ତୁକୁ ବାଦ୍ ଦେଇ ଅପସଂସ୍କୃତି ପ୍ରଦର୍ଶନ ହୋଇ ଆସୁଛି ବୋଲି ଅଭିଯୋଗ ହୋଇଛି । ୨୪ ଘଣ୍ଟା ରାମାୟଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତିନିଦିନ ତଳେ ଗଞ୍ଜାମ ଜିଲ୍ଲା ସାନ ଖେମୁଣ୍ଡି ବ୍ଲକ ନୂଆ ମୌଳାଭଣଜ୍ଞାରେ ହୋଇଥିବା ଜିଉରା ଏବଂ ଚିକିଲି ମଧ୍ୟରେ ଅନୁଷ୍ଠିତ ହୋଇଥିବା ରାମାୟଣରେ ରାବଣ ଓ ସୀତାଙ୍କ ମଧ୍ୟରେ ଟଣାଓଟରା ଦୃଶ୍ୟ ଏବଂ ମଞ୍ଚରେ ସୀତାଙ୍କ ଆପତ୍ତି ଜନକ ଦୃଶ୍ୟ ପ୍ରଦର୍ଶନ କରିଥିଲେ ରାବଣ ।ଏହା ସହ ଅସୁରକୁ ମଞ୍ଚରେ କ୍ରେନ, ଥର୍ ଗାଡିରେ ଅଣାଯିବା ସହ ସାଉଣ୍ଡ ଏବଂ ବାଣ ଫୁଟାଇ ପ୍ରଦୂଷଣ କରାଯାଇଥିଲା । ଏହା ସହ ଜନୈକା ମଞ୍ଚ ଅଭିନେତ୍ରୀଙ୍କୁ ମଞ୍ଚ ଉପରକୁ ଏକ ଦଳ ଡାକିଥିଲେ । ଅଭିନେତ୍ରୀ ଅତି ରଂଜିତ ଭାବେ ନାଚ ପ୍ରଦର୍ଶନ କରିଥିଲେ । ସୀତାଙ୍କ ଚରିତ୍ରକୁ ଅଶାଳୀନ ଭାବେ ପ୍ରତିପାଦନ କରାଯାଇଛି ବୋଲି ଅଭିଯୋଗ ହୋଇଛି ।

# ୩୦ ରନ୍‌ରେ ଜିତିଲା ଦକ୍ଷିଣ ଆଫ୍ରିକା

## ହାର୍ମରଙ୍କ ଆଗରେ ଭାରତର ସରେଣ୍ଡର: ଇଡେନ୍‌ରେ ଭାଙ୍ଗିଲା ୫୩ ବର୍ଷର ରେକର୍ଡ



କୋଲକାତା,୧୬/୧୧; ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ଜିତିଛି । କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚରେ ଭାରତକୁ ୩୦ରନ୍‌ରେ ପରାସ୍ତ କରିଛି ଭ୍ରମଣକାରୀ ଦଳ । ହାର୍ମଙ୍କ ଆଗରେ ଆତ୍ମସମର୍ପଣ କରିଛି ଟିମ୍ ଇଣ୍ଡିଆ । ୧୨୪ ରନ୍ ଚେଜ୍ କରିପାରିଲା ନାହିଁ ଭାରତ । ଫଳପେ କୋଲକାତା ଟେଷ୍ଟ ଜିତି ନେଇଛି ଦକ୍ଷିଣ ଆଫ୍ରିକା । ଏହି ଦମଦାର ବିଜୟ ସହିତ, ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି । ଖାଲି ସେତିକି ନୁହେଁ ଇଡେନ ଗାର୍ଡେନରେ ୫୩ ବର୍ଷର ପୁରୁଣା ରେକର୍ଡ ମଧ୍ୟ ଭାଙ୍ଗିଛି । ଘରୋଇ ମାଟିରେ ୧୨୪ରନ୍ କରିନପାରିନାହିଁ ଟିମ୍ ଇଣ୍ଡିଆ । ଭାରତୀୟ ବ୍ୟାଟରଙ୍କର ନୈରାଶ୍ୟଜନକ ପ୍ରଦର୍ଶନ ପରାଜୟର କାରଣ ହୋଇଛି । ଭାରତର ଦ୍ୱିତୀୟ ଇନିଂସରେ ଦକ୍ଷିଣ ଆଫ୍ରିକାର ସାଇମନ ହାମର ୪ଟି ଓ୍ୱିକେଟ ନେଇଛନ୍ତି । ପ୍ରଥମ ଟେଷ୍ଟରେ ସାଉଥ ଆଫ୍ରିକା ୩୦ରନ୍ ବିଜୟୀ ହୋଇଛି । ଭାରତ ୯୩ରନ୍‌ରେ ଅଲଆଉଟ ହୋଇଛି । ମୁକାବିଲାର ତୃତୀୟ ଦିନ ଅର୍ଥାତ୍ ଆଜି ଦ୍ୱିତୀୟ ସେସନ୍ ସମାପ୍ତ ହୋଇଛି । ସାଉଥ୍ ଆଫ୍ରିକା ସ୍ପିନର ସାଇମନ ହାର୍ମର ଏହି ମୁକାବିଲାରେ ଦଳ ପାଇଁ ଦୁଇପାଳିରେ ୪ଟି ଲେଖାଏଁ ହିସାବରେ ୮ ଓ୍ୱିକେଟ ଅକ୍ତିଆର କରିଛନ୍ତି । ମୁକାବିଲାରେ ଦିନ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଅଧିନାୟକ ଟେମ୍ବା ବଭୁମା । ପ୍ରଥମ ପାଳିରେ ଦଳ କେବଳ ୧୫୯ ରନ୍ କରିଥିଲା । ଜବାବରେ ଭାରତ ୧୮୯ରନ୍ କରିଥିଲା । ପ୍ରଥମ ଇନିଂସ ଆଧାରରେ ଭାରତ ୩୦ରନ୍ ଲିଡ୍ କରୁଥିଲା । ଦ୍ୱିତୀୟ ପାଳିରେ ଦକ୍ଷିଣ ଆଫ୍ରିକା ୧୫୩ରନ୍ କରି ଭାରତ ଆଗରେ ୧୨୪ରନ୍ ଟାର୍ଗେଟ ସେଟ୍ କରିଥିଲା । ହେଲେ ଭାରତୀୟ ବ୍ୟାଟର ହାମରଙ୍କ ଆଗରେ ସରେଣ୍ଡର କରିଥିଲେ । ମାତ୍ର ୯୩ରନରେ ଅଲଆଉଟ ହୋଇଥିଲା ଇଣ୍ଡିଆ । ରିଟାୟାର୍ଡ ହଟ ଅଧିନାୟକ ଶୁବମନ ଗିଲ ଖେଳିନଥିଲେ । ଓ୍ୱାଶିଂଟନ ସୁନ୍ଦର ୯୩ ବଲରେ ୩୧ ରନ୍ କରିଥିଲେ । ହେଲେ ତାଙ୍କୁ ଅନ୍ୟ ବ୍ୟାଟରଙ୍କ ସାଥ ମିଳିନଥିଲା । ଜୈସ୍ୱାଲ ଖାତା ଖୋଲି ପାରିନଥିଲେ । କେଏଲ ରାହୁଲ ୧ ରନ୍, ଧ୍ରୁବ ଜୁରେଲ ୧୩ରନ୍, ରିଷବ ପନ୍ତ ୨ ରନ୍, ଜାଡେଜା ୧୮ରନ୍ କରି ଆଉଟ ହୋଇଥିଲେ । ମାର୍କୋ ଜନସନ ୨ଟି, କେଶବ ମହାରାଜା ୨ଟି ଓ ମାକ୍ରନ ଗୋଟି ଓ୍ୱିକେଟ ହାସଲ କରିଥିଲେ ।

## ହସ୍ପିଟାଲରେ ଶୁଭମନ ଗିଲ୍



କୋଲକାତା, ୧୬/୧୧: ପ୍ରଥମ ଟେଷ୍ଟମ୍ୟାଚ୍‌ରେ ଭାରତୀୟ ଅଧିନାୟକ ଶୁଭମନ ଗିଲ୍ ବେକରେ ଯନ୍ତ୍ରଣା ଯୋଗୁଁ ମାତ୍ର ୩ଟି ବଲ୍ ଖେଳି ରିଟାୟର୍ଡ ହର୍ଟ ହୋଇ ଫେରି ଯାଇଥିଲେ । ପରେ ଗିଲ୍‌ଙ୍କୁ ଡ୍ରେସିଂରୁମ୍‌ରୁ ଷ୍ଟ୍ରେଚର ଦ୍ୱାରା ଆମ୍ବୁଲାନ୍‌ସ ପର୍ଯ୍ୟନ୍ତ ନିଆଯାଇ ଏକ ଘରୋଇ ହସ୍‌ପିଟାଲକୁ ନିଆ ଯାଇଥିଲା । ସେଠାରେ ଗିଲ୍‌ଙ୍କ ବେକରେ ସ୍କାନିଂ କରା ଯାଇଥିଲା । ପୂରା ରାତି ଗିଲ୍ ହସ୍ପିଟାଲରେ ରହିଥିଲେ । ତେଣୁ ଚଳିତ ଟେଷ୍ଟମ୍ୟାଚ୍‌ରେ ଗିଲ୍ ଆଉ ଖେଳିବା ଅସମ୍ଭବ । ତାଙ୍କ ଉପରେ ବିସିସିଆଇର ଡାକ୍ତରୀ ଦଳ ନଜର ରଖିଛନ୍ତି । ବେକରେ ଯନ୍ତ୍ରଣା ଗିଲ୍‌ଙ୍କ ପୁରୁଣା ସମସ୍ୟା । ଏହି କାରଣରୁ ସେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ଖେଳିନଥିଲେ ।

## ବେଆଇନ ଗୋରୁ ଚାଲାଣ ମାମଲା: ଗାଡ଼ି ଚାଳକକୁ କୋର୍ଟଚାଲାଣ

ବେଲଗୁଣ୍ଠା, ୧୫/୧୧(ନିପ୍ର): ଗତ ସେପ୍ଟେମ୍ବର ମାସରେ ବେଲଗୁଣ୍ଠା ପୋଲିସ୍ ଗାଡ଼ି ମଟର ଯାଞ୍ଚ୍ କରିବା ବେଳେ ଓଡ଼ି୩୨ଜେ୨୩୯୨ ନମ୍ବର୍ ବିଶିଷ୍ଟ ଏକ ପିକ୍ ଅପ୍ ଗାଡ଼ିରେ ବେଆଇନ୍ ଗୋରୁ ଚାଲାଣ ହେଉଥିବା ସୂଚନା ପାଇ ଗାଡ଼ିଟିର ପିଛା କରି ଏହାକୁ ବେଲଗୁଣ୍ଠା ଜଗନ୍ନାଥପ୍ରସାଦ ଛକ ନିକଟରେ ଅଟକାଇବା ସହିତ ସେଥିରେ ଅତି ଦୟନୀୟ ଅବସ୍ଥାରେ ଭର୍ତ୍ତି କରାଯାଇଥିବା ୧୨ ଟି ଗାଈକୁ ଉଦ୍ଧାର କରିଥିଲେ । ଗାଈ ଗୁଡ଼ିକୁ ଅମାନବୀୟ ଭାବରେ ଅତି ଅଳ୍ପ ସ୍ଥାନରେ ଲଦାଲଦି କରି ରଖାଯାଇଥିଲା । ଏନେଇ ଗାଡିକୁ ଜବତ କରାଯିବା ସହିତ ବେଲଗୁଣ୍ଠା ଥାନାରେ ୪୬୪/୨୫ ରେ ଏକ ମାମଲା ରୁଜୁ କରାଯାଇଥିଲା ଓ ଏହି ମାମଲାରେ ଜଡ଼ିତ ଗାଡ଼ି ଚାଳକ ତଥା ସୋରଡା ଥାନା ଅନ୍ତର୍ଗତ କଦଳୀଝୋଳା ଗ୍ରାମର ଟୁଟୁ ନାୟକ (୨୭) କୁ ବେଲଗୁଣ୍ଠା ପୋଲିସ୍ ଗିରଫ କରି କୋର୍ଟଚାଲାଣ କରିଥିବା ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି ।

## ବାଲିଯାତ୍ରା ଆୟୋଜନ ନେଇ ବର୍ଷିଲେ ମେୟର ସୁବାସ ସିଂହ

କଟକ,୧୬/୧୧(ନିପ୍ର): ବାଲିଯାତ୍ରା ପରେ ଆୟୋଜନକୁ ନେଇ ଜିଲ୍ଲା ପ୍ରଶାସନ ତଥା ନିର୍ଦ୍ଦିଷ୍ଟ ଭାବେ ଜିଲ୍ଲାପାଳଙ୍କ ମନମୁଖି କାମ ଅଭିଯୋଗ କରି ପ୍ରଶାସନର ନିମନ୍ତ୍ରଣପତ୍ର ଚିରିଲେ ମେୟର ସୁବାସ ସିଂହ । ପ୍ରଶାସନ ବାଲିଯାତ୍ରା ଆୟୋଜନରେ ନିର୍ବାଚିତ ଲୋକ ପ୍ରତିନିଧି ଓ ସିଏମସି କାଉନସିଲକୁ ନିମନ୍ତ୍ରଣ ନକରିବା ଅଭିଯୋଗ କରି ଏକ ପ୍ରତୀକାତ୍ମକ ବିରୋଧ ସ୍ୱରୂପ ମେୟର ବାଲିଯାତ୍ରା ସରିବା ପରେ ରବିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କ୍ୟାମେରା ସାମ୍ନାରେ ଏଭଳି ନିମନ୍ତ୍ରଣ ପତ୍ର ଚିରିଛନ୍ତି । ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନ ଅଧାପନ୍ତରିଆ କରିବା ଓ ଆୟୋଜନରେ ମନମାନୀ କରି ଲୋକଙ୍କ ଜୀବନ ବିପନ୍ନ କରିବା ସଂପର୍କରେ ସିଏମସି କାଉନସିଲ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜିଲ୍ଲାପାଳଙ୍କ କାର୍ଯ୍ୟକଳାପର ସମୀକ୍ଷା କରିବା ପାଇଁ ନିବେଦନ କରିବେ ବୋଲି ମେୟର କହିଛନ୍ତି । କଟକ ମେୟର ସୁବାସ ସିଂହ ବାଲିଯାତ୍ରା ଆୟୋଜନ ଅନିୟମିତତା ସଂପର୍କରେ ସାମ୍ବାଦିକ ସମ୍ମିଳନୀ ଡାକି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଉପରେ ବେଶ୍ ବର୍ଷିଛନ୍ତି । ବାଲିଯାତ୍ରା ଆୟୋଜନରେ ସିଏମସି ଓ ସିଏମସିର ନିର୍ବାଚିତ କାଉନସିଲକୁ ସଂପୂର୍ଣ୍ଣ ବାଦ ଦେଇଛନ୍ତି ବୋଲି ମେୟର କହିଛନ୍ତି ।

## ଡିସେମ୍ବର ଶେଷ ସପ୍ତାହରୁ ପଥୋତ୍ସବ

ଭୁବନେଶ୍ୱର, ୧୬/୧୧(ନିପ୍ର): ଡିସେମ୍ବର ଶେଷ ସପ୍ତାହରୁ ଭୁବନେଶ୍ୱରରେ ଆରମ୍ଭ ହେବ ପଥୋତ୍ସବ । ଶୀତୁଆ ସକାଳରେ ରାସ୍ତା ଉପରେ ମଉଜ କରିବେ ଭୁବନେଶ୍ୱରବାସୀ । ଏନେଇ ସୂଚନା ଦେଇଛନ୍ତି ବିଏମସି କମିଶନର ଚଞ୍ଚଲ୍ ରାଣା । ଡିସେମ୍ବର ଶେଷ ସପ୍ତାହରୁ ଆରମ୍ଭ ହେବ ପଥୋତ୍ସବ । ଡିସେମ୍ବର ଶେଷ ସପ୍ତାହ ଏବଂ ଜାନୁଆରୀ ମାସର ପ୍ରଥମଦୁଇଟା ସପ୍ତାହ ନିଆରା କାର୍ଯ୍ୟକ୍ରମ ହେବ । ତିନୋଟି ଜୋନରେ ଗୋଟିଏ ଲେଖାଏଁ ପଥୋତ୍ସବର ଆୟୋଜନ କରିବା ନେଇ ବିଏମସି ପ୍ରସ୍ତୁତି ଆରମ୍ଭ କରିଛି । ରବିବାର ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ପଥୋତ୍ସବର ଆୟୋଜନ କରାଯିବ । ନାଚ, ଗୀତ ସାଙ୍ଗକୁ ପେଣ୍ଟି, ସ୍କେଟିଂ,ଏବଂ ବିଭିନ୍ନ ଆକ୍ଟିଭିଟିର ଆୟୋଜନ କରିବ ବିଏମସି ।



ଭୁବନେଶ୍ୱର: ଜୟଦେବ ଭବନଠାରେ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଦେଖଣାହାରୀ । (ଫଟୋ-ଦିନଲିପି)

# ଗଣମାଧ୍ୟମ ମୁକ୍ତ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ

**ରାୟଗଡ଼ା:** ରାୟଗଡା ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସ୍ୱଭାଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ-୨୦୨୫ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ରାୟଗଡ଼ ବିଧାୟକ କାଡ୍ରାକା ଆପ୍ପାଲସ୍ୱାମୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ସାମ୍ବାଦିକ ବନ୍ଧୁମାନଙ୍କୁ ସମ୍ବୋଧିତ କରି ନିରପେକ୍ଷ, ନିର୍ଭୀକ ଓ ସତ୍ୟନିଷ୍ଠ ଭାବରେ ସମ୍ବାଦ ପରିବେଷଣ ପାଇଁ ନିବେଦନ କରିଥିଲେ । କହିଥିଲେ ଯେ ସାମ୍ବାଦିକମାନଙ୍କ ସମସ୍ୟା ଉପରେ ବିଧାନସଭାରେ ବହୁବାର ପ୍ରଶ୍ନ କରିଛି ଓ ଆଗକୁ ମଧ୍ୟ ପ୍ରଶ୍ନ ଉଥାପନ କରିବି ବୋଲି କହିଥିଲେ । ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକମାନେ ନିର୍ଭୀକ,ନିରପେକ୍ଷ,ସତ୍ୟ ଓ ଗଠନମୂଳକ, ସମସ୍ୟାଭିତ୍ତିକ ସମ୍ବାଦ ପରିବେଷଣ କରୁଥିବାରୁ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ଠାରେ ଖବରଗୁଡିକ ପହଞ୍ଚି ପାରୁଥିବାରୁ ଅନେକ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ ।

**ମାର୍ଶାଘାଇ:** ପ୍ରେସ କ୍ଲବ ତରଫରୁ ଜାତୀୟ ପ୍ରେସ ଦିବସ ଓରିଏଣ୍ଟାଲ କ୍ଲବ ପରିସରରେ ପାଳିତ ହୋଇଯାଇଛି । ପ୍ରେସ କ୍ଲବର ସଭାପତି ମାଧବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ସମସ୍ତ ଗଣମାଧ୍ୟମର ପ୍ରତିନିଧିମାନେ ନିଜର ମତାମତ ଦେଇଥିଲେ ଜାତୀୟ ପ୍ରେସ ବା ଗଣମାଧ୍ୟମ ପାଇଁ ଏକ ସ୍ମରଣୀୟ ଦିନ । ଗଣତନ୍ତ୍ରର ସଜାଗ ପ୍ରହରୀ ଭାବେ କାର୍ଯ୍ୟକରିବା ସହ କୌଣସି ବାହ୍ୟ ପ୍ରବାହରେ ପ୍ରଭାବିତ ନ ହୋଇ ଗଣମାଧ୍ୟମ ନିଜର ଉତ୍ତରଦାୟିତ୍ୱକୁ ନିର୍ବାହ କରିବା ସହ ବ୍ୟକ୍ତିର ବାକ୍ ସ୍ୱାଧୀନତାକୁ ସୁରକ୍ଷାଦେବା । ଯଦିଓ ସାରା ବିଶ୍ୱରେ ଅନେକ ପ୍ରେସ କାଉନସିଲ ରହିଛି ତଥାପି ଭାରତୀୟ ପ୍ରେସ କାଉନସିଲ ତାର ସ୍ୱତନ୍ତ୍ର ସ୍ଥାନ ରଖିବାରେ ସମର୍ଥ ହୋଇଅଛି । ତେଣୁ ଜାତୀୟ ପ୍ରେସ ଦିବସ ଅନେକ ଦୃଷ୍ଟିରୁ ଗୁରୁତ୍ୱ ରଖେ ।

**ଯାଜପୁର:** ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧକ୍ଷା ନଳିନୀ ପ୍ରଭା ଜେନା କହିଲେ ଗଣମାଧ୍ୟମ ବନ୍ଧୁମାନଙ୍କ ପାଇଁ ଏହା ଏକ ସ୍ୱତନ୍ତ୍ର ଦିନ । ବାତ୍ୟା ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ପୂର୍ବରୁ ଗଣମାଧ୍ୟମ ଦ୍ୱାରା ଆମେ ସଚେତନ ଓ ସଜାଗ ହୋଇପାରୁଛୁ । ସମାଜର ବିକାଶ ପଥରେ ଗଣମାଧ୍ୟମର ଅବଦାନ ରହିଛି । ସତ୍ୟର ଅନୁସନ୍ଧାନ ପୂର୍ବକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଦିବସରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ମିଡିଆର ସମସ୍ତ ପ୍ରତିନିଧିଙ୍କୁ ପ୍ରେସ ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କହିଲେ ସମ୍ବାଦ ପରିବେଷଣରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି । ସତ୍ୟ ଓ ମତାମତ ଆଧାରିତ ସକାରାତ୍ମକ ସମ୍ବାଦ ପରିବେଷଣ ଉପରେ ମତ ବ୍ୟକ୍ତ କରିଥିଲେ ।

**ଧାମନଗର:** ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ସର୍ବପୁରାତନ ଧାମନଗର ପ୍ରେସ କ୍ଲବ ପକ୍ଷରୁ ପ୍ରେସ କ୍ଲବ ପରିସରରେ ରବିବାର ପୂର୍ବାହ୍ନରେ ଜାତୀୟ ପ୍ରେସ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟର ବୈଦ୍ୟୁତିକ ଓ ମୁଦ୍ରିତ ଗଣମାଧ୍ୟମମାନେ ଦୀର୍ଘ ବର୍ଷ ହେଲା ନାର୍ଯ୍ୟଦାବିକୁ ନେଇ ବହୁ ବର୍ଷ ଧରି ବାରମ୍ବାର ସରକାରଙ୍କ ନିକଟରେ ଦାବି ରଖି ଆସୁଥିଲେ ହେଁ ଅଦ୍ୟାବଧି ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଖବରଦାତାଙ୍କର ନାନାଦି ସମସ୍ୟା ହେଉଛି ବୋଲି ମତ ପ୍ରକାଶ ପାଇଥିଲା । କ୍ଲବର ସଭାପତି କିଶାନ କୁମାର ରାଉତଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ସରୋଜ କୁମାର ସେଠୀ କ୍ଲବର ବିବରଣୀ ପାଠ କରିବା ସହ ବିଭିନ୍ନ ସମସ୍ୟା, ଆଗାମୀ ବୈଠକ ଓ ସାଂଗଠନିକ ପଦକ୍ଷେପ ଉପରେ ସାମ୍ୟକ୍ ସୂଚନା ଦେଇଥିଲେ । ଏକତା ବଜାୟ ରଖିବା ସହ ନିର୍ଭୀକ ସମ୍ବାଦ ଖବର ପ୍ରସାରଣ, ଗଣମାଧ୍ୟମର ସମାଜୀକ ଦାୟିତ୍ୱ ଓ ପାରଦର୍ଶିତା ବିଷୟରେ ଆଲୋଚନା ହୋଇଥିଲା ।

**ପାରାଦୀପ:** ଜାତୀୟ ପ୍ରେସ୍ ଦିବସ ରବିବାର ପାରାଦୀପ କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ ଶଶାଙ୍କ ଶେଖର ଆଚାର୍ଯ୍ୟ । ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା ଗଣତନ୍ତ୍ରର ଅଘୋଷିତ ୪ର୍ଥ ସ୍ତମ୍ଭରେ କାର୍ଯ୍ୟ କରୁଥିବା ସାମ୍ବାଦିକମାନେ ନିଜ ଜୀବନକୁ ବିପନ୍ନ କରି ନିଷ୍ଠାପର ଭାବେ କାର୍ଯ୍ୟ କରୁଛନ୍ତି । ସମ୍ବାଦ ସଂଗ୍ରହ ସମୟରେ ବା ସମ୍ବାଦ ପରିବେଷଣ କରିବା ପରେ ଆକ୍ରମଣ ବା ଧମକର ଶିକାର ହେଉଥିବା ସାମ୍ବାଦିକଙ୍କ ପ୍ରତି ସେମାନେ କାର୍ଯ୍ୟ କରୁଥିବା ସଂସ୍ଥା କେବେ ହେଲେ ବି ସାଥ୍ ଦେଇନଥାନ୍ତି । କାର୍ଯ୍ୟରତ ସାମ୍ବାଦିକର ଯଦି କୌଣସି କାରଣରୁ ମୃତ୍ୟୁ ହୋଇଯାଏ ସଂପୃକ୍ତ ସଂସ୍ଥା କେବେ ବି ସହାୟତାର ହାତ ନବଢେଇବା ଦୁଃଖ ଓ ପରିତାପର ବିଷୟ ବୋଲି ଶ୍ରୀ ଜେନା କ୍ଷୋଭ ପ୍ରକାଶ କରିଥିଲେ । ସାମ୍ବାଦିକ ମନୋଜ କୁମାର ଦାସ, ରତ୍ନାକର ଜେନା ପ୍ରମୁଖ ସାମ୍ବାଦିକମାନଙ୍କ ସୁରକ୍ଷା ସମ୍ପର୍କରେ ସରକାର ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବି କରିଥିଲେ ।

**ପାରାଦୀପ:** ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପରିସରରେ ଆଜି ଓଡିଶା ସାମ୍ବାଦିକ ସଙ୍ଘ ପାରାଦୀପ ଶାଖା ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି । ଓଡିଶା ସାମ୍ବାଦିକ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯୋଧନ ମହାରଣା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଦେଶରେ ସାମ୍ବାଦିକତା ଦୁଇ ଭାଗରେ ପରିଣତ ହୋଇଛି । ଗୋଟିଏ ପକ୍ଷ କର୍ପୋରେଟ ହାଉସେସଙ୍କ ଦ୍ୱାରା ନିୟୋଜିତ ହୋଇଥିବା ବେଳେ ଅନ୍ୟ ପକ୍ଷଟି ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛନ୍ତି । ଯାହାକି ସମଗ୍ର ଦେଶପାଇଁ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି । ନିରପେକ୍ଷ ସାମ୍ବାଦିକତା ଦିନକୁ ଦିନ ଧୂଳିସାତ ହେଉଛି ବୋଲି ଉପସ୍ଥିତ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଅନ୍ୟ ପକ୍ଷରେ ସୋସିଆଲ ମିଡିଆ ଦେଶର ସାମ୍ବାଦିକତା କ୍ଷେତ୍ରରେ ଆଉ ଏକ ନୂଆ ରୂପରେ ଉଭା ହୋଇଛି । ଏଥି ସହିତ ପ୍ରିଣ୍ଟ ମିଡିଆମାନଙ୍କୁ ମଧ୍ୟ ପଛରେ ପକାଇ ଦେଇଛି ।




**ବ୍ରହ୍ମପୁର:** ଚିକିଟି ଓ ପାତ୍ରପୁର ବ୍ଲକର ସାମ୍ବାଦିକଙ୍କ ମିଳିତ ସମାହାରରେ ଗଠିତ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଚିକିଟି ବ୍ଲକ ସମ୍ମିଳନୀ କକ୍ଷଠାରେ ରବିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ସାମ୍ବାଦିକମାନେ ଏକତ୍ର ହେଲେ ସେମାନଙ୍କ ଦାବି ପୂରଣ ହୋଇପାରିବ ବୋଲି କହିବା ସହିତ ସେମାନେ ସାମ୍ବାଦିକତା ବୃତ୍ତିକୁ ନିଷ୍ଠାର ସହ କରିବା ପାଇଁ ଆହ୍ୱାନ ଦେଇଥିଲେ । ସାମ୍ବାଦିକ ରବି ରଥ ଯୋଗଦେଇ ଆଜିର ସାମ୍ବାଦିକତା ବିନା ସାଲିସରେ ସମ୍ଭବପର ହେଉନଥିବା କହିଥିଲେ । ସମ୍ମାନୀୟ ଅତିଥି ଭାବେ ଚିକିଟି ବିଡ଼ିଓ ବିବେକାନନ୍ଦ ମିଶ୍ର ,କେ ନୂଆଗାଁ ଥାନା ଅଧିକାରୀ କିଶୋର କୁମାର ସାମଲ ଓ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ସମାଜ ସଭାପତି ସତ୍ୟନାରାୟଣ ପାଢ଼ୀ ଯୋଗଦେଇ ସାମ୍ବାଦିକ ମାନେ ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବାରୁ ସେମାନେ ପ୍ରଶଂସାର ପାତ୍ର ବୋଲି କହିଥିଲେ ।

**ଆସିକା:** ସ୍ଥାନୀୟ ଖମ୍ବେଶ୍ୱରୀ କଲ୍ୟାଣୀ ମଣ୍ଡପ ଠାରେ ବରିଷ୍ଠ ସାମ୍ବାଦିକ ଖିରୋଦ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି । ଏହି ଅବସରରେ ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଆଜିର ସମାଜରେ ଗଣମାଧ୍ୟମର ଆବଶ୍ୟକତା ଓ କାର୍ଯ୍ୟଶୈଳୀ ଉପରେ ଉପସ୍ଥିତ ଅତିଥିମାନେ ନିଜ ମନ୍ତବ୍ୟ ଦେବା ସହିତ କିପରି ନିଜ ଜୀବନକୁ ବାଜିଲାଗାଇ ଜନସାଧାରଣଙ୍କ ନିକଟରେ ଦେଶ ବିଦେଶର ଟିକନିଖି ଖବର ପହଞ୍ଚାଇଥାନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ । ଆଜିର ଏହି ବୈଠକରେ ଆସିକା ପାଇଁ ରେଳ ପଥ, ଉନ୍ନତମାନର ମେଡିକାଲ, ଏସିଆ ମହାଦେଶର ସର୍ବପୁରାତନ ଚିନିକଳ ଓ ସୂତାକଳର ପୁନରୁଦ୍ଧାର ଉପରେ ଏକ ଦାବିପତ୍ର ଆସିକା ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ପ୍ରଦାନ କରିଥିଲେ ।

**ପିପିଲି:** ପିପିଲି ବ୍ଲକ ଅଧୀନ ମଙ୍ଗଳପୁର ପାର୍ଶ୍ୱ ହୋଟେଲ ଦି.ରାଞ୍ଚ ପରିସରରେ ରାଜ୍ୟସ୍ତରୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ସୁସ୍ଥ ସମାଜ ଗଠନ ପାଇଁ ସାମ୍ବାଦିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ତଳ ସ୍ତରରେ ବିକାଶ ପହଞ୍ଚାଇବା ପାଇଁ ଚତୁର୍ଥ ସ୍ତମ୍ଭର ଭୂମିକା ବହୁତ ଅଧିକ ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ । ତେଣୁ ସାମ୍ବାଦିକ ସୁରକ୍ଷା ଆଇନ ମଧ୍ୟରେ ବିଭିନ୍ନ ଦାବିକୁ ରାଜ୍ୟ ସଙ୍ଘ ସଭାପତି ମନୋଜ ଦାସ ଉପସ୍ଥିତ ଅତିଥି ମାନଙ୍କ ପାଖରେ ଉପସ୍ଥାପିତ କରିବା ସହ ବିଧାନସଭାରେ ଏ ପ୍ରସଙ୍ଗ ଉଠାଇବା ପାଇଁ ପ୍ରସ୍ତାବ ଦେଇଥିଲେ । ତେବେ ସାମ୍ବାଦିକମାନଙ୍କ ନାର୍ଯ୍ୟ ଦାବିକୁ ନିଜ ନିଜ ଫୋରମରେ ଉଠାଇ ପୂରଣ କରାଇବା ପାଇଁ ସାଂସଦ ଓ ବିଧାୟକମାନେ ପ୍ରତଶ୍ରୁତି ଦେଇଥିଲେ ।

**ଭଦ୍ରକ:** ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ଜିଲ୍ଲା ସଂସ୍କୃତି ଭବନଠାରେ ପାଳନ କରାଯାଇଛି । ଦେଶରେ ବଢୁଥିବା ତଥ୍ୟ ବିକୃତି, ଭ୍ରାନ୍ତିସୂଚନା ଓ ସୋସିଆଲ୍ ମିଡିଆର ଚାପ ମଧ୍ୟରେ ଗଣମାଧ୍ୟମର ବିଶ୍ୱସନୀୟତାକୁ ଶକ୍ତିଶାଳୀ କରିବା ଏହି ବିଷୟର ମୂଳ ଲକ୍ଷ୍ୟ । ଜାତୀୟ ପ୍ରେସ୍ ଦିବସ ଅତୀତକୁ ସ୍ମରଣ କରିବା ପାଇଁ ମାତ୍ର ନୁହେଁ ଏହା ଗଣମାଧ୍ୟମକୁ ନୀତି, ସତ୍ୟ, ସାହସ ଓ ସାମାଜିକ ଦାୟିତ୍ୱର ପଥରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଥିବା ଦିବସ । ଜିଲ୍ଲାପାଳ ଦିଲୀପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଏବଂ ଭଦ୍ରକ ଜିଲ୍ଲାର ଅନେକ ସାମ୍ବାଦିକମାନେ ଉପସ୍ଥିତ ଥିଲେ । ଆଜିର ଆଲୋଚ୍ୟ ବିଷୟ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱସନୀୟତା ସଂରକ୍ଷଣ' ଉପରେ ଉପସ୍ଥିତ ଥିବା ସମସ୍ତ ସାମ୍ବାଦିକ ଓ ଅନ୍ୟ ଅଧିକାରୀମାନେ ନିଜ ନିଜର ମତ ରଖିଥିଲେ ।

**ବଡ଼ସାହି:** ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ପୁରୁଣା ବାରିପଦାଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବଡ଼ସାହି ବ୍ଲକ ତହସିଲଦାର କରୁଣାକର ଧାନ୍ଦା, ମୁଖ୍ୟ ବକ୍ତା ଖୁଣ୍ଟା ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା, ସମ୍ମାନିତ ଅତିଥି ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରା, ପୁରୁଣା ବାରିପଦା ପଞ୍ଚାୟତର ସରପଞ୍ଚ ଭୋଳାନାଥ ସିଂ ଯୋଗ ଦେଇ ଗଣମାଧ୍ୟମ ମୁକ୍ତ ହେଲେ ଗଣତନ୍ତ୍ର ସୁଦୃଢ ହେବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରେସ କ୍ଲବର ସଂପାଦକ ଡ଼ଃ କୁମାର ବାବୁଲି ଧନ୍ୟବାଦ ଦେଇଥିଲେ । ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

**ଯାଜପୁର:** ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗଣମାଧ୍ୟମ ବନ୍ଧୁମାନଙ୍କ ପାଇଁ ଏହା ଏକ ସ୍ୱତନ୍ତ୍ର ଦିନ । ଏହି ଦିବସକୁ ସ୍ମରଣୀୟ ରଖିବା ପାଇଁ ଜାତୀୟ ପ୍ରେସ ଦିବସ ସାରା ଭାରତ ବର୍ଷରେ ପାଳିତ ହୋଇ ଆସୁଛି । ବାତ୍ୟା ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ପୂର୍ବରୁ ଗଣମାଧ୍ୟମ ଦ୍ୱାରା ଆମେ ସଚେତନ ଓ ସଜାଗ ହୋଇପାରୁଛୁ । ସମାଜର ବିକାଶ ପଥରେ ଗଣମାଧ୍ୟମର ଅବଦାନ ରହିଛି । ସତ୍ୟର ଅନୁସନ୍ଧାନ ପୂର୍ବକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଦିବସରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ମିଡିଆର ସମସ୍ତ ପ୍ରତିନିଧିଙ୍କୁ ପ୍ରେସ ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କହିଲେ ସମ୍ବାଦ ପରିବେଷଣରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି । ସତ୍ୟ ଓ ମତାମତ ଆଧାରିତ ସକାରାତ୍ମକ ସମ୍ବାଦ ପରିବେଷଣ ଉପରେ ମତବ୍ୟକ୍ତ କରିଥିଲେ । 'ବିଶ୍ୱସନୀୟତାର ସଂରକ୍ଷଣ' ପ୍ରସଙ୍ଗରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର, ପ୍ରମାଣ ପତ୍ର ପ୍ରଦାନ ଓ ଫଳ ଚାରା ବଣ୍ଟନ କରାଯାଇଥିଲା ।

**ଚମ୍ପୁଆ:** ଚମ୍ପୁଆ ସାମ୍ବାଦିକ ସଂଘ ପକ୍ଷରୁ ନିଆରା ଢଙ୍ଗରେ ପାଳନ କରାଗଲା ଜାତୀୟ ପ୍ରେସ ଦିବସ । ଆଦିବାସୀ ବହୁଳ ବିଚ୍ଛିନ୍ନାଂଚଳ କୁଟାରିପୋଶି ପଂଚାୟତଠାରେ କୁନିକୁନି ପିଲା ଓ ବୟସ୍କ ବୃଦ୍ଧବୃଦ୍ଧାଙ୍କ ସହ ଭାବର ଆଦାନପ୍ରଦାନ କରିବା ସହିତ ଏହି ଦିବସକୁ ନିଆରା ତଥା ନିରାଡମ୍ବର ଭାବରେ ପାଳନ କରିଛନ୍ତି ଚମ୍ପୁଆ ପ୍ରେସ କ୍ଲବର ସଦସ୍ୟ ମାନେ । ନଭେମ୍ବର ୧୬ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଗଣିତ ସାମ୍ବାଦିକଙ୍କ ପାଇଁ ଦିବସଟିଏ । ଏହି ଦିବସ ଉପଲକ୍ଷେ ଚମ୍ପୁଆ ସାମ୍ବାଦିକ ସଂଘ ପକ୍ଷରୁ କୁଟାରିପୋଶି ପଂଚାୟତ ସଭା ଗୃହ ଠାରେ ଆୟୋଜନ କରାଯାଇଥିଲା କାର୍ଯ୍ୟକ୍ରମ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ କଂଗ୍ରେସ ଯୁବ ନେତା ଗୁରୁବକ୍ସିଂ ଆଲୁଓ୍ୱାଲିଆ, ସ୍ଥାନୀୟ ସରପଂଚ ଜୟରାମ ଚାତାର ଓ ପଂଚାୟତ ସମିତି ସଭ୍ୟ ପାର୍ବାନ ବାନାରା ପ୍ରମୁଖ ଯୋଗ ଦେଇ ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେସ୍ୟ ଏବଂ ସାମ୍ବାଦିକଙ୍କର କର୍ତ୍ତବ୍ୟ ଉପରେ ମତ ରଖିଥିଲେ ।

**ଆଠଗଡ:** ଜାତୀୟ ପ୍ରେସ ଦିବସ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଆଠଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ପାଳିତ ହୋଇଯାଇଛି । ଆଠଗଡ଼ର ବରିଷ୍ଠ ସାମ୍ବାଦିକ ସନାତନ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସହିତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଏବଂ ସୁସ୍ଥ ଗଣତନ୍ତ୍ର ନିମନ୍ତେ ସାମ୍ବାଦିକମାନଙ୍କ ଦାୟିତ୍ୱ ଉପରେ ସାମ୍ବାଦିକମାନେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଯୁବ ସାମ୍ବାଦିକ ସ୍ୱରାଜ ପଣ୍ଡା ପ୍ରମୁଖ ଆଜିର ଜାତୀୟ ପ୍ରେସ ଦିବସର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବା ସହ ବରିଷ୍ଠ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକଙ୍କୁ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବହୁବାର ଅବଗତ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ସାମ୍ବାଦିକ ଚନ୍ଦ୍ରକାନ୍ତ ମିଶ୍ର ସାମ୍ବାଦିକମାନେ ସମାଜର ନିଷ୍ପେସିତ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ